RNI No.ODIODI/2010/33031
୧୭ ବର୍ଷ Volume- 17
ISSUE -203 ସଂଖ୍ୟା-୨୦୩
ଭୁବନେଶ୍ୱର, ଗୁରୁବାର ୨୯ ଅକ୍ଟୋବର ୨୦୨୬
Bhubaneswar, Thursday 29 October, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



# ଆନ୍ଧ୍ରରେ ତାଣ୍ଡବ ରଚିଲା ବାତ୍ୟା ଅର୍ଣ୍ଣବ

ଭୁବନେଶ୍ୱର,୨୮।୧୦: ମଙ୍ଗଳବାର ବିଳମ୍ବିତ ରାତିରେ ସ୍ଥଳ ଭାଗ ଛୁଇଁଥିବା ଅତି ଭୀଷଣ ବାତ୍ୟା ଅର୍ଣ୍ଣବ ଆନ୍ଧ୍ର ଉପକୂଳକୁ ଛାରଖାର କରି ଦେଇଛି। ବାତ୍ୟା ଅର୍ଣ୍ଣବ ଯୋଗୁ ଗଛ ପଡ଼ି ଓ ବିଦ୍ୟୁତ ଆଘାତ ଲାଗି ୫ ଜଣଙ୍କ ଜୀବନ ଯାଇଛି। ସେହିପରି ଶହଶହ ହେକ୍ଟର ଚାଷ ଜମି ଠାରୁ ଆରମ୍ଭ କରି ଘର ଦ୍ୱାରକୁ ମଧ୍ୟ ବର୍ବାଦ କରି ଦେଇଛି।

ଅର୍ଣ୍ଣବର ତାଣ୍ଡବ ସଂପୂର୍ଣ୍ଣ ଭାବେ ଶେଷ ହୋଇ ନଥିଲେ ହେଁ ଏବେ ଠାରୁ କେନ୍ଦ୍ର ସରକାରଙ୍କ ସହାୟତା ଲୋଡ଼ିଛନ୍ତି ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଏନ ଚନ୍ଦ୍ରବାବୁ ନାଇଡୁ। ସେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କୁ ଚିଠି ଲେଖିଛନ୍ତି। ତତ୍କାଳ କେନ୍ଦ୍ରୀୟ ସହାୟତା ଓ ବାତ୍ୟା ଅର୍ଣ୍ଣବ କରିଥିବା କ୍ଷତିର ଆକଳନ ପାଇଁ କେନ୍ଦ୍ରୀୟ ଟିମ ପଠାଇବାକୁ ଅନୁରୋଧ କରିଛନ୍ତି।

ମୁଖ୍ୟମନ୍ତ୍ରୀ ନାଇଡୁ ବାତ୍ୟା ଅର୍ଣ୍ଣବ କରିଥିବା କ୍ଷତିର ପ୍ରାଥମିକ ତଥ୍ୟ ମଧ୍ୟ ଚିଠିରେ ଉଲ୍ଲେଖ କରିଛନ୍ତି। ବାତ୍ୟା ଯୋଗୁ କୃଷି କ୍ଷେତ୍ର ସବୁଠାରୁ ଅଧିକ ପ୍ରଭାବିତ ହୋଇଛି। ୭୦,୯୦୦ ହେକ୍ଟର ଚାଷ ଜମି ବାତ୍ୟାରେ ପ୍ରଭାବିତ ହୋଇଥିବା ବେଳେ ୧୦,୪୫୦ ହେକ୍ଟର ଉଦ୍ୟାନ ଉତ୍ପାଦ ନଷ୍ଟ ହୋଇଯାଇଛି। କୃଷି ଓ ଉଦ୍ୟାନକୁ ମିଶାଇଲେ ମୋଟ ୮୧,୩୫୦ ହେକ୍ଟର ଜମିକୁ ବାତ୍ୟା ଅର୍ଣ୍ଣବ ଛାରଖାର କରିଦେଇଛି।

ବାତ୍ୟାକୁ ଦେଖି ଆନ୍ଧ୍ର ପ୍ରଦେଶର ବିଭିନ୍ନ ସ୍ଥାନରୁ ୨୮ ହଜାର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଥିଲା। ରାଜ୍ୟ ସରକାର ସ୍ଥିତର ମୁକାବିଲା ପାଇଁ ୧୪ଟି ଜିଲ୍ଲାରେ ୧୬ଟି ଏନଡିଆରଏଫ ଟିମ ଓ ୧୧ଟି ରାଜ୍ୟ ବିପର୍ଯ୍ୟୟ ପରିଚାଳନା ଟିମକୁ ମୁତୟନ କରିଛନ୍ତି।

ଚିଠିରେ ମୁଖ୍ୟମନ୍ତ୍ରୀ ନାଇଡୁ ଦାବି କରିଛନ୍ତି ଯେ ବାତ୍ୟାରେ କେହି ବି ମୃତାହତ ହୋଇ ନାହାନ୍ତି। କିନ୍ତୁ ଏନଡିଆରଏଫ ଆଇଜି ବାତ୍ୟା ଜନିତ ଅଘଟଣାରେ ୫ ଜଣଙ୍କ ମୃତ୍ୟୁ ହୋଇଥିବା ଜାତୀୟ ଗଣମାଧ୍ୟମଗୁଡ଼ିକୁ ସୂଚନା ଦେଇଛନ୍ତି। ହେଲେ ଚିଠିରେ ମୁଖ୍ୟମନ୍ତ୍ରୀ ଏକଥା ଲେଖି ନାହାନ୍ତି।

ମୁଖ୍ୟମନ୍ତ୍ରୀଙ୍କ କହିବା କଥା ଯେ ପ୍ରବଳ ବର୍ଷା ଓ ପବନ ଯୋଗୁ ୧୮୦ଟି ଘର କ୍ଷତିଗ୍ରସ୍ତ ହୋଇଛି। କୋନାସୀମା ଜିଲ୍ଲାରେ ସବୁଠାରୁ ଅଧିକ ଘର ଭାଙ୍ଗିଛି। ରାଜ୍ୟ ରାଜପଥରେ ୨୨୦ରୁ ଅଧିକ ଗଛ ଭାଙ୍ଗିଛି। ଏଥିଯୋଗୁ ଯାତାୟାତ ବନ୍ଦ ହୋଇଛି।

ବର୍ତ୍ତମାନ ସୁଦ୍ଧା ୧୭୦ଟି ଗଛକୁ ରାସ୍ତାରୁ ହଟାଇ ଦିଆଯାଇଛି। ଉପକୂଳ ଜିଲ୍ଲାର ବିଭିନ୍ନ ସ୍ଥାନରେ ରାସ୍ତାଘାଟ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ବାତ୍ୟା ପ୍ରଭାବିତ ଅଞ୍ଚଳରେ ବିଦ୍ୟୁତ ଯୋଗାଣ ସାଂଘାତିକ ଭାବେ ପ୍ରଭାବିତ ହୋଇଛି। ବିଜୁଳି ଯୋଗାଣ ପାଇଁ ଏକାଧିକ ଟିମ ଲାଗି ପଡ଼ିଛନ୍ତି।






ବାତ୍ୟା ଅର୍ଣ୍ଣବ ଗୋଦାବରୀ ଡେଲଟା ଉପକୂଳରେ ସାଂଘାତିକ ତାଣ୍ଡବ ରଚିଛି। ବିଶେଷ କରି କୋନାସୀମା, କାକିନାଡା, ପୂର୍ବ ଗୋଦାବରୀ ଓ ପଶ୍ଚିମ ଗୋଦାବରୀ ଜିଲ୍ଲାରେ ସବୁଠାରୁ ଅଧିକ ପ୍ରଭାବିତ ହୋଇଛି। କ୍ରିଷ୍ଣା ଓ ଆନାକାପାଲି ଜିଲ୍ଲାରେ ମଧ୍ୟ ବାତ୍ୟାର ପ୍ରଭାବ ଦେଖାଯାଇଛି।

ବାତ୍ୟା ଅର୍ଣ୍ଣବ ଆନ୍ଧ୍ର ପ୍ରଦେଶ ଓ ୟାନାମ ଉପକୂଳ ନିକଟ ନର୍ସାପୁରରେ ଲ୍ୟାଣ୍ଡଫଲ କରିଥିଲା। ଏହି ସମୟରେ ପବନର ସର୍ବାଧିକ ବେଗ ଘଣ୍ଟା ପ୍ରତି ୧୪୦ କିମି ରହିଥିଲା। ସେହିରି ସମୁଦ୍ର ଜଳସ୍ତର ୧ରୁ ୧.୫ ମିଟର ଉପରକୁ ଉଠି ତଳିଆ ଅଞ୍ଚଳରେ ପଶିଥିବା ନାଇଡୁ କହିଛନ୍ତି।

ନିଜ ଚିଠିରେ ମୁଖ୍ୟମନ୍ତ୍ରୀ ନାଇଡୁ ନିର୍ଦ୍ଦିଷ୍ଟ ଭାବେ କେନ୍ଦ୍ରକୁ ଦୁଇଟି ଅନୁରୋଧ କରିଛନ୍ତି। ଆଗାମୀ ଦିନରେ ଏନଡିଆରଏଫ ଓ ଅନ୍ୟ କେନ୍ଦ୍ରୀୟ ଏଜେନ୍ସିର ସହାୟତା ଜାରି ରଖାଯାଉ।

ରାଜ୍ୟ ସରକାର କ୍ଷୟକ୍ଷତିର ଆକଳନ କରି ରିପୋର୍ଟ ଦାଖଲ କରିବା ମାତ୍ରେ ତତ୍କାଳ ପ୍ରଭାବରେ ଗୋଟିଏ କେନ୍ଦ୍ରୀୟ ଟିମକୁ ଏହାର ଯାଞ୍ଚ ପାଇଁ ମୁତୟନ କରାଯାଉ ବୋଲି ନାଇଡୁ ଚିଠିରେ ଦାବି କରିଛନ୍ତି।

ଛତିଶଗଡ଼କୁ ଲାଗି ରହିଥିବା ଓଡ଼ିଶାର ଆଭ୍ୟନ୍ତରୀଣ ଜିଲ୍ଲାଗୁଡ଼ିକରେ ଆଜି ରାତିରୁ ଆସନ୍ତାକାଲି ସକାଳ ପର୍ଯ୍ୟନ୍ତ ଅତିବେଶୀରେ ଘଣ୍ଟାପ୍ରତି ୪୫ରୁ ୫୫ କିମି ବେଗରେ ପବନ ପ୍ରବାହିତ ହେବାର ସମ୍ଭାବନା ରହିଛି। ସେହିପରି ଝଟକା ପବନର ବେଗ ଘଣ୍ଟାପ୍ରତି ୬୫ କିମି ରହିପାରେ।

## ଲ୍ୟାଣ୍ଡଫଲ୍ ପ୍ରକ୍ରିୟା ୬ ଘଣ୍ଟା ଧରି ଚାଲିଲା

ଭୁବନେଶ୍ୱର,୨୮।୧୦: ଗତକାଲି ରାତିରେ ଲ୍ୟାଣ୍ଡଫଲ୍ କରିଥିଲା ଅତି ଭୀଷଣ ବାତ୍ୟା 'ଅର୍ଣ୍ଣବ'। ପୂର୍ବ ଆକଳନଠାରୁ ଯଥେଷ୍ଟ ଆଗୁଆ ଆସି ଏହା ସ୍ଥଳଭାଗ ଛୁଇଁଥିଲା। କିନ୍ତୁ ଲ୍ୟାଣ୍ଡଫଲ୍ ପ୍ରକ୍ରିୟା ପ୍ରାୟ ୬ ଘଣ୍ଟା ଧରି ଚାଲିଥିଲା। ଅର୍ଥାତ୍ ଉପକୂଳ ଅତିକ୍ରମ କରିବାକୁ ଏହାକୁ ୬ ଘଣ୍ଟା ଲାଗିଯାଇଥିଲା। ଲ୍ୟାଣ୍ଡଫଲ ବେଳେ 'ଅର୍ଣ୍ଣବ' ଦିଗ ବଦଳାଇବାକୁ ଚେଷ୍ଟା କରିବାରୁ ଏମିତି ବିଳମ୍ବ ହେଲା ବୋଲି କହିଛନ୍ତି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍ଡି) ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର।

ସେ କହିଛନ୍ତି ଯେ ଗତକାଲି ସନ୍ଧ୍ୟାରେ ଆମେ କହିଥିଲୁ ଯେ ବାତ୍ୟାଟି ବହୁତ ଧୀରେ ଧୀରେ ଚାଲୁଛି। ଆଉ ତାହା ହିଁ ହେଲା। ବାତ୍ୟା ଧୀରେ ଧୀରେ ଯାଇ ଉପକୂଳରେ ପହଞ୍ଚିଲା। ଉପକୂଳ ଅତିକ୍ରମ କରିବା ପାଇଁ ବା ଲ୍ୟାଣ୍ଡଫଲ୍ ପ୍ରକ୍ରିୟା ଶେଷ ହେବା ପାଇଁ ପ୍ରାୟତଃ ୬ ଘଣ୍ଟା ସମୟ ଲାଗିଲା। ସିଧା ରାସ୍ତାରୁ ବୁଲାଣି ରାସ୍ତାକୁ ଗଲା ବେଳେ ଆମେ ସାଧାରଣତଃ ସାଇକେଲ କିମ୍ବା ଗାଡ଼ିର ବେଗ ହ୍ରାସ କରିଦେଇଥାଉ। ସେହିଭଳି ଲ୍ୟାଣ୍ଡଫଲ୍ ବେଳେ ଏହି ବାତ୍ୟା ତା'ର ଦିଗ ପରିବର୍ତ୍ତନ କରିବାକୁ ଚେଷ୍ଟା କରୁଥିଲା। ସେଥିପାଇଁ ଏହା ପ୍ରାୟତଃ ସ୍ଥିର ଅବସ୍ଥାରେ ରହିଯାଇଥିଲା ବା ବହୁତ ଧୀରେ ଧୀରେ ଗତି କରୁଥିଲା। ସେଥିପାଇଁ ଲ୍ୟାଣ୍ଡଫଲ୍ ପ୍ରକ୍ରିୟା ଶେଷ ହେବା ପାଇଁ ପ୍ରାୟ ୬ ଘଣ୍ଟା ଲାଗିଗଲା। ଯେତେବେଳେ ବାତ୍ୟା ଧୀରେ ଧୀରେ ଗତି କରେ ଅବା ସ୍ଥିର ରହିଯାଏ ସେତେବେଳେ ଉପକୂଳରେ ବର୍ଷାର ପରିମାଣ ବଢ଼ିଯାଏ। ସେଥିପାଇଁ ଅତି ଭୀଷଣ ବର୍ଷା ରେକର୍ଡ କରାଯାଇଛି।

ଆନ୍ଧ୍ରପ୍ରଦେଶର ଉପକୂଳରେ ବାପଟଲା ଓ ବିଶାଖାପାଟନମ ମଧ୍ୟବର୍ତ୍ତୀ ପୁଡୁଚେରୀର ୟାନମର ଦକ୍ଷିଣରେ ସ୍ଥଳଭାଗ ଅତିକ୍ରମ କରିଛି ଅତି ଭୀଷଣ ବାତ୍ୟା ଅର୍ଣ୍ଣବ। ଗତକାଲି ରାତି ୨ଟାରୁ ଆଜି ସକାଳ ୮ଟା ପର୍ଯ୍ୟନ୍ତ ଚାଲିଥିଲା ଲ୍ୟାଣ୍ଡଫଲ୍ ପ୍ରକ୍ରିୟା।

## ଆସୁଛି ଆଉ ଏକ ଲଘୁଚାପ

ଭୁବନେଶ୍ୱର,୨୮।୧୦(ନି.ପ୍ର.): ଅତି ଭୀଷଣ ବାତ୍ୟା 'ଅର୍ଣ୍ଣବ' ଗତକାଲି ବିଳମ୍ବିତ ରାତିରେ ଆନ୍ଧ୍ରପ୍ରଦେଶର ବାପଟଲା ଓ ବିଶାଖାପାଟଣା ମଧ୍ୟବର୍ତ୍ତୀ ୟାନାମ ପାଖରେ ଲ୍ୟାଣ୍ଡଫଲ୍ କରିଛି। ସ୍ଥଳଭାଗ ଅତିକ୍ରମ କରିବା ପରେ ଦ୍ରୁତଗତିରେ ଦୁର୍ବଳ ହେଉଥିବା 'ଅର୍ଣ୍ଣବ' ଭୀଷଣ ବାତ୍ୟାରେ ପରିଣତ ହୋଇଛି। ଏହା କ୍ରମଶଃ ବାତ୍ୟା, ଗଭୀର ଅବପାତ ଓ ଅବପାତରେ ପରିଣତ ହେବ। ଏହା ଗଭୀର ଅବପାତ ଅବା ଅବପାତର ରୂପ ନେଇ ଆଜି ମାଲକାନଗିରି ଦେଇ ଛତିଶଗଡ଼ ଯିବାର ସମ୍ଭାବନା ରହିଛି। ଆଉ ଏହା ମଧ୍ୟରେ ସୂଚନା ଆସିଛି ଯେ ଦକ୍ଷିଣ ଆଣ୍ଡାମାନ ସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଗତକାଲି ଏହି ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହା ଲଘୁଚାପରେ ପରିଣତ ହେବାର ସମ୍ଭାବନା ରହିଛି। ତେବେ ଓଡ଼ିଶାରେ ଲଘୁଚାପର ପ୍ରଭାବ ପଡ଼ିବା ନେଇ କୌଣସି ସ୍ପଷ୍ଟ ସୂଚନା ନାହିଁ। ଏନେଇ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍ଡି) ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି ଯେ ଆଣ୍ଡାମାନ ସାଗରରେ ଗୋଟିଏ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇପାରେ। କିନ୍ତୁ ତାହା ଅବପାତ ହେବ କିମ୍ବା ବାତ୍ୟା ହେବ, ତା'ର ପୂର୍ବାନୁମାନ କରାଯାଇନାହିଁ। ତା'ର ପୂର୍ବାନୁମାନ କଲା ପରେ ତାହା କେଉଁ ଉପକୂଳକୁ ଯିବ ଓ କେତେ ତୀବ୍ରତାରେ ପହଞ୍ଚିବ, ତା'ର ବିବରଣୀ ପ୍ରଦାନ କରାଯିବ।

କିଛି ବିଦେଶୀ ସଂସ୍ଥା ଆକଳନ କରିଛନ୍ତି ଯେ ୩୦ ତାରିଖ ବେଳକୁ ଏହି ଘୂର୍ଣ୍ଣିବଳୟ ଲଘୁଚାପ କ୍ଷେତ୍ରରେ ପରିଣତ ହେବ। ସମ୍ଭବତଃ ଏହା ଓଡ଼ିଶା ଉପକୂଳ ମୁହାଁ ହେବ। ଏହା ନଭେମ୍ବର ୧ ତାରିଖ ବେଳକୁ ଗଞ୍ଜାମରୁ ବାଲେଶ୍ୱର ମଧ୍ୟରେ ଉପକୂଳ ଛୁଇଁପାରେ। ୟୁରୋପିଆନ ମଡେଲ ଇସିଏମ୍ଡବ୍ଲ୍ୟୁଏଫ ଆକଳନ କରିଛି ଯେ ଏହି ସିଷ୍ଟମ ଲଘୁଚାପରେ ହିଁ ସୀମିତ ରହିବ। ଅତି ଭୀଷଣ ବାତ୍ୟା 'ଅର୍ଣ୍ଣବ' ଉପକୂଳ ଅତିକ୍ରମ କରିସାରିବା ପରେ ବହୁତ ଧୀରେ ଧୀରେ ଗତି କରୁଛି। ଏହା ଏବେ ଆନ୍ଧ୍ର ପ୍ରଦେଶ ଉପକୂଳରେ କେନ୍ଦ୍ରୀଭୂତ ହୋଇଛି। ତାହା ଦୁର୍ବଳ ହୋଇ ଭୀଷଣ ବାତ୍ୟାରେ ପରିଣତ ହୋଇଛି। ଏହା ଯେତେବେଳେ ଆନ୍ଧ୍ର ଉପକୂଳରେ ଉତ୍ତରକୁ ଗତି କରିବ ଆହୁରି ଦୁର୍ବଳ ହେବ। ପରେ ଏହା ବାତ୍ୟାର ରୂପ ନେବ ଓ ଆଜି ସନ୍ଧ୍ୟା ବେଳକୁ ଏହା ଏକ ଗଭୀର ଅବପାତରେ ପରିଣତ ହେବ। ସେତେବେଳେ ଏହା ଦକ୍ଷିଣ-ପଶ୍ଚିମ ଓଡ଼ିଶାର ଜିଲ୍ଲା- କୋରାପୁଟ, ନବରଙ୍ଗପୁର, ରାୟଗଡ଼। ଏବଂ ଛତିଶଗଡ଼ ରାଜ୍ୟର ଦାନ୍ତେୱାଡା ଓ ବସ୍ତର ପାଖରେ କେନ୍ଦ୍ରୀଭୂତ ହେବ। ଏହାର ଗତି ଉତ୍ତର ଦିଗରେ ଜାରି ରହିବ। ଆସନ୍ତାକାଲି ସକାଳ ବେଳକୁ ଏହା ଏକ ଅବପାତରେ ପରିଣତ ହେବ ଓ ସନ୍ଧ୍ୟା ବେଳକୁ ଏହା ଆହୁରି ଦୁର୍ବଳ ହୋଇ ଲଘୁଚାପ କ୍ଷେତ୍ରରେ ପରିଣତ ହେବାର ପୂର୍ବାନୁମାନ କରାଯାଇଛି।

## ଭୁଶୁଡ଼ି ପଡ଼ିଲା ୮୦ ଫୁଟ୍ ଉଚ୍ଚର ଲକ୍ଷ୍ମୀପୂଜା ମଣ୍ଡପ

ଭୁବନେଶ୍ୱର,୨୮।୧୦(ନି.ପ୍ର.): ବାତ୍ୟା 'ଅର୍ଣ୍ଣବ' ଆନ୍ଧ୍ର ପ୍ରଦେଶରେ ଲ୍ୟାଣ୍ଡଫଲ କରିସାରିଥିବା ବେଳେ ଏହାର ପ୍ରଭାବରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ବର୍ଷା ଓ ପବନ ଜାରି ରହିଛି। ଏହି ବାତ୍ୟାରେ ରାଜଧାନୀ ଭୁବନେଶ୍ୱର ମଧ୍ୟ ପ୍ରଭାବିତ ହୋଇଛି। ଗତକାଲିଠାରୁ ଏଠାରେ ତୁହାକୁ ତୁହା ବର୍ଷା ହେଉଛି। କେତେବେଳେ ଜୋରରେ ବର୍ଷା ହେଉଛି ତ ଆଉ କେତେବେଳେ ଝିପିଝିପି ବର୍ଷା ହେଉଛି। ରାଜଧାନୀରେ ସ୍ଥିତି ଏଭଳି ରହିଥିବା ବେଳେ ଡମଣା ନିକଟସ୍ଥ କ୍ଲବ ଟାଉନ୍ ପଡ଼ିଆରେ ଦେଖିବାକୁ ମିଳିଛି 'ଅର୍ଣ୍ଣବ' ଜନିତ ପବନର ତାଣ୍ଡବ।ଏଠାରେ ଏକ ସୁଉଚ୍ଚ ଲକ୍ଷ୍ମୀପୂଜା ମଣ୍ଡପ ଭୁଶୁଡ଼ି ପଡ଼ିଛି।



ଉତ୍ତର ଭୁବନେଶ୍ୱର ଯୁବକ ସଙ୍ଘ ଗଜଲକ୍ଷ୍ମୀ ପୂଜା କମିଟି ତରଫରୁ ଏଠାରେ ଆୟୋଜିତ ହୋଇଥିଲା ଲକ୍ଷ୍ମୀପୂଜା। ଏଠାରେ ତିଆରି ହୋଇଥିଲା ୮୦ ଫୁଟ୍ ବିଶିଷ୍ଟ ମା' ଗଜଲକ୍ଷ୍ମୀଙ୍କ ପୂଜା ମଣ୍ଡପ। ତେବେ ଆଜି ଦିନ ପ୍ରାୟ ୧୨ଟା ବେଳେ ହୋଇଥିବା ପବନରେ ଏହି ମଣ୍ଡପ ଭୁଶୁଡ଼ି ପଡ଼ିଥିଲା। ଫଳରେ ମା' ଲକ୍ଷ୍ମୀଙ୍କ ମୂର୍ତ୍ତି ମଧ୍ୟ ନଷ୍ଟ ହୋଇଯାଇଛି। ମାଆଙ୍କ ଷୋଡ଼ଶ ଉପଚାର ନୀତି ହେଉଥିବା ବେଳେ ଏହି ଘଟଣା ଘଟିଥିବା ଜଣାପଡ଼ିଛି। ସେହି ସମୟରେ ପ୍ରବଳ ବର୍ଷା ସାଙ୍ଗକୁ ପବନ ହୋଇଥିଲା।

ପବନରେ ପ୍ରଥମେ ଲାଇଟ ଗେଟ ପଡ଼ିଯାଇଥିଲା। ଲାଇଟ୍ ଗେଟ୍ ପଡ଼ିବା ପରେ ପୂଜାରୀ ଓ କମିଟିର କର୍ମକର୍ତ୍ତାମାନେ ପୂଜା ମଣ୍ଡପରୁ ବାହାରି ଯାଇଥିଲେ। ଆଉ ଦେଖୁ ଦେଖୁ ପୂରା ମଣ୍ଡପ ଭୁଶୁଡ଼ି ପଡ଼ିଥିଲା। ଏଥିରେ କେହି ଆହତ ହୋଇନାହାନ୍ତି।ସେହିପରି ବାତ୍ୟା ଅର୍ଣ୍ଣବ ପ୍ରଭାବରେ କଳାହାଣ୍ଡି ଜିଲାରେ ବୁଧବାର ମଧ୍ୟାହ୍ନରୁ ବର୍ଷା ଓ ପବନ ଲାଗି ରହିଛି। ଏହାରି ଭିତରେ ଜୁନାଗଡ଼ ସହର ବଡ଼ପଡା ଛକ ଓ ପୁଲିସ ଷ୍ଟେସନ ନିକଟରେ ହେଉଥିବା ଗଜଲକ୍ଷ୍ମୀ ପୂଜାର ବାଉଁଶ ଗେଟ୍ ଭୁଶୁଡ଼ି ପଡ଼ିଛି। ଏକ ଅଟୋ, ଏକ କାର ଓ ଏକ ବୋଲେରୋ ଏହା ତଳେ ଚାପି ହୋଇଯାଇଥିଲେ। ଗେଟ୍ ଭୁଶୁଡ଼ିବା ପରେ ଏହି ରାସ୍ତାରେ ଯାତାୟତ ଠପ୍ ହୋଇଯାଇଥିଲା। ଅର୍ଣ୍ଣବ ଲ୍ୟାଣ୍ଡଫଲ କରି ଦୁର୍ବଳ ହୋଇଯାଇଥିଲେ ହେଁ ଏହା ଆଜି ମାଲକାନଗିରି ଅତିକ୍ରମ କରି ଛତିଶଗଡ଼ ଅଭିମୁଖେ ଗତି କରିବାକୁ ଥିବାରୁ ରାଜ୍ୟରେ କିଛି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।

## ସ୍ପେନ୍‌ରେ ହାଇସ୍ପିଡ୍ ଟ୍ରେନ୍

ମାଡ୍ରିଡ୍,୨୮।୧୦: ୟୁରୋପୀୟ ଦେଶ ସ୍ପ ?ନରୁ ଆସିଲା ବଡ଼ ଖବର। ବୁଧବାର ସକାଳେ କେନ୍ଦ୍ରୀୟ ସ୍ପେନରେ ଘଟିଛି ଭୟଙ୍କର ଦୁର୍ଘଟଣା ଟୋଲେଡୋ ପ୍ରଦେଶ ନିକଟରେ ଦୁଇଟି ହାଇସ୍ପିଡ୍ ଟ୍ରେନ୍ ପରସ୍ପରକୁ ଧକ୍କା ଦେଇଥିଲା। ଏଥିରେ ବର୍ତ୍ତମାନ ପର୍ଯ୍ୟନ୍ତ ୪୬ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨୦୦ ରୁ ଅଧିକ ଆହତ ହୋଇଛନ୍ତି। ଦୁର୍ଘଟଣାର ଭୟାବହତା ଏତେ ଅଧିକ ଥିଲା ଯେ ଟ୍ରେନ୍ ଗୁଡ଼ିକର ଅନେକ ଅଂଶ ଭାଙ୍ଗିରୁଜି ଯାଇଥିଲା।

### ଡାହୁକ

ଆପଣଙ୍କ କୃପା ପାଇ ମୁଁ ମୁଖିଆ
ହେଉ ହେଉ ଗିନା ଯାଇଚି ହୋଇ
ଲୁଟିବାର ଅଛି ଯାହା ଲୁଟିନିଅ
ପାଞ୍ଚ, ପଚିଶି, ମୋ ଭାଗ ଥୋଇ
ରଙ୍ଗ ମରା କାମ ଚାଲିଚି ଚାଲିବ
ପାଞ୍ଚ ବର୍ଷ ଯିବ ଏମିତି ଶରି
ଧକେଇ ହେଲାଣି ଡବଲ ଇଞ୍ଜିନି
ହେବ ନହିଁ ଆଉ କେବେ ସଜାଡି



-ବିଧୁ

## ଇସିଙ୍କୁ ପ୍ରଶ୍ନବାଣରେ ଘାଇଲା କଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୮।୧୦: ଭାରତୀୟ ନିର୍ବାଚନ କମିଶନଙ୍କୁ ପ୍ରଶ୍ନବାଣରେ ଘାଇଲା କରିଛନ୍ତି ସୁପ୍ରିମକୋର୍ଟ। ନିର୍ବାଚନ କମିଶନ ଭୋଟର ପଞ୍ଜିକରଣ ପାଇଁ ଉପଲବ୍ଧ ଥିବା ଫର୍ମ ୬,୭,୮କୁ ମନଇଚ୍ଛା ବ୍ୟବହାର କରିପାରିବେ ନାହିଁ।

ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ବା ଏସଆଇଆର ବେଳେ ନିର୍ବାଚନ କମିଶନ ନିଜର ମୁଣ୍ଡ ଖଟାଉଛନ୍ତି ନିର୍ବାଚନ କମିଶନ ଦିଲ୍ଲୀ ଭୋଟର ତାଲିକାର ଡ୍ରାଫ୍ଟ ଲିଷ୍ଟ ପ୍ରସ୍ତୁତ କରିବା ବେଳେ ମୁଣ୍ଡ ଖଟାଇଥିଲେ କି ନାହିଁ ବୋଲି ମଧ୍ୟ ପ୍ରଶ୍ନ କରିଛନ୍ତି ସର୍ବୋଚ୍ଚ ଅଦାଲତ।

୨୦୨୬ ଭୋଟର ତାଲିକାରେ ନାଁ ଥିବା ଲୋକମାନେ ଠିକଣା ପରିବର୍ତ୍ତନ କରିବା ପରେ କାହିଁକି ସେମାନଙ୍କୁ ନୂଆ ଭୋଟର ପାଇଁ ଉପଲବ୍ଧ ଫର୍ମ ୬ ପୂରଣ କରିବାକୁ କୁହାଯାଉଛି ବୋଲି ନିର୍ବାଚନ କମିଶନଙ୍କୁ ପ୍ରଶ୍ନ କରିଛନ୍ତି ସୁପ୍ରିମକୋର୍ଟ।

ଯେଉଁ ମତଦାତାମାନେ ସେମାନଙ୍କ ଗଣନା ଫର୍ମ ଦାଖଲ କରିନାହାନ୍ତି କିମ୍ବା ପୂର୍ବ ଠିକଣା ବଦଳାଇ ଦେଇଛନ୍ତି, ସେଭଳି ଲୋକଙ୍କୁ ଠିକଣା ପରିବର୍ତ୍ତନ ପାଇଁ ଉପଲବ୍ଧ ଫର୍ମ ୮କୁ ପୂରଣ କରିବାକୁ ଅନୁମତି ଦେବାକୁ ସୁପ୍ରିମକୋର୍ଟଙ୍କ ପକ୍ଷରୁ ନିର୍ବାଚନ କମିଶନ ନିର୍ଦ୍ଦେଶ ଦିଆଯାଇଛି। ଏକଥା ଶୁଣିବା ପରେ ଆପତ୍ତି ଦାଖଲ କରିବା ପାଇଁ କମିଶନ ଅକ୍ଟୋବର ୩୦ର ଧାର୍ଯ୍ୟ ସମୟକୁ ବୃଦ୍ଧି କରିବେ ବୋଲି କୋର୍ଟଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚୀ ଓ ଜଷ୍ଟିସ ଭି ମୋହନାଙ୍କ ଖଣ୍ଡପୀଠ ନିର୍ବାଚନ କମିଶନ ଧାର୍ଯ୍ୟ କରିଥିବା ଅକ୍ଟୋବର ୩୦ ସମୟସୀମା ଉପରେ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି।

ଖଣ୍ଡପୀଠଙ୍କ କହିବା କଥା ଯେ ଦେଶର ରାଜଧାନୀରେ ଏବେ କୌଣସି ନିର୍ବାଚନ ନାହିଁ। ତେଣୁ ନାମ ପଞ୍ଜିକରଣ ପାଇଁ କଟ ଅଫ ତାରିଖ ଧାର୍ଯ୍ୟ କରିବାର କାରଣ କ'ଣ ଯେଉଁ ଭୋଟରମାନେ ବିଭିନ୍ନ କାରଣରୁ ନିଜର ପଞ୍ଜିକରଣ ଫର୍ମ ଦାଖଲ କରିପାରି ନାହାନ୍ତି, ସେମାନଙ୍କ ସମସ୍ୟାର ସମାଧାନ ପାଇଁ ଗୋଟିଏ ସରଳ ବ୍ୟବସ୍ଥା କରିବାକୁ ପରାମର୍ଶ ଦେଇଛନ୍ତି ଖଣ୍ଡପୀଠ।



ଅସ୍ଥାୟୀ ଭାବେ ପଞ୍ଜିକୃତ ଠିକଣା ପରିବର୍ତ୍ତନ କରିଥିବା ଭୋଟରଙ୍କ ସହ ହୋଇଥିବା ବ୍ୟବହାରକୁ ନେଇ ଶୁଣାଣି ବେଳେ ଚିନ୍ତା ପ୍ରକଟ କରିଛନ୍ତି ଖଣ୍ଡପୀଠ। ଯଦି କେହି ଅସ୍ଥାୟୀ ଭାବେ ନିଜର ପଞ୍ଜିକୃତ ଠିକଣାରେ ନାହାନ୍ତି ଓ ଏହି ସମୟରେ ସେହି ଠିକଣାରେ ବୁଥସ୍ତରୀୟ ଅଧିକାରୀମାନେ ଗଣନା ଫର୍ମ ଧରି ପହଞ୍ଚୁଛନ୍ତି, ତା'ହେଲେ ସେମାନଙ୍କ ସହ ଏବେ କରାଯାଉଥିବା ବ୍ୟବହାର ଆଦୌ ଗ୍ରହଣୀୟ ନୁହେଁ। ଯଦି କେହି ଠିକଣା ସମୟରେ ଫର୍ମ ଦାଖଲ କରୁଛନ୍ତି, ତେବେ ସେଭଳି ଲୋକଙ୍କ ଠାରୁ ଭୋଟଦାନର ଅଧିକାର କ'ଣ ଛଡ଼ାଇ ନିଆଯିବ। ଭୋଟ ଦାନର ଅଧିକାର ଗୋଟିଏ ପ୍ରମୁଖ କାମ। ଠିକଣା ସମୟରେ ଫର୍ମ ଦାଖଲ ନ କଲେ, କ'ଣ ଜଣେ ଭୋଟରଙ୍କ ନାଁ ତାଲିକାରୁ କାଟି ଦିଆଯିବ ବୋଲି ପ୍ରଶ୍ନ କରିଛନ୍ତି ଜଷ୍ଟିସ ଜୟମାଲ୍ୟ ବାଗଚୀ।

ନିର୍ବାଚନ କମିଶନଙ୍କୁ ଖଣ୍ଡପୀଠ ଆହୁରି ପ୍ରଶ୍ନ କରିଛନ୍ତି ଯେ ୨୦୨୬ ଭୋଟର ତାଲିକାରେ ଯେଉଁମାନଙ୍କ ନାଁ ଥିଲା, ସେମାନଙ୍କୁ ଠିକଣା ପରିବର୍ତ୍ତନ ପରେ କାହିଁକି ନୂଆ ଭୋଟରଙ୍କ ପାଇଁ ଉପଲବ୍ଧ ଫର୍ମ ୬ ଦାଖଲ କରିବାକୁ କୁହାଯାଉଛି

ଏଭଳି ଭୋଟରଙ୍କ ପାଇଁ କାହିଁକି ଫର୍ମ ୮ର ବ୍ୟବହାର କରାଯାଉ ନାହିଁ ବୋଲି ବିସ୍ତୃତ ଭାବେ କହିବାକୁ ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟ କାନ୍ତ। ଜଷ୍ଟିସ ବାଗଚୀ କହିଛନ୍ତି ଯେ ଫର୍ମ ୬, ୭ ଓ ୮କୁ ଆଇନ ଅନୁସାରେ ବ୍ୟବହାର କରିବାକୁ କୁହାଯାଇଛି।

ଏଥିରେ ମନଇଚ୍ଛା ପରିବର୍ତ୍ତନ କରାଯାଇ ପାରିବ ନାହିଁ। ଫର୍ମ ଅଦଳବଦଳ କରିବା ପରିବର୍ତ୍ତ ଧାର୍ଯ୍ୟ ସମୟ ମଧ୍ୟରେ କାହିଁକି ଗଣନା ଫର୍ମ ଦାଖଲ କରିନାହାନ୍ତି ବୋଲି ନିର୍ବାଚନ କମିଶନ ଜଣେ ଭୋଟରଙ୍କୁ ପଚାରି ପାରିବେ ବୋଲି ବାଗଚୀ ପରାମର୍ଶ ଦେଇଛନ୍ତି। ଏହାପରେ ସିଜେଆଇ ଜଷ୍ଟିସ ସୂର୍ଯ୍ୟ କାନ୍ତ କହିଛନ୍ତି, "ଯଦି କେହି ବସନ୍ତ କୁଞ୍ଜର ଭୋଟର ଥିଲେ ଓ ପରବର୍ତ୍ତୀ ଅବସ୍ଥାରେ ସେ ସରିତା ବିହାରକୁ ଚାଲିଗଲେ, ଏଭଳି ସ୍ଥିତିରେ ସେହି ଭୋଟରଙ୍କୁ କେବଳ ନିଜର ପୂର୍ବ ବୁଥ ନମ୍ବର ଓ ଭୋଟର ନମ୍ବର ଦେବାକୁ ପଡ଼ିବ। ତାଙ୍କୁ କାହିଁକି ଫର୍ମ ୬ ପୂରଣ କରିବାକୁ କୁହାଯିବ

ଭୋଟର ତାଲିକାର ଡ୍ରାଫ୍ଟ ତାଲିକାରୁ ବାଦ ପଡ଼ିଥିବା ନାଁ ଗୁଡ଼ିକୁ ସ୍ଥାନୀୟ ଅଫିସ ଓ ପୁଲିଂ ବୁଥରେ ଜାରି କରାଯାଉଛି। ଏପରି ସ୍ଥିତିରେ ବାଦ ପଡ଼ିଥିବା ଲୋକମାନେ ସହଜରେ ସବୁ କିଛି ଜାଣିପାରି ଆବଶ୍ୟକ ତଥ୍ୟ ଉପସ୍ଥାପନ କରିପାରିବେ ବୋଲି କହିଛନ୍ତି ସୁପ୍ରିମକୋର୍ଟ। ଆଜି ପ୍ରଶ୍ନବାଣରେ ନିର୍ବାଚନ କମିଶନଙ୍କୁ ଘାଇଲା କରିଥିବା ସୁପ୍ରିମକୋର୍ଟ ଏହି ପ୍ରସଙ୍ଗରେ ପୁଣି ଦୁଇ ସପ୍ତାହ ପରେ କରିବେ।

## ଘୋଡ଼ାହାଡ଼ ନଦୀରେ ବନ୍ୟା

ଦିଗପହଣ୍ଡି,୨୮।୧୦(ନି.ପ୍ର.): ଗଞ୍ଜାମ ଜିଲାର ଘୋଡ଼ାହାଡ଼ ନଦୀରେ ସୃଷ୍ଟି ହୋଇଛି ଗମ୍ଭୀର ବନ୍ୟା ପରିସ୍ଥିତି। ନଦୀର ଉପରମୁଣ୍ଡ ଗଜପତି ଜିଲାରେ ପ୍ରବଳ ବର୍ଷା ଯୋଗୁ ନଦୀରେ ବନ୍ୟାଜଳ ପ୍ରବାହିତ ହେଉଛି। ବୁଧବାର ଅପରାହ୍ନ ପ୍ରାୟ ୩ଟାରେ ଘୋଡ଼ାହାଡ଼ ନଦୀର ପାଟପୁର-ପଳାଶପୁର ବ୍ରିଜ୍ ଉପରେ ୪ ଫୁଟ୍ ଉଚ୍ଚର ବନ୍ୟାଜଳ ପ୍ରବାହିତ ହେବା ଫଳରେ ୩୨୬ ନମ୍ବର ଜାତୀୟ ରାଜପଥରେ ଆସିକା-ପାଟପୁର-ଦିଗପହଣ୍ଡି ସଂଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇପଡ଼ିଛି। ସୁରକ୍ଷା ଦୃଷ୍ଟିରୁ ପାଟପୁର ପୋଲିସ ଟିମ୍ ବ୍ରିଜ୍ର ଉଭୟ କଡ଼ରେ ଅସ୍ଥାୟୀ ବାରିକେଡ୍ ଲଗାଇ ଗାଡ଼ିମୋଟର ଓ ଜନସାଧାରଣଙ୍କ ଯାତାୟାତକୁ ସମ୍ପୂର୍ଣ୍ଣ ବାରଣ କରିଛନ୍ତି। ପୁରୁଣା ମଳାଭଞ୍ଜା-ଖୋଲଡିକୁ ସଂଯୋଗ କରୁଥିବା ବ୍ରିଜ୍ ତଳେ ୧୫ ଫୁଟ୍ ଉଚ୍ଚରେ ପାଣି ପ୍ରବାହିତ ହେଉଥିବାରୁ ଅସ୍ଥାୟୀ ଆପ୍ରୋଚ୍ ରୋଡ୍ ସମ୍ପୂର୍ଣ୍ଣ ଭାସିଯାଇଛି।

## କେନ୍ଦ୍ରୀୟ କର୍ମଚାରୀଙ୍କ ମହଙ୍ଗା ଭତ୍ତା ପୁଣି ୩% ବଢ଼ିଲା

ନୂଆଦିଲ୍ଲୀ,୨୮।୧୦(ନି.ପ୍ର.); କେନ୍ଦ୍ରୀୟ କର୍ମଚାରୀଙ୍କ ପାଇଁ ଖୁସି ଖବର। ଦୀପାବଳି ପୂର୍ବରୁ ନିଜର କର୍ମଚାରୀଙ୍କୁ ବଡ଼ ଭେଟି ଦେଇଛନ୍ତି କେନ୍ଦ୍ର ସରକାର। କେନ୍ଦ୍ରୀୟ କର୍ମଚାରୀଙ୍କ ମହଙ୍ଗା ଭତ୍ତାକୁ ପୁଣି ୩% ବୃଦ୍ଧି କରିଛନ୍ତି କେନ୍ଦ୍ର ସରକାର। ମହଙ୍ଗା ଭତ୍ତା ବା ଡିଏ ୩% ବୃଦ୍ଧି ସଂକ୍ରାନ୍ତ ପ୍ରସ୍ତାବ ଉପରେ ଆଜି କେନ୍ଦ୍ର କ୍ୟାବିନେଟ ମୋହର ମାରିଛି। ଏହାପୂର୍ବରୁ କେନ୍ଦ୍ରୀୟ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୨% ବଢ଼ିଥିଲା। ଦେଶରେ ଦେଖାଯାଇଥିବା ମହାଙ୍ଗା ମାଡ଼ ସ୍ଥିତିକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ବର୍ଷକ ମଧ୍ୟରେ ୨ଥର ମହଙ୍ଗା ଭତ୍ତା ବୃଦ୍ଧି କରିଛନ୍ତି।

କେନ୍ଦ୍ରୀୟ କର୍ମଚାରୀମାନେ ସେମାନଙ୍କ ମୂଳ ଦରମାରେ ଅଧିକ ୨% ଟଙ୍କା ମହଙ୍ଗା ଭତ୍ତା ଆକାରରେ ପାଇବେ। ପୂର୍ବରୁ ସେମାନଙ୍କୁ ୫୮% ଡିଏ ମିଳୁଥିଲା। ଏହା ଏପ୍ରିଲରେ ୬୦% ଓ ଏବେ ୬୩% ହୋଇଯାଇଛି। ଏହି ବର୍ଦ୍ଧିତ ଦର ଜୁଲାଇ ୧ରୁ ପିଛିଲା ଭାବେ ଲାଗୁ ହେବ। ସରକାରଙ୍କୁ ଏଥିପାଇଁ ବାର୍ଷିକ ଅଧିକ ୧୦,୦୧୬ କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ।ବର୍ଦ୍ଧିତ ମହଙ୍ଗା ଭତ୍ତା କେବଳ ବେତନଭୋଗୀ ନୁହନ୍ତି, ବରଂ ପେନସନଧାରୀଙ୍କ ପାଇଁ ମଧ୍ୟ ଲାଗୁ ହେବ। ଏହି ବର୍ଦ୍ଧିତ ମହଙ୍ଗା ଭତ୍ତା ପ୍ରାୟ ୧ କୋଟି କର୍ମଚାରୀ ଓ ପେନସନଧାରୀଙ୍କୁ ଫାଇଦା ଦେବ।କେନ୍ଦ୍ରୀୟ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୩% ବୃଦ୍ଧି ପାଇବାର ଅର୍ଥ ଲେଭଲ ୧ର କର୍ମଚାରୀମାନେ ଏଣିକି ୧୧,୩୪୦ ଟଙ୍କା ପାଇବେ। ୬୦% ମହଙ୍ଗା ଭତ୍ତା ହିସାବରେ ସେମାନଙ୍କୁ ୧୦,୮୦୦ ଟଙ୍କା ମିଳୁଥିଲା। ଏବେ ସେମାନେ ଅଧିକ ୫୪୦ ଟଙ୍କା ମହଙ୍ଗା ଭତ୍ତା ଆକାରରେ ପାଇବେ।

## ନୀଳଚକ୍ରରୁ ଖସିପଡ଼ିଲା ଭକ୍ତଙ୍କର ମାନସିକ ବାନା

ପୁରୀ,୨୮।୧୦(ନି.ପ୍ର.): ଶ୍ରୀମନ୍ଦିରରେ ଅଲୌକିକ ଦୃଶ୍ୟ ! ପତିତପାବନ ବାନାରେ ଶୂନ୍ୟଗଣ୍ଠି, ମାନସିକ ବାନା ଛିଣ୍ଡି ଦଧିନଉତି ଉପରେ। ପ୍ରବଳ ବର୍ଷା ଓ ପବନ ଯୋଗୁଁ ନୀଳଚକ୍ରରେ ଲାଗିଥିବା ମାନସିକ ବାନା ସବୁ ଛିଣ୍ଡି ଯାଇ ଦଧିନଉତି ଉପରେ ପଡିଥିବା ବେଳେ ପତିତପାବନ ବାନାରେ ପଡିଛି ଶୂନ୍ୟ ଗଣ୍ଠି।

ଆଜି ସକାଳୁ ପୁରୀରେ ବାତ୍ୟା ଅର୍ଣ୍ଣବ ପ୍ରଭାବରେ ପ୍ରବଳ ବର୍ଷା ସାଙ୍ଗକୁ ପବନ ବହୁଛି। ପବନର ବେଗ ଅଧିକ ଥିବା ହେତୁ ଶ୍ରୀମନ୍ଦିର ଶିଖରରେ ଲାଗିଥିବା ପତିତପାବନ ବାନାର କିଛି ଅଂଶ ଚିରି ଯାଇଛି। ପବନରେ ବାନାଟି ଚିରିଯିବା ପରେ ସେଥିରେ ଶୂନ୍ୟ ଗଣ୍ଠି ପଡ଼ିଯାଇଛି। ସେହିପରି ଭକ୍ତମାନେ ମାନସିକ କରି ନୀଳଚକ୍ରରେ ବାନ୍ଧିଥିବା ଶହ ଶହ ଛୋଟ ମାନସିକ ବାନା ଛିଣ୍ଡି ଯାଇ ତଳେ ଦଧିନଉତି ଉପରେ ପଡ଼ି ରହିଛି। ପତିତପାବନ ବାନାରେ ଶୂନ୍ୟ ଗଣ୍ଠି ପଡିବା ଅତ୍ୟନ୍ତ ଶୁଭ ସଂକେତ ବୋଲି ବିବେଚନା କରାଯାଏ। ସେବାୟତ ଓ ପଣ୍ଡିତମାନେ କହନ୍ତି, ଯେତେବେଳେ ମହାପ୍ରଭୁ କୌଣସି ବଡ ବିପଦକୁ ନିଜେ ସମ୍ଭାଳି ନିଅନ୍ତି ସେତେବେଳେ ବାନାରେ ଏଭଳି ଶୂନ୍ୟ ଗଣ୍ଠି ପଡିଥାଏ। ତେଣୁ ବାନାରେ ଶୂନ୍ୟ ଗଣ୍ଠି ପଡିବା ପରେ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଚର୍ଚ୍ଚା ଆରମ୍ଭ ହୋଇଛି ଯେ, ମହାପ୍ରଭୁଙ୍କ କୃପାରୁ ବାତ୍ୟା ଅର୍ଣ୍ଣବ ଦୁର୍ବଳ ହୋଇଯାଇଛି। ମହାପ୍ରଭୁ ନିଜେ ଏହି ବିପଦକୁ ଟଳି ଦେଇଛନ୍ତି।



# ସାଂସଦ ଅପରାଜିତା ପାଳିଲେ କୁମାର ପୂର୍ଣ୍ଣମୀ ପର୍ବ



ଖୋର୍ଦ୍ଧା,୨୮।୧୦ :(ମନ୍ଥନ)ଖୋର୍ଦ୍ଧା ଜିଲ୍ଲା ର ବୋଲଗଡ଼ ବ୍ଲକ୍ ଅନ୍ତର୍ଗତ ଅରଖପାଲି ଗ୍ରାମ ରେ ପ୍ରଥମ ଥର ପାଇଁ ଭୁବନେଶ୍ୱର ଲୋକସଭା ସାଂସଦ ଅପରାଜିତା ଷଡ଼ଙ୍ଗୀ ଙ୍କ କାର୍ଯ୍ୟାଳୟ ତରଫରୁ କୁମାର ପୂର୍ଣ୍ଣିମା ଉତ୍ସବ ୨୦୨୬ ଗତ ୨୩ ତାରିଖ ରେ ଧୁମ୍ ଧାମ ରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବ 'ପରିଣିତା' ମହିଳା ଶାଖାର ସକ୍ରିୟ ସଦସ୍ୟା ଦେବସ୍ମିତା ମହାନ୍ତି ଙ୍କ ନେତୃତ୍ୱ ରେ, ସଂଯୁକ୍ତା ଆଚାର୍ଯ୍ୟ ଏବଂ ଯଶୋଦା ପଟ୍ଟନାୟକ ଙ୍କ ଯୋଗଦାନ ତଥା ପରିଣିତା ପରିବାର ର ସମସ୍ତ ସଦସ୍ୟା ଙ୍କ ମିଳିତ ସହଯୋଗ ରେ ଏବଂ ସ୍ଥାନୀୟ ଗ୍ରାମବାସୀ ଙ୍କ ସହଯୋଗରେ ସଫଳ ହୋଇ ପାରିଥିଲା। ଯେଉଁଠି ଓଡ଼ିଶା ର ପରମ୍ପରା, ଐତିହ୍ୟ ଓ ସଂସ୍କୃତି କୁ ସର୍ବଦା ଉଜ୍ଜୀବିତ ରଖିବା ସହିତ ଲୁପ୍ତ ପାଇ ଯାଉଥିବା ପର୍ବ ପର୍ବାଣୀ କୁ ବଞ୍ଚାଇ ରଖିବା 'ପରିଣିତା' ର ମୂଳ ଉଦ୍ଦେଶ୍ୟ ଥିଲା। ଉକ୍ତ କାର୍ଯ୍ୟକ୍ରମ ରେ ଭୁବନେଶ୍ୱର ସାଂସଦ ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିବା ବେଳେ ଜୟ ଓଡ଼ିଶା ଫାଉଣ୍ଡେସନ ର ସଭାପତି ରୁଦ୍ର ନାରାୟଣ ସାମନ୍ତରାୟ, ସୁପ୍ରିମ କୋର୍ଟ ଆଡଭୋକେଟ୍ ବିଶିଷ୍ଟ ରାଜ ନେତା ଜୀବନ ସାହୁ ବିଜେପି, ଖୋରଧା ଜିଲ୍ଲା ଉପ ସଭାପତି ଶ୍ରୀ ବାସୁଦେବ ସାହୁ, ଖୋର୍ଦ୍ଧା ଜିଲ୍ଲା ଓକିଲ ସଂଘ ସଭାପତି ଲୋତକ ପଟ୍ଟନାୟକ, ବିଶିଷ୍ଟ ସମାଜସେବୀ ଶୁଭସ୍ମିତା ମାନ୍ଧାତା ପ୍ରଭୃତି ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ର ଆୟୋଜନ କର ଯାଇ ଥିଲା।୧୦୦୦ରୁ ଉର୍ଦ୍ଧ ଗ୍ରାମବାସୀ ଏକଜୁଟ ହୋଇଥିବା ସହିତ ୫୦ରୁ ଉର୍ଦ୍ଧ ଝିଅ ମାନେ ଅପରାଜିତା ମାଡ଼ମ ଙ୍କ ସହ କୁମାର ପୂର୍ଣ୍ଣିମା ପୂଜା ରେ ଯୋଗ ଦେଇ ଥିଲେ। ଚାନ୍ଦ କୁ ଚାହିଁ ପୂଜା ସମାପନ କରି ଚାନ୍ଦ ଚକଟା କୁ ନିକଟ ରେ ଥିବା ପୁଷ୍କରିଣୀ ରେ ଭସେଇଥିଲେ।ଏହା ସହିତ କୁମାର ପୂର୍ଣ୍ଣିମା ଉତ୍ସବ ଉଦ୍ଯାପନ ହେବା ସହ କୃତି କଳାକାର ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିଲା।ଦେବସ୍ମିତା ମହାନ୍ତି ଏବଂ ତାଙ୍କର ସମସ୍ତ ଟିମ୍ ଏହି ଉତ୍ସବ କୁ ଏକ ଅବିସ୍ମରଣୀୟ ରୂପ ଦେଇଥିଲେ ଯାହା ବୋଲଗଡ ବାସୀଙ୍କ ପାଇଁ ଥିଲା ଉତ୍ସାହ ଉଦ୍ଦୀପନା ର ଏକ ସ୍ମରଣୀୟ ମୁହୂର୍ତ୍ତ ଥିଲା।ଏହି କାର୍ଯ୍ୟକ୍ରମ ରେ ଅନୁସୂୟା ସାହୁ ମଞ୍ଚ ସଂଯୋଜନା କରିଥିବା ବେଳେ ମଣ୍ଡଳ ସଭାପତି ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଭାଗବତ ଟୁଙ୍ଗୀରେ ଶ୍ରୀମଦ ଭଗବତ ଗୀତା ଆସର

ଗଞ୍ଜାମ,୨୮।୧୦ :(ମନ୍ଥନ) ଗଞ୍ଜାମ ଏନଏସି ଅନ୍ତର୍ଗତ ୧୧ ନମ୍ବର ୱାର୍ଡ ଦାମୋଦରପୁର ରେ ବହୁ ପୁରାତନ ଭାଗବତ ଟୁଙ୍ଗୀରେ ଶ୍ରୀମଦ ଭଗବତ ଗୀତା ପଠନ ଶୁଭରମ୍ଭ ହୋଇଛି । ପବିତ୍ର ମାସ କାର୍ତ୍ତିକ ମାସ ଆରମ୍ଭ ହୋଇଥିବାରୁ ଶ୍ରଦ୍ଧାଳୁ ମାନେ ଯୋଗଦେଇ ଶ୍ରୀମଦ ଭଗବତ ଗୀତା ଶ୍ରାବଣ କରିବା ସହ ଭଜନ କୀର୍ତ୍ତନ କରୁଛନ୍ତି । ଆଧ୍ୟାତ୍ମିକ ବ୍ୟକ୍ତିତ୍ୱ ବସନ୍ତ ବେହେରା ଶ୍ରୀମଦ ଭଗବତ ଗୀତା ପଠନ କରୁଛନ୍ତି । ଯାହାକୁନେଇ ସ୍ଥାନୀୟ ଅଞ୍ଚଳରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହେଉଛି । ବିନୋଦ ବେହେରା, ଗୋବିନ୍ଦ ବେହେରା, ବ୍ରଜବନ୍ଧୁ ବେହେରା ପ୍ରମୁଖଙ୍କ ସହ ଅନ୍ୟ ଭାଗବତ ପ୍ରେମୀ ମାନେ ଉପସ୍ଥିତ ରହି ଆଧ୍ୟାତ୍ମିକ ଚର୍ଚ୍ଚା କରୁଥିବା ଦେଖିବାକୁ ମିଳିଛି ।

# ଚନ୍ଦ୍ରଭାଗା ଠାରେ ପବିତ୍ର କାର୍ତ୍ତିକ ବ୍ରତ ପାଳନ ନିମନ୍ତେ ହବିଷ୍ୟାଳିଙ୍କ ଭିଡ଼

ଗୋପ, ୨୮।୧୦ :(ମନ୍ଥନ)ପବିତ୍ର କାର୍ତ୍ତିକ ମାସ ଅବସରରେ କାର୍ତ୍ତିକ ବ୍ରତ ପାଳନ କରିବା ପାଇଁ ବହୁ ଦୂର ଦୁରାନ୍ତରୁ ଆସି କୋଣାର୍କ ଚନ୍ଦ୍ରଭାଗାସ୍ଥିତ ଛୋଟା ବାବା ଆଶ୍ରମରେ ହବିଷ୍ୟାଳୀମାନଙ୍କ ଭିଡ ପରିଲକ୍ଷିତ ହୋଇଛି। ଭକ୍ତି ଓ ନିଷ୍ଠାର ସହ କାର୍ତ୍ତିକ ବ୍ରତ ପାଳନ କରିବା ପାଇଁ ସେମାନେ ଏଠାରେ ସମବେତ ହୋଇଥିବା ଦେଖିବାକୁ ମିଳିଛି। ଏହି ଅବସରରେ ଆଶ୍ରମ ପରିସର ଆଧ୍ୟାତ୍ମିକ ପରିବେଶରେ ଭରି ଉଠିଥିବା ବେଳେ ସେଠାରେ ଥିବା ମନ୍ଦିର ରେ ହବିଷ୍ୟାଳୀମାନେ ପୂଜାର୍ଚ୍ଚନା କରି ପ୍ରଭୁଙ୍କ ଆଶୀର୍ବାଦ ଲାଭ କରିଛନ୍ତି।କାର୍ତ୍ତିକ ମାସ ଅତ୍ୟନ୍ତ ପବିତ୍ର ମାସ ଭାବେ ପରିଚିତ। ଏହି ମାସରେ ହବିଷ୍ୟ ବ୍ରତ ପାଳନ କରିବା ସହ ଭଗବାନଙ୍କ ନାମ ସ୍ମରଣ, ପୂଜାର୍ଚ୍ଚନା ଓ ଧାର୍ମିକ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥାନ୍ତି ହବିଷ୍ୟାଳୀମାନେ। ବିଶେଷକରି ବୟସ୍କା ମହିଳାମାନେ ଏହି ବ୍ରତକୁ ନିଷ୍ଠାର ସହ ପାଳନ କରି ନିଜ ପରିବାରର ମଙ୍ଗଳ ଓ ସୁଖଶାନ୍ତି କାମନା କରିଥାନ୍ତି।ଚନ୍ଦ୍ରଭାଗାର ପବିତ୍ର ମାଟିରେ ଅବସ୍ଥିତ ଛୋଟା ବାବା ଆଶ୍ରମ ରେ ହବିଷ୍ୟାଳୀମାନଙ୍କ ଏହି ଧାର୍ମିକ କାର୍ଯ୍ୟକ୍ରମ କାର୍ତ୍ତିକ ମାସର ମହତ୍ତ୍ୱକୁ ଆହୁରି ଉଜ୍ଜ୍ୱଳ କରିଛି। ଭକ୍ତି, ଶ୍ରଦ୍ଧା ଓ ଆଧ୍ୟାତ୍ମିକ ଭାବନାର ସହ ହବିଷ୍ୟ ବ୍ରତ ପାଳନ କରି ମହିଳାମାନେ ଓଡ଼ିଶାର ପାରମ୍ପରିକ ଧାର୍ମିକ ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ ରଖିଛନ୍ତି।

# ଆଞ୍ଚଳିକ ଅବସରପ୍ରାପ୍ତ କର୍ମଚାରୀ ସଙ୍ଘ ବୈଠକ

କେନ୍ଦ୍ରାପଡ଼ା,୨୮।୧୦ :(ମନ୍ଥନ)ନହଙ୍ଗସ୍ଥିତ ମା'ମଙ୍ଗଳାଙ୍କ ପୀଠରେ ଆଞ୍ଚଳିକ ଅବସରପ୍ରାପ୍ତ କର୍ମଚାରୀ ସଙ୍ଘର ୯୫ତମ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଙ୍ଘର ସଭାପତି ଆର୍ତ୍ତତ୍ରାଣ ପାତ୍ର ପୌରହିତ୍ୟ କରିଥିଲେ। ସଙ୍ଘର ସମ୍ପାଦକ ଅଭିମନ୍ୟୁ ସାହୁ ପୂର୍ବ ଅଧିବେଶନର ବିବରଣୀ ପାଠ କରି ସାମ୍ପ୍ରତିକ ସମୟରେ ବରିଷ୍ଠ ବର୍ଗର ଭୂମିକା ଉପରେ ଆଲୋକପାତ କରିଥିଲେ। ଚଳିତ ବର୍ଷର ଝଡ, ବନ୍ୟା ସହିତ ଷଣ୍ଢ, ମାଙ୍କଡ ଓ ଅଣ୍ଡିରା ବାଛୁରୀ ମାନଙ୍କ ଉପଦ୍ରବ ଯୋଗୁଁ ଏ ଅଞ୍ଚଳରେ ଫସଲ ହାନୀ ସହିତ ପନିପରିବା ଚାଷରେ ବ୍ୟାପକ କ୍ଷତି ଘଟାଇଥିବାରୁ ସଦସ୍ୟମାନେ ଉଦବେଗ ପ୍ରକାଶ କରିଥିଲେ। ସଭ୍ୟ ବିଶ୍ୱନାଥ ବେହେରା ଦୀର୍ଘ ନିରାମୟ ଜୀବନ ଯାପନ ପାଇଁ ଶରୀରର କିପରି ଯତ୍ନ ନିଆଯାଇପାରିବ ସେ ସମ୍ପର୍କରେ ଆବଶ୍ୟକ ସୂଚନା ପ୍ରଦାନ କରିଥିଲେ। ପେନସନ ଭୋଗୀମାନେ ଆଗାମୀ ନଭେମ୍ବର ମାସରେ ଜୀବନ ପ୍ରମାଣପତ୍ର ଦାଖଲ କରିବାକୁ ସଭ୍ୟ ସୁରଥ ଚନ୍ଦ୍ର ବାରିକ ଅବଗତ କରାଇଥିଲେ। ଦରଦାମର ଅହେତୁକ ବୃଦ୍ଧି ଯୋଗୁଁ ଡି.ଏ. ବୃଦ୍ଧି ହୋଇନଥିବାରୁ ଅବସରପ୍ରାପ୍ତ କର୍ମଚାରୀମାନେ କ୍ଷୋଭ ପ୍ରକାଶ କରିଥିଲେ। ଏହି ବୈଠକରେ ୨୧ଜଣ ସଭ୍ୟ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଅବକାରୀ ଚଢ଼ାଉ, ଦୁଇ ଗିରଫ

ମୋରଡ଼ା,୨୮।୧୦ :(ମନ୍ଥନ)ଚୋରା ଦେଶୀ ମଦ କାରବାର ଉପରେ ଅଙ୍କୁଶ ଲଗାଇବାକୁ ଅବକାରୀ ବିଭାଗ ଓ ପୋଲିସ ପକ୍ଷରୁ ମିଳିତ ଚଢ଼ାଉ କରାଯାଇଛି। ଏହି ଚଢ଼ାଉରେ ମୋଟ ୩୬ ଲିଟର ଦେଶୀ ମଦ ଜବତ ହେବା ସହ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ମୟୂରଭଞ୍ଜ ଜିଲ୍ଲାର ଦେଉଳି ଅବକାରୀ, ମୋରଡ଼ା ଅବକାରୀ ଓ ଶୁଳିଆପଦା ପୋଲିସର ମିଳିତ ଉଦ୍ୟମରେ ଏହି ଚଢ଼ାଉ କରାଯାଇଥିଲା। ଚଢ଼ାଉ ସମୟରେ ମହୁଲି ଗ୍ରାମର ଝୁନା ବେହେରା ଏବଂ ସରଡ଼ିହା ଗ୍ରାମର ମମତା ପାଣିପାତ୍ରଙ୍କଠାରୁ ୧୮ ଲିଟର ଲେଖାଏଁ, ମୋଟ ୩୬ ଲିଟର ଦେଶୀ ମଦ ଜବତ କରାଯାଇଥିବା ସୂଚନା ମିଳିଛି। ଗିରଫ ଦୁଇ ଅଭିଯୁକ୍ତଙ୍କୁ ବାରିପଦା ଜେଏମ୍ଏଫ୍‌ସି ଅଦାଲତରେ ହାଜର କରାଯିବ ବୋଲି ଦେଉଳି ଅବକାରୀ ଥାନାର ଭାରପ୍ରାପ୍ତ ଅଧିକାରୀ ଶ୍ରୀକାନ୍ତ ପଣ୍ଡା ପ୍ରକାଶ କରିଛନ୍ତି। ଅବକାରୀ ବିଭାଗ ଓ ପୋଲିସର ଏହି ମିଳିତ ଚଢ଼ାଉ ଦେଶୀ ମଦ କାରବାରରେ ସମ୍ପୃକ୍ତ ଲୋକଙ୍କ ମଧ୍ୟରେ ଛନକା ସୃଷ୍ଟି କରିଛି।

# ମୟୂର ଉଡ଼ାନ କେନ୍ଦ୍ର କୈବର୍ତ୍ତ ସମାଜର ତୃତୀୟ ବାର୍ଷିକ ଉତ୍ସବ

ସୋନପୁର,୨୮।୧୦ :(ମନ୍ଥନ) ସୋନପୁର ଜିଲ୍ଲାର ମୟୂର ଉଡ଼ାନ ଗ୍ରାମରେ ମୟୂରଉଡ଼ାନ କେନ୍ଦ୍ର କୈବର୍ତ୍ତ ସମାଜ ପକ୍ଷ ରୁ ତୃତୀୟ ବାର୍ଷିକ ଉତ୍ସବ ଉତ୍ସାହ ଓ ଉଦ୍ଦିପନା ର ସହ ପାଳିତ ହୋଇଯାଇଛି। ଏହି ଅବସର ରେ ପାରମ୍ପରିକ ଯୁଗାର ଯାତ୍ରା ମାଧ୍ୟମରେ ଗ୍ରାମ ପରିକ୍ରମା କରାଯାଇଥିଲା। ଉତ୍ସବ ରେ ସମାଜ ର ଏକତା ,ଶିକ୍ଷାର ପ୍ରସାର ଓ ପରମ୍ପରା। ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯାଇଥିଲା।ଏହି କାର୍ଯ୍ୟକ୍ରମ ରେ ସୋନପୁର ଜିଲ୍ଲା କୈବର୍ତ୍ତ ସମାଜ ର ସଭାପତି ଶ୍ରୀଯୁକ୍ତ ପବିତ୍ର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଶ୍ରୀଯୁକ୍ତ ନାରାୟଣ ଦଣ୍ଡସେନା ମୁଖ୍ୟବକ୍ତା ଓ ଅନ୍ୟ ବକ୍ତା ଭାବେ ଶ୍ରୀଯୁକ୍ତ ପ୍ରକାଶ କୁମାର ସେଠୀ ଏବଂ ସମ୍ମାନିତ ଅତିଥି ଭାବେ ଶ୍ରୀଯୁକ୍ତ ସଙ୍କୀର୍ତ୍ତନ ମହଲିଂଗ,ଭକ୍ତ କୁମାର ସେଠୀ,ବନମାଳୀ ମଲ୍ଲିକ ମଞ୍ଚାସୀନ ରହି ସମାଜ ର ବିକାଶ ଓ ସାମୁହିକ ଉନ୍ନତି ସମ୍ପର୍କରେ ମତ ରଖିଥିଲେ। ଶ୍ରୀଯୁକ୍ତ ସାନ ମଲ୍ଲିକ ସଭା ରେ ସଭାପତିତ୍ୱ କରିଥିଲେ।କାର୍ଯ୍ୟକ୍ରମକୁ ସଦାନନ୍ଦ ନାଏକ ପରିଚାଳନା କରିଥିବା ବେଳେ ପ୍ରତାପ ବାଗ ଧନ୍ୟବାଦ ଅର୍ପଣ କରିଥିଲେ।

# କୁମାର ପୁନେଇଁ ଜହ୍ନ ଲୋ ୨୦୨୬ 'ଠିଆ ପୁଛି ନାରଙ୍ଗ' ମୋହିଲା ଦର୍ଶକଙ୍କ ମନ

ବ୍ରହ୍ମପୁର,୨୮।୧୦ :(ମନ୍ଥନ)ସ୍ଥାନୀୟ ସରକାରୀ ଆଇଟିଆଇ ଅଡିଟୋରିୟମରେ ମଧମାୟା ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ଜାତୀୟ ସ୍ତରୀୟ ମହୋତ୍ସବ 'କୁମାର ପୁନେଇଁ ଜହ୍ନ ଲୋ ୨୦୨୬' ମହା ଆଡମ୍ବରରେ ଅନୁଷ୍ଠିତ ହୋଇଥିଲା। ସକାଳ ୧୦ଟାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ଶହ ଶହ ଦର୍ଶକଙ୍କ ଭିଡ ଦେଖିବାକୁ ମିଳିଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୁଳପତି ପ୍ର. ଅଜିତ କୁମାର ଶାସନୀ, ଦୁବାଇ ଓଡ଼ିଆ ସମାଜର ଦେବାଶିଷ ଦାଶ ଓ ଶ୍ରୀ ସି.ଭି. ରମଣ ମୂର୍ତ୍ତି, ମୁଖ୍ୟ, ଙ୍ଝଉଙଙ୍ଗ, ଓଜରଖ, ମାଟିଖାଲ ଏବଂ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ମାନେ ଯୋଗ ଦେଇଥିଲେ। ଅତିଥି ମାନଙ୍କ ଉପସ୍ଥିତିରେ ଉକ୍ତ କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଯଥା 'ଠିଆ ପୁଛି ନାରଙ୍ଗ' ପାରମ୍ପରିକ ନୃତ୍ୟ ସଙ୍ଗୀତ ପରିବେଷଣ ହୋଇଥିଲା ଯାହାକୁ ଅତିଥି ଓ ଦର୍ଶକ ମାନେ ବହୁ ପ୍ରଶଂସା କରିଥିଲେ। ତେବେ ପୂର୍ବରୁ ଖଲ୍ଲିକୋଟ ବିଶ୍ୱ ବିଦ୍ୟାଳୟ ଷ୍ଟାଡିୟମରେ ଅକ୍ଟୋବର ୧୧ରେ ହୋଇଥିବା ଗ୍ରାମୀଣ ମହିଳା କ୍ରୀଡ଼ାର ବିଜେତା ମାନେ ଏଥିରେ ନୃତ୍ୟ ପରିବେଷଣ କରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଏହାର ନିର୍ଦ୍ଦେଶନା ଦେଇଥିଲେ ଅର୍ଚ୍ଚନା ପାତ୍ର । ସେହିପରି ଏନେଇ ଆୟୋଜିତ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମରେ ଶଙ୍ଖ ଧ୍ୱନି, ଶକ୍ତି ଆବାହନୀ, କୁମାର ପୁନେଇଁ ଗୀତ 'ଫୁଲ ବଉଳ ବେଣୀ', ଓଡ଼ିଶୀ ନୃତ୍ୟଶିଳ୍ପୀ ଲକ୍ଷ୍ମୀ ଦୀପିକାଙ୍କ ନୃତ୍ୟ, ବ୍ରହ୍ମପୁରୀ ପାଟ ଉପରେ ଫ୍ୟାଶନ ଶୋ' ପରିବେଷଣ ହୋଇଥିବା ବେଳେ, ବିହାରର ଲୋକନୃତ୍ୟ ଓ ବେଲଗୁଣ୍ଠାର ମଣିଷ ବାଘ ନୃତ୍ୟ ଦର୍ଶକଙ୍କୁ ବେଶ୍ ଆକୃଷ୍ଟ କରିଥିଲା । ଏହି ଅବସରରେ ୧୭ତମ ଯୁଥ୍ ଆଚିଭର୍ସ ସମ୍ମାନରେ ମଞ୍ଚରେ ତିନି ଜଣ ଯୁବ ପ୍ରତିଭା ଯଥା ପାରାଦ୍ୱୀପର ଅନ୍ତର୍ଜାତୀୟ ମୂକ ଓ ବଧିର କରାଟେ ଚାମ୍ପିଅନ ଲୋମା ସ୍ୱାଇଁ, ବ୍ରହ୍ମପୁରର Miss Teen Universe India ୨୦୨୬ ବିଜୟିନୀ ମିସ୍ ପ୍ରାସୁସି ପଣ୍ଡା ଏବଂ କଳାହାଣ୍ଡିର ଲୋକପ୍ରିୟ ଲୋକଗାୟକ ସକ୍ଷବର୍ଣ୍ଣର ଭୋଇ ପ୍ରମୁଖଙ୍କୁ ୧୭ତମ KPJL ଯୁଥ୍ ଆଚିଭର୍ସ ଆୱାର୍ଡ ୨୦୨୬ ପ୍ରଦାନ କରାଯାଇଥିଲା। ଏହାସହ ପୂର୍ବ ଅନୁଷ୍ଠିତ ଲୁପ୍ତପ୍ରାୟ ସମ୍ପ୍ରଦାୟ କ୍ରୀଡ଼ା ପ୍ରତିଯୋଗିତାର ବିଜେତା ମାନଙ୍କୁ ମାନ୍ୟଗଣ୍ୟ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଉକ୍ତ ମହୋତ୍ସବ କୁଆଁର ପୁନେଇଁ ଜହ୍ନ ଲୋ କାର୍ଯ୍ୟକ୍ରମର ସଭାପତି ତଥା ବିଶିଷ୍ଟ ମନସ୍ତତ୍ତ୍ୱବିତ୍ ସୁଦୀପ୍ତା ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ, ମୁଖ୍ୟ ଉପଦେଷ୍ଟା ତଥା ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ମଞ୍ଚ ଉପସ୍ଥାପକ ହୃଷୀକେଶ ପାଣିଗ୍ରାହୀଙ୍କ ସଂଯୋଜନାରେ ସଭା ସଞ୍ଚାଳିତ ହୋଇଥିଲା । କମିଟିର ସମସ୍ତ ସଦସ୍ୟ କାର୍ଯ୍ୟକୁ ପରିଚାଳନାରେ ସହଯୋଗ କରିଥିଲେ।

# ବ୍ରିଟିଶ୍ ଅମଳର ଐତିହ୍ୟ ବହନ କରୁଥିବା ମଧୁପୁର ଗଡ଼ ଡାକ ଘର ଏବେ ଅବହେଳିତ

ଚଣ୍ଡିଖୋଲ,୨୮।୧୦ :(ମନ୍ଥନ)ମଧୁପୁର ଗଡ଼ (ଧର୍ମଶାଳା):ଯାହା ଥିଲା ଗାଁ ର ଗର୍ବ, ଯାହା ବ୍ରିଟିଶ୍ ଅମଳରୁ ଲୋକଙ୍କ ସୁଖ ଦୁଃଖର ଚିଠି ବାର୍ତ୍ତା ବୋହି ଆଣୁଥିଲା, ଆଜି ସେହି ମଧୁପୁର ଗଡ଼ ଡାକ ଘର ନିଜେ ସହାୟତା ମାଗୁଛି। ଗାଁ ର ବୟୋଜ୍ୟେଷ୍ଠ ମାନେ କୁହନ୍ତି, ଏହା ହେଉଛି ବ୍ରିଟିଶ୍ ଶାସନ ସମୟର ଏକ ପୁରାତନ ପୋଷ୍ଟ ଅଫିସ। ସ୍ୱାଧୀନତା ପୂର୍ବରୁ ଏହି ଅଞ୍ଚଳର ଏକମାତ୍ର ଯୋଗାଯୋଗର ମାଧ୍ୟମ ଥିଲା ଏହି ଡାକ ଘର।ଆଜି ଡିଜିଟାଲ ଯୁଗରେ ମଧ୍ୟ ଏହି ଡାକ ଘରର ଗୁରୁତ୍ୱ କମିନାହିଁ। ଏଠାରେ ପ୍ରତିଦିନ ଶହ ଶହ ଲୋକ ନିଜର ସଞ୍ଚୟ ଖାତା, ଦୈନନ୍ଦିନ ଜମା, ଫିକ୍ସ ଡିପୋଜିଟ୍, ଜଉ, ମନିଅର୍ଡର କରୁଛନ୍ତି। ଏହା ସହିତ ବ୍ୟାଙ୍କ ଠାରୁ ଆରମ୍ଭ କରି ବ୍ଲକ, ତହସିଲ, ପଞ୍ଚାୟତର ସମସ୍ତ ସରକାରୀ ଗୁରୁତ୍ୱପୂର୍ଣ୍ଣ ଚିଠି ଏହି ବାଟ ଦେଇ ଆସୁଛି।କିନ୍ତୁ ଦୁଃଖ ଓ ପରିତାପର ବିଷୟ ହେଉଛି, ଯେଉଁ ଘରେ ଲୋକଙ୍କ ଲକ୍ଷ ଲକ୍ଷ ଟଙ୍କାର ବିଶ୍ୱାସ ଜମା ଅଛି, ସେହି ଘରଟିର ଅବସ୍ଥା ଅତ୍ୟନ୍ତ ଶୋଚନୀୟ। ଅନୁସନ୍ଧାନରୁ ଜଣାପଡ଼ିଛି ଯେ, ଡାକ ଘରର କାନ୍ଥ ସବୁ ଫାଟି ଆରମ୍ଭ କରିଛି, ଉପର ଆଜବେଷ୍ଟ ଛାତ ସବୁ ଭାଙ୍ଗି ଖଣ୍ଡ ଖଣ୍ଡ ହୋଇ ଯାଇଛି। ବର୍ଷା ଦିନେ ଭିତରକୁ ପାଣି ଗଳୁଛି, ଗ୍ରୀଷ୍ମ ଦିନେ ଖରା ପଶୁଛି। ଏଭଳି ଖୋଲା ଓ ଭଙ୍ଗା ଘରେ ସରକାରୀ କାଗଜପତ୍ର ରଖିବା କେତେ ଦୂର ସୁରକ୍ଷିତ, ତାହା ସାଧାରଣ ଲୋକେ ପ୍ରଶ୍ନ କରୁଛନ୍ତି।ସ୍ଥାନୀୟ ବୁଦ୍ଧିଜୀବୀ ତଥା ସାମାଜିକ କର୍ମୀମାନେ କହିଛନ୍ତି, ଯଦି ସରକାର ଏଥି ପ୍ରତି ଶୀଘ୍ର ଦୃଷ୍ଟି ନ ଦିଅନ୍ତି, ତେବେ ଦିନେ ଏହି ଐତିହ୍ୟ ଡାକ ଘର ସବୁଦିନ ପାଇଁ ନଷ୍ଟ ହୋଇଯିବ। ନଷ୍ଟ ହେବ ଲୋକଙ୍କ ବହୁ ମୂଲ୍ୟବାନ କାଗଜପତ୍ର। ତେଣୁ କେନ୍ଦ୍ର ସରକାରଙ୍କ ଡାକ ବିଭାଗ ଓ ଓଡ଼ିଶା ସରକାର ମିଳିତ ଭାବେ ଏହି ଡାକ ଘର ପାଇଁ ଏକ ନୂତନ ପକ୍କା ଗୃହ ନିର୍ମାଣ କରିବା ପାଇଁ ସମସ୍ତେ ଦାବି କରିଛନ୍ତି।ଆମେ ଆଶା କରୁଛୁ, ଜିଲ୍ଲା ପ୍ରଶାସନ ଏ ଦିଗରେ ତୁରନ୍ତ ପଦକ୍ଷେପ ନେବେ।

# ବିଦ୍ୟାଳୟରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଶପଥ ପାଠ

ଡେଲାଙ୍ଗ,୨୮।୧୦ :(ମନ୍ଥନ) ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଶିକ୍ଷା ବିଭାଗର ନିୟମ ଆଧାରରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଓ ବିଦ୍ୟାଳୟରେ ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଡେଲାଙ୍ଗ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଭୟ ଚରଣ ସାହୁଙ୍କ ତତ୍ତ୍ୱାବଧାନରେ ସଚେତନତା ଓ ସାଧୁତାର ଶପଥ ପାଠ କାର୍ଯ୍ୟକ୍ରମ ହୋଇଥିଲା । ପ୍ରଧାନ ଶିକ୍ଷକ ଙ୍କ ସମେତ ସହକର୍ମୀ ଓ ଅଭିଭାବକଙ୍କ ଗହଣରେ ଦୁର୍ନୀତି ଏକ ସାମାଜିକ ବ୍ୟାଧି ଏବଂ ସମାଜରେ ସମସ୍ତ ପ୍ରଗତିର ପ୍ରତିବନ୍ଧକ ବୋଲି ସାଧୁତାରୁ ସମୃଦ୍ଧି ପ୍ରସଙ୍ଗ ଆଧାରରେ ଦୃଢ଼ ଭାବେ ପ୍ରକାଶ କରି ସମସ୍ତେ ସଚେତନ ହୋଇ ଏକ ସ୍ୱରରେ ଦୁର୍ନୀତି ରୋକିବାକୁ ନିବେଦନ କରିଥିଲେ । ବିଦ୍ୟାଳୟର ଶିକ୍ଷକ ଟିକେଇ ଦଳେଇ,ମାନସ ରଂଜନ ସ୍ୱାଇଁ,ଅଜୟ କୁମାର ପ୍ରଧାନ, ଶିକ୍ଷୟିତ୍ରୀ ପାପଲିନ୍ ପ୍ରଧାନ, ସତ୍ୟଭାମା ବେହେରା, ରୋଜାଲିନ୍ ମହାରଣା ସାଧୁତାର ଶପଥ ପାଠ କରିଥିଲେ।

# ନାବାଳିକା ଲକ୍ଷ୍ମୀଙ୍କୁ ନ୍ୟାୟ ପ୍ରଦାନ ଦାବିରେ କଂଗ୍ରେସ ପକ୍ଷରୁ ୮ ଘଣ୍ଟିଆ ଜଳେଶ୍ୱର ବନ୍ଦ ସଫଳ

ଜଳେଶ୍ୱର,୨୮।୧୦ :(ମନ୍ଥନ) ବହୁ ଚର୍ଚ୍ଚିତ ପଶ୍ଚିମବାର୍ଡ ନାବାଳିକା ଲକ୍ଷ୍ମୀଙ୍କ ସହ ଘଟିଥିବା ଅମାନବୀୟ ଓ ହୃଦୟବିଦାରକ ଦୁଷ୍କର୍ମ ଏବଂ ହତ୍ୟା ଘଟଣାକୁ କଂଗ୍ରେସ ପକ୍ଷରୁ ଦୃଢ଼ ନିନ୍ଦା କରାଯିବା ସହିତ ଜଶ୍ୱେର କଂଗ୍ରେସ ପକ୍ଷରୁ ଆଜି ସକାଳ ୬ ଟା ଠାରୁ ଅପରାହ୍ନ ୨ ଘଟିକା ପର୍ଯ୍ୟନ୍ତ ୮ ଘଣ୍ଟିଆ ଜଳେଶ୍ୱର ବନ୍ଦ ପାଳନ କରାଯାଇଛି।ଜଳେଶ୍ୱର କଂଗ୍ରେସର ନେତୃତ୍ୱରେ ଆୟୋଜିତ ଏହି ବନ୍ଦକୁ ଜଳେଶ୍ୱର ବାସୀ, ବିଭିନ୍ନ ସାମାଜିକ ସଂଗଠନ, ଯୁବକ, ମହିଳା ଓ ସଚେତନ ନାଗରିକମାନେ ସ୍ୱତଃସ୍ଫୂର୍ତ୍ତ ଭାବେ ସମର୍ଥନ କରିଛନ୍ତି। ବ୍ୟବସାୟୀ, ଦୋକାନୀ ଓ ସାଧାରଣ ଲୋକମାନେ ନିଜ ନିଜ ପ୍ରତିଷ୍ଠାନ ବନ୍ଦ ରଖି ଏହି ନ୍ୟାୟସଙ୍ଗତ ଆନ୍ଦୋଳନ ପ୍ରତି ଏକତା ପ୍ରକାଶ କରିଛନ୍ତି। ବନ୍ଦ ସମୟରେ ଅଞ୍ଚଳରେ ଶାନ୍ତି, ଶୃଙ୍ଖଳା ଓ ସାମାଜିକ ସମନ୍ୱୟ ବଜାୟ ରହିଥିଲା।ଏହି ଆନ୍ଦୋଳନ ମାଧ୍ୟମରେ କଂଗ୍ରେସ ଲକ୍ଷ୍ମୀଙ୍କ ମାମଲାର ନିରପେକ୍ଷ, ନିଷ୍ପକ୍ଷ ଓ ତ୍ୱରିତ ତଦନ୍ତ ପାଇଁ ଏହାକୁ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରିବା, ଘଟଣାରେ ସମ୍ପୃକ୍ତ ସମସ୍ତ ଦୋଷୀଙ୍କୁ ଚିହ୍ନଟ କରି ଆଇନ ଅନୁଯାୟୀ କଠୋର ଦଣ୍ଡ ଦେବା, ଏଥିସହ ଲକ୍ଷ୍ମୀଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କାର କ୍ଷତିପୂରଣ ଏବଂ ତାଙ୍କ ବଡ଼ ଭଉଣୀଙ୍କୁ ଯୋଗ୍ୟତା ଓ ଅଭିଜ୍ଞତା ଅନୁଯାୟୀ ସରକାରୀ ଚାକିରି ପ୍ରଦାନ କରିବା ପାଇଁ ଦାବୀ କରାଯାଇଛି।କଂଗ୍ରେସ ନେତା ସୁଦର୍ଶନ ଦାସ, ବାଲେଶ୍ୱର ଜିଲ୍ଲା ସହ ପ୍ରଭାରୀ ତଥା ପ୍ରଦେଶ କମିଟି ସାଧାରଣ ସମ୍ପାଦକ ବାଙ୍କ ବିହାରୀ ବେହେରା,ଜିଲ୍ଲା ହରିଜନ ସେଲ୍ ସଭାପତି ବିଧାନ ଜେନା,ଅରୁଣ ଜେନା,ପୂର୍ବତନ ନଗରପାଳ ସୁନୀଲ କୁମାର ପରିଡ଼ା,ଜଳେଶ୍ୱର ବ୍ଲକ ସଭାପତି ହେମନ୍ତ ଗିରି,ନଗର ସଭାପତି ଜଗଦୀଶ ନନ୍ଦୀ,ପୂର୍ବତନ ସରପଞ୍ଚ ସୁଦାମ ଚରଣ ପାତ୍ର ଓ କେଶବ ପ୍ରଧାନ,ଯୁବ ନେତା ଗୋପାଳ କୃଷ୍ଣ ଜେନା,ହରିଜନ ସେଲ୍ ବ୍ଲକ ସଭାପତି ଜନ୍ମେଜୟ ଜେନା, ଦୁର୍ଗା ଶଙ୍କର ଆଶ,ବିଧୁ ଭୂଷଣ ଦାସ,ହରିଶଙ୍କର ମାହଲିକ, ତାରକ ଚନ୍ଦ ପ୍ରମୁଖ ନେତୃବୃନ୍ଦ ଏହି ଜଳେଶ୍ୱର ବନ୍ଦ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ।

# ୩୫ତମ ଗଜଲକ୍ଷ୍ମୀ ପୂଜା ପାଳିତ

ଯଇଁନ୍ତରା,୨୮।୧୦ :(ମନ୍ଥନ)ବଲାଙ୍ଗୀର ଜିଲ୍ଲାର ମୁରିବାହାଲ ବ୍ଲକ ଅନ୍ତର୍ଗତ ଯଇଁନ୍ତରା ଗ୍ରାମରେ ୩୫ତମ ଗଜଲକ୍ଷ୍ମୀ ପୂଜା ଧୁମ୍‌ଧାମ୍‌ରେ ପାଳନ କରାଯାଉଛି। ୧୯୯୨ ମସିହାରେ ଆରମ୍ଭ ହୋଇଥିବା ଏହି ପୂଜା ଗ୍ରାମବାସୀଙ୍କ ସହଯୋଗରେ ଦୀର୍ଘ ବର୍ଷ ଧରି ପାରମ୍ପରିକ ରୀତିନୀତି ଅନୁସାରେ ପାଳିତ ହୋଇଆସୁଛି।ତିନି ଦିନ ଧରି ଚାଲୁଥିବା ଏହି ପୂଜା ଅବସରରେ ବିଭିନ୍ନ ଧାର୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଏଥିମଧ୍ୟରେ ଏବର୍ଷ ଡାନ୍ସ , ଦଣ୍ଡନୃତ୍ୟ ଓ ରାମଲୀଳା ପ୍ରମୁଖ ଆକର୍ଷଣ ପାଲଟିଛି। ଏହି କାର୍ଯ୍ୟକ୍ରମ ଗ୍ରାମରେ ଉତ୍ସାହ ଓ ଆନନ୍ଦର ପରିବେଶ ସୃଷ୍ଟି କରିବା ସହ ଅଞ୍ଚଳର କଳା ଓ ସଂସ୍କୃତିକୁ ପ୍ରୋତ୍ସାହିତ କରୁଛି।ପୂଜାରେ ପୂଜକ ଭାବେ ଗଣେଶ ରାମ ଠାକୁର, କର୍ତ୍ତା ଭାବେ ଦିବାକର ଚନ୍ଦନ ଓ ତାଙ୍କ ଧର୍ମପତ୍ନୀ ଦ୍ରୌପଦୀ ଚନ୍ଦନ ଏବଂ ବ୍ୟାସ ଭାବେ ଲିପକ କୁମାର ମିଶ୍ର ଦାୟିତ୍ୱ ତୁଲାଉଛନ୍ତି।

ପୂଜାରେ ଭକ୍ତବୃନ୍ଦଙ୍କ ମଧ୍ୟରେ ଚତୁର ମାଝୀ, ଚକ୍ର ଘିଭେଲା, ଉପେନ୍ଦ୍ର ଭୁଏ, ଭୁବନ ଖର୍ସେଲ, ଗଣ୍ଡାରାମ ମେହେର, କିର୍ତ୍ତୀଚନ୍ଦ୍ର ଭୁଏ, ରାଧେଶ୍ୟାମ ମେହେର, କାନ୍ତ ବଗର୍ତ୍ତୀ, ତପି ମାଝୀ, ନିରାକାର ଘିଭେଲା, ଭକ୍ତ ଖୁଟୁଳା, ପ୍ରକ୍ଷିତ ମାଝୀ, ଫଟୁ ଖୁଟୁଳା, ସବ୍ୟ ଖର୍ସ ?ଲ ଓ ଭୋଳାନାଥ ମେହେର ପ୍ରମୁଖ ସହଯୋଗ କରୁଛନ୍ତି।ସେହିପରି ପୂଜା କମିଟିର ସଦସ୍ୟ ଟିଟୁ ମାଝୀ, ବିରଞ୍ଚି ଘିଭେଲା, ଲଳିତ ମେହେର, ଶଙ୍କର ଖୁଟୁଳା, ଲୁଚନ ଭୁଏ, ନାରାୟଣ ଘିଭେଲା, କାଶୀ ମେହେର, ଦେବରା ମାଝୀ, କନ୍ଧ ଖୁଟୁଳା, ଭରତ ମେହେର, ବିନୟ ଭୁଏ, ଗଞ୍ଜିନ ମାଝୀ, ବୁଲୁ ମାଝୀ, ଦୁର୍ଯ୍ୟ ମାଝୀ, ପ୍ରମୋଦ ଭୁଏ, ବୁଲୁ ମେହେର, ପାର୍ଥ ମାଝୀ, ଦିବାକର ଚନ୍ଦନ, ସତ୍ୟ ଖର୍ସେଲ, ବିରେନ ମେହେର, ପ୍ରସାଦ ଚନ୍ଦନ, ସାଧୁ ମେହେର, ପ୍ରକାଶ ମେହେର, ତୁଳା ଖୁଟୁଳା, ଅଶ୍ୱିନୀ ଭୁଏ, ପହଲାଦ ମେହେର, ହରେକୃଷ୍ଣ ମେହେର, ଗଦାଧର ମେହେର ଓ ପାଲୁ ଖର୍ସେଲଙ୍କ ସମେତ ଅନ୍ୟ ସଦସ୍ୟମାନେ ପୂଜାର ସଫଳ ଆୟୋଜନରେ ସହଯୋଗ କରୁଛନ୍ତି।ଗ୍ରାମବାସୀଙ୍କ ଏକତା, ସହଯୋଗ ଓ ଧାର୍ମିକ ଭାବନା ଏହି ପାରମ୍ପରିକ ପୂଜାକୁ ଦୀର୍ଘ ବର୍ଷ ଧରି ଜୀବନ୍ତ ରଖିଛି।

# ଜଗତସିଂହପୁର ଜିଲ୍ଲାରୁ ବରିଷ୍ଠ ନାଗରିକମାନଙ୍କ ବାରଣାସୀ-ଅଯୋଧ୍ୟା ଅଭିମୁଖେ ତୀର୍ଥଯାତ୍ରା

ଜଗତସିଂହପୁର, ୨୮।୧୦ :(ମନ୍ଥନ) ଆଜି ଅପରାହ୍ନରେ ଜଗତସିଂହପୁର ଜିଲ୍ଲାରୁ ୮୫ଜଣ ବରିଷ୍ଠ ନାଗରିକ ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ସାମିଲ ହୋଇ ବାରଣାସୀ-ଅଯୋଧ୍ୟା ଅଭିମୁଖେ ଯାତ୍ରା କରିଅଛନ୍ତି । ଆଦିକବି ସାରଳା ଦାସ ସଂସ୍କୃତି ଭବନ ନିକଟରୁ ୨ ଗୋଟି ବସ୍ ଓ ଏକ ବୋଲେରୋ ଯୋଗେ ଯାତ୍ରାର ଶୁଭାରମ୍ଭ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଶ୍ରୀ ବିଭୁ ପ୍ରସାଦ ତରାଇ, ମାନ୍ୟବର ସାଂସଦ, ଶ୍ରୀମତୀ ଅର୍ଚ୍ଚନା ସିଂହ, ଅଧ୍ୟକ୍ଷା,



ଜଗତସିଂହପୁର ପୌରପରିଷଦ ଏବଂ ଶ୍ରୀ ସମ୍ବିତ୍ କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗଦାନ ପୂର୍ବକ ତୀର୍ଥ ଯାତ୍ରାର ଶୁଭାରମ୍ଭ କରିବା ସହିତ ତୀର୍ଥଯାତ୍ରୀ ମାନଙ୍କୁ ଆଧ୍ୟାତ୍ମିକ ଦିଗଦର୍ଶନ ଦେଇ ସେମାନଙ୍କ ଯାତ୍ରା ସୁଖମୟ ହେବା ପାଇଁ କାମନା କରିଥିଲେ । ବରିଷ୍ଠ ନାଗରିକ ମାନଙ୍କ ସହିତ ସେମାନଙ୍କର ସୁରକ୍ଷିତ ଓ ନିରାପଦ ଯାତ୍ରା ପାଇଁ ଜିଲ୍ଲାରୁ ସହାୟକ ଅଧିକାରୀ ଭାବେ ଶ୍ରୀ ଜୟନ୍ତ କୁମାର ନାୟକ, ଶ୍ରୀ ଯୁଧିଷ୍ଠିର ମହାରଣା ଓ ଶ୍ରୀ ରାଧାମୋହନ ଜେନା ଗସ୍ତ କରିଛନ୍ତି । ଆସନ୍ତାକାଲି ତା.୨୮.୧୦.୨୦୨୬ରିଖ ପୂର୍ବାହ୍ନ ୧୧.୩୦ ସମୟରେ ସ୍ୱତନ୍ତ୍ର ଟ୍ରେନ ଯୋଗେ ସେମାନେ ବାରଣାସୀ-ଅଯୋଧ୍ୟା ଅଭିମୁଖେ ଯାତ୍ରା କରିବେ । ଆଜି ସକାଳେ ସ୍ଥାନୀୟ ସଂସ୍କୃତି ଭବନ ଠାରେ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ କେନ୍ଦ୍ରର ବିଶେଷଜ୍ଞ ଡାକ୍ତରମାନେ ବରିଷ୍ଠ ନାଗରିକମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଶ୍ରୀମତୀ ମୀରାବାଈ ବେହେରା, ପର୍ଯ୍ୟଟନ ବିକାଶ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ପରିଚାଳନା ହୋଇଥିଲା ଏବଂ ଏହି କାର୍ଯ୍ୟକ୍ରମରେ ପର୍ଯ୍ୟଟନ ବିଭାଗର ସମସ୍ତ କର୍ମଚାରୀ, ଗଣମାଧ୍ୟମ ପ୍ରତିନିଧି ତଥା ଜନସାଧାରଣ ଉପସ୍ଥିତ ଥିଲେ ।

# ବରିଷ୍ଠ ନୋଟାରି ଅଶ୍ୱିନୀ ମିଶ୍ରଙ୍କ ବିୟୋଗ ରେ ଜିଲ୍ଲା ଓକିଲ ସଂଘ ପକ୍ଷରୁ ଶୋକସଭା

ବଲାଙ୍ଗିର,୨୮।୧୦ :(ମନ୍ଥନ)ବଲାଙ୍ଗିର ର ନୋଟାରି ତଥା ବରିଷ୍ଠ ଆଇନଜିବୀ ଅଶ୍ୱିନୀ ମିଶ୍ରଙ୍କ ବିୟୋଗ ରେ ବଲାଙ୍ଗିର ଜିଲ୍ଲା ଓକିଲ ସଂଘ ତରଫରୁ ଗଭିର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ସ୍ୱର୍ଗତ ମିଶ୍ର ଜଣେ ମଳାପି ଓ ଦରଦି ମଣିଷ ଭାବରେ ଜଣାଶୁଣା ଥିଲେ । ଦିର୍ଘ ୫୦ ବର୍ଷ ଧରି ବଲାଙ୍ଗିର ଜିଲ୍ଲାରେ ନୋଟାରି ଭାବରେ କାର୍ଯ୍ୟ କରି ଲୋକପ୍ରିୟତା, ଦକ୍ଷତା, ନିଷ୍ଠା ଓ ଜ୍ଞାନର ପରିଚୟ ସୃଷ୍ଟି କରିପାରିଥିଲେ । ବୃତ୍ତିଗତ ଜିବନରେ ଆମାୟିକ ବ୍ୟବହାର ଓକିଲମାନଙ୍କୁ ଉତ୍ତମ ବ୍ୟବହାର ରଖି ସେ ସୁସଂଗଠିତ କରିପାରିଥିଲେ । ସ୍ୱର୍ଗତ ମିଶ୍ରଙ୍କ ବିୟୋଗରେ ବଲାଙ୍ଗିର ଜିଲ୍ଲା ତହସିଲ ପରିସରରେ କାର୍ଯ୍ୟରତ ଓକିଲମାନଙ୍କ ପକ୍ଷରୁ ଶୋକସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଓକିଲ ସଂଘର ସମସ୍ତ କର୍ମକର୍ତ୍ତା ଯୋଗଦାନ



କରି ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ସଭାରେ ଜିଲ୍ଲା ଓକିଲ ସଂଘର ସଭାପତି ବାସୁଦେବ ରଥ, ସଂପାଦକ ଅସୀତ ଷଡଙ୍ଗି, ସଭ୍ୟ ରୁଦ୍ର ଥନାପତି, ଦୟାନିଧି ଶତପଥି, ସଂଜିବ ହୋତା, ଦେବେନ୍ଦ୍ର ସାହୁ, କୃଷ୍ଣ ଚନ୍ଦନ, ପ୍ରଦୀପ ବୁଡେକ, ପ୍ରଭାସ ମିଶ୍ର, ଅନଙ୍ଗ ମିଶ୍ର, ସୁରେଶ ସାହୁ, ଅମ୍ବୁଜ ମହାନ୍ତି, ପଦ୍ମନାଭ ପଟେଲ, ଅଶୋକ ରାଉତ ପ୍ରମୁଖ ଆଇନଜିବୀ ଉପସ୍ଥିତ ରହି ମିଶ୍ରଙ୍କ ବିୟୋଗରେ ଗଭିର ଶୋକବ୍ୟକ୍ତ କରିଥିଲେ ।



## ବାତ୍ୟା ଅର୍ଣ୍ଣବ ପ୍ରଭାବରେ ଛତ୍ରପୁରରେ ଲଗାଣ ବର୍ଷା



ଛତ୍ରପୁର,୨୮।୧୦ :(ମନ୍ଥନ)ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ଛତ୍ରପୁର ଅଞ୍ଚଳରେ ଗତ ଦୁଇଦିନ ଧରି ଲଗାଣ ବର୍ଷା ସାଙ୍ଗକୁ ପବନ ଜାରି ରହିଛି । ଏଥିଯୋଗୁଁ ସାଧାରଣ ଜୀବନଯାପନ ପ୍ରଭାବିତ ହୋଇଥିବା ବେଳେ ବିଭିନ୍ନ ସ୍ଥାନରେ ଗଛ ଭାଙ୍ଗି ପଡ଼ି ଯାତାୟାତ ବାଧାପ୍ରାପ୍ତ ହୋଇଛି । ଛତ୍ରପୁର ଡିଆରଡିଏ ଛକ ନିକଟରେ ଏକ କାର ଉପରେ ଗଛ ପଡ଼ିଥିବା ଜଣାପଡ଼ିଛି ।ଛତ୍ରପୁର ପୌରପରିଷଦ ଅନ୍ତର୍ଗତ ଟାକିରିଆ ବ୍ରହ୍ମପୁର ଗାଁ ନିକଟ ଜାତୀୟ ରାଜପଥରେ ବହୁ ଗଛ ଭାଙ୍ଗି ପଡ଼ିଛି । ସେହିପରି ବ୍ୟାଙ୍କ କଲୋନୀ, ନ୍ୟୁ ପୋଲିସ ଲାଇନ ସମେତ ସହରର ବିଭିନ୍ନ ଅଞ୍ଚଳରେ ଛୋଟବଡ଼ ଗଛ ରାସ୍ତା ଉପରେ ପଡ଼ିବାରୁ ଯାତାୟାତରେ ବାଧା ସୃଷ୍ଟି ହୋଇଛି ।ସୂଚନା ପାଇ ଅଗ୍ନିଶମ ବାହିନୀ କର୍ମଚାରୀମାନେ ବିଭିନ୍ନ ସ୍ଥାନରେ ପଡ଼ିଥିବା ଗଛ କାଟି ରାସ୍ତା ସଫା କରୁଛନ୍ତି । ଫଳରେ ଧୀରେ ଧୀରେ ଯାତାୟାତ ସ୍ୱାଭାବିକ ହେଉଛି ।ଲଗାଣ ବର୍ଷା ଯୋଗୁଁ ନଦୀଗୁଡ଼ିକର ଜଳସ୍ତର ମଧ୍ୟ ବୃଦ୍ଧି ପାଇଛି । ଏହାକୁ ନେଇ ନଦୀକୂଳିଆ ଅଞ୍ଚଳର ଲୋକଙ୍କ ମଧ୍ୟରେ ଚିନ୍ତା ବଢ଼ିଛି ।ଅନ୍ୟପଟେ ଏହି ସମୟରେ ଚାଷଜମିରେ ଧାନ ପାଚିବା ସହ କେତେକ ସ୍ଥାନରେ ଧାନ ପୁଡ଼ା ଧରୁଥିବାରୁ ଲଗାଣ ବର୍ଷା ଓ ପବନ ଯୋଗୁଁ ଧାନ ଫସଲରେ କ୍ଷତି ହେବା ଆଶଙ୍କା ଦେଖାଦେଇଛି । ରଷିକୁଲ୍ୟା ରୟତ ମହାସଭାର ସମ୍ପାଦକ ସୀମାଞ୍ଚଳ ନାହାକଙ୍କ କହିବା ଅନୁଯାୟୀ, ଏହି ସମୟରେ ଲଗାଣ ବର୍ଷା ଓ ପବନ ଯୋଗୁଁ ଧାନ ଫସଲ ନିଶ୍ଚିତ ଭାବେ କ୍ଷତିଗ୍ରସ୍ତ ହେବ ।ଗତ ମାସରେ ଲଘୁଚାପଜନିତ ବର୍ଷା ଯୋଗୁଁ ପନିପରିବା ଚାଷୀମାନେ କ୍ଷତି ସହିଥିବା ବେଳେ ଚଳିତ ବର୍ଷା ଓ ପବନ ପୁଣିଥରେ ସେମାନଙ୍କ ଚିନ୍ତା ବଢ଼ାଇ ଦେଇଛି । ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ଚାଷୀଙ୍କ ଆର୍ଥିକ ସ୍ଥିତି ଦୁର୍ବଳ ହେଉଥିବା ନେଇ ଚିନ୍ତା ପ୍ରକାଶ ପାଇଛି ।ଏପଟେ ବାତ୍ୟା ମୁକାବିଲା ପାଇଁ ଛତ୍ରପୁର ବ୍ଲକ ଓ ପୌରପରିଷଦ ପକ୍ଷରୁ ପ୍ରସ୍ତୁତି ଜାରି ରହିଛି । ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳର ଲୋକଙ୍କୁ ବିଭିନ୍ନ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି । ଆଶ୍ରୟସ୍ଥଳୀରେ ରହୁଥିବା ଲୋକଙ୍କ ପାଇଁ ପ୍ରଶାସନ ପକ୍ଷରୁ ରନ୍ଧା ଖାଦ୍ୟ ବ୍ୟବସ୍ଥା କରାଯାଇଛି ।

## ବାର୍ଷିକ ପତ୍ରିକାର ଶୁଭ ଉନ୍ମୋଚନ ସମାରୋହ



ବଲାଙ୍ଗିର,୨୮।୧୦ :(ମନ୍ଥନ) ଆଜି ଦିବ୍ୟ ଜ୍ୟୋତି ଜାଗୃତି ଯୋଗ ସଂଗଠନ, ବଲାଙ୍ଗୀର ପକ୍ଷରୁ ପ୍ରକାଶିତ ବାର୍ଷିକ ପତ୍ରିକା ' ଦିବ୍ୟ ଜ୍ୟୋତି ଜ୍ଞାନ ଅମୃତ' ର ଶୁଭ ଉନ୍ମୋଚନ ହୋଇଥିଲା । ଏହି ଅବସରରେ ସଂଗଠନର ସମସ୍ତ ଯୋଗୀପ୍ରେମୀଙ୍କ ଉପସ୍ଥିତି ପରିବେଶକୁ ଆନନ୍ଦମୟ, ଉତ୍ସାହପୂର୍ଣ୍ଣ ଓ ଆଧ୍ୟାତ୍ମିକ ଭାବଧାରାରେ ଭରିଦେଇଥିଲା ।ସଭାର ପ୍ରାରମ୍ଭରେ ଶ୍ରୀଯୁକ୍ତ ମନୋଜ କୁମାର ବାରିକ ନିଜର ସୁନ୍ଦର ଓ ପ୍ରେରଣାଦାୟୀ ଅଭିଭାଷଣ ମାଧ୍ୟମରେ ସଭାକାର୍ଯ୍ୟକୁ ଶୁଭାରମ୍ଭ କରିଥିଲେ । ତାଙ୍କର ମନୋଜ୍ଞ ବକ୍ତବ୍ୟ ଉପସ୍ଥିତ ଯୋଗୀପ୍ରେମୀମାନଙ୍କ ମନରେ ନୂତନ ଉତ୍ସାହ ଓ ଉଦ୍ଦୀପନା ସୃଷ୍ଟି କରିଥିଲା ।ଏହାପରେ ସଂଗଠନର ସଭାପତି ଶ୍ରୀଯୁକ୍ତ ସୀତାରାମ ଦାସ ନିଜର ମୂଲ୍ୟବାନ ଅଭିଭାଷଣ ପ୍ରଦାନ କରିଥିଲେ । କୋଷାଧ୍ୟକ୍ଷ ଶ୍ରୀଯୁକ୍ତ ନୀଲକଣ୍ଠ ମେହେର ନିଜର ଅନୁଭୂତି ଓ ମତାମତ ଉପସ୍ଥାପନ କରିଥିବାବେଳେ ସଂପାଦକ ଶ୍ରୀଯୁକ୍ତ ହାୟୁମ ମୋହମ୍ମଦ ନିଜସ୍ୱ ବକ୍ତବ୍ୟ ମାଧ୍ୟମରେ ସଭାକୁ ସମ୍ବୋଧିତ କରିବା ସହ ସମସ୍ତଙ୍କ ମଙ୍ଗଳ କାମନା କରି ଶୁଭେଚ୍ଛାମୂଳକ ବାର୍ତ୍ତା ପ୍ରଦାନ କରିଥିଲେ ।ସଂଗଠନର ଏହି ନିଆରା ପରମ୍ପରା ଓ ସେବାମୂଳକ ଯାତ୍ରାର ଅନ୍ୟତମ ବିନ୍ଧାଣୀ ଶ୍ରୀଯୁକ୍ତ ବିରଞ୍ଚି ଗହୀର ଉପସ୍ଥିତ ରହି ସଂଗଠନର ଉତ୍ପତ୍ତି, ଆଦର୍ଶ ଓ ଉଦ୍ଦେଶ୍ୟ ସମ୍ପର୍କରେ ଐତିହାସିକ ତଥ୍ୟକୁ ଲିପିବଦ୍ଧ କରି ରଖିବା ପାଇଁ ଶ୍ରୀଯୁକ୍ତ ବିରଞ୍ଚି ଗହୀର ଓ ଶ୍ରୀଯୁକ୍ତ ସହଦେବ ଧରୁଆଙ୍କୁ ଅଭିଭାଷଣ ପ୍ରଦାନ କରିବା ନିମନ୍ତେ ଅନୁରୋଧ କରିଥିଲେ । ସଂଗଠନର ଅତୀତ ଅନୁଭୂତି, ସଂଘର୍ଷ ଓ ଅଗ୍ରଗତିକୁ ଅଭିଲେଖ ଆକାରରେ ସଂରକ୍ଷିତ କରିବାର ଏହି ପ୍ରୟାସ ଭବିଷ୍ୟତ ପିଢ଼ି ପାଇଁ ନିଶ୍ଚିତ ଭାବେ ଏକ ପ୍ରେରଣାଦାୟୀ ପଦକ୍ଷେପ ।ସଭାର ମୁଖ୍ୟ ପ୍ରସଙ୍ଗ ଉପରେ ଆଲୋକପାତ କରି ସଂଗଠନର ପରାମର୍ଶଦାତା ଶ୍ରୀଯୁକ୍ତ ଆନନ୍ଦ ଚନ୍ଦ୍ର ବେହେରା ନିଜର ମୂଲ୍ୟବାନ ମତାମତ ଓ ପରାମର୍ଶ ଉପସ୍ଥାପନ କରିଥିଲେ । ସେହିପରି ସକ୍ରିୟ ସଭ୍ୟ ଶ୍ରୀଯୁକ୍ତ ଦିଲ୍ଲୀପ ପାତ୍ର ଯୋଗର ମହତ୍ତ୍ୱ, ଉପକାରିତା ଓ ଜୀବନରେ ଏହାର ଆବଶ୍ୟକତା ସମ୍ପର୍କରେ ନିଜର ଅଭିଭାଷଣ ପ୍ରଦାନ କରିଥିଲେ ।ଏହି ଶୁଭ ଅବସରକୁ ଅଧିକ ମଙ୍ଗଳମୟ କରିବା ନିମନ୍ତେ ଶ୍ରୀଯୁକ୍ତ ବିରଞ୍ଚି ଗହୀର ସଭାପତି ଶ୍ରୀଯୁକ୍ତ ସୀତାରାମ ଦାସଙ୍କୁ ଭାରତମାତାଙ୍କ ସମ୍ମୁଖରେ ଦୀପ ପ୍ରଜ୍ୱଳନ କରିବା ପାଇଁ ଅନୁରୋଧ କରିଥିଲେ । ପରେ ସଭାପତି ଶ୍ରୀଯୁକ୍ତ ସୀତାରାମ ଦାସ, ସଂପାଦକ ଶ୍ରୀଯୁକ୍ତ ହାୟୁମ ମୋହମ୍ମଦ, କୋଷାଧ୍ୟକ୍ଷ ଶ୍ରୀଯୁକ୍ତ ନୀଲକଣ୍ଠ ମେହେର ଏବଂ ଶ୍ରୀଯୁକ୍ତ ମୁନେସ କେଜ୍ରିୱାଲଙ୍କ ଦ୍ୱାରା ବାର୍ଷିକ ପତ୍ରିକାର ଶୁଭ ଉନ୍ମୋଚନ କରାଯିବା ନିମନ୍ତେ ଅନୁରୋଧ କରାଯାଇଥିଲା ।ଏହିପରି ଏକ ଶୁଭ ମୁହୂର୍ତ୍ତରେ 'ଦିବ୍ୟ ଜ୍ୟୋତି ଜ୍ଞାନ ଅମୃତ'ର ଉନ୍ମୋଚନ କେବଳ ଏକ ପତ୍ରିକାର ପ୍ରକାଶନ ନୁହେଁ; ବରଂ ସଂଗଠନର ଆଦର୍ଶ, ଅନୁଭୂତି, ଯୋଗସାଧନା, ଆଧ୍ୟାତ୍ମିକ ଚେତନା ଓ ସାମାଜିକ ସେବାର ଭାବଧାରାକୁ ଜନମାନସରେ ପହଞ୍ଚାଇବାର ଏକ ମହତ୍ତ୍ୱପୂର୍ଣ୍ଣ ପ୍ରୟାସ ।ପରିଶେଷରେ ଉପସ୍ଥିତ ସମସ୍ତ ଯୋଗୀପ୍ରେମୀଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା ଏବଂ ସୌହାର୍ଦ୍ଦ୍ୟ, ଆନନ୍ଦ ଓ ପାରସ୍ପରିକ ଶୁଭେଚ୍ଛା ମଧ୍ୟରେ ସଭାକାର୍ଯ୍ୟର ସମାପନ ହୋଇଥିଲା ।

## ବାତ୍ୟା ଅର୍ଣ୍ଣବ ପ୍ରଭାବ,ଅଳ୍ପକେ ବର୍ତ୍ତିଲେ ବ୍ୟବସାୟୀ

ଗଞ୍ଜାମ, ୨୮।୧୦ :(ମନ୍ଥନ)ସାମୁଦ୍ରିକ ଝଡ଼ ଅର୍ଣ୍ଣବ ପ୍ରଭାବରେ ଗଞ୍ଜାମ ସହର ବଡ଼ ବଜାର ଠାରେ ଗତ ଅଗଷ୍ଟ ୩୧ ଉଦଘାଟନ ହୋଇଥିବା ବିଦ୍ୟୁତ ଖୁଣ୍ଟ ବୁଧବାର ପଡି ଯାଇଥିବା ଦେଖିବାକୁ ମିଳିଛି ।ଏଥିସହ କିଛି ସ୍ଥାନରେ ଗଛ ମଧ୍ୟ ଭାଙ୍ଗି ପଡିଛି ।ଗତ ଦୁଇଦିନ ହେବ ଏହି ଅଧିକ ପବନ ସାଙ୍ଗକୁ ଲଗାଣ ବର୍ଷା ଯୋଗୁଁ ତ୍ରିବେଣୀ ମଠ ଛକ ଠାରୁ ଆହାର କେନ୍ଦ୍ର ପର୍ଯ୍ୟନ୍ତ ବର୍ଷା ପାଣି ଲହଡି ମାରୁଥିବା ଦେଖିବାକୁ ମିଳିଛି ।ବାତ୍ୟା ଅର୍ଣ୍ଣବର ପ୍ରଭାବରେ ୱାର୍ଡ ନଂ ୭ ସନ୍ତୋଷୀ ନାୟକଙ୍କ ଘର ଜରି ପାଲ ଉଡିଯାଇଛି ।ଏକ କୋଠ ଘରେ ଆଶ୍ରୟ ନେଇଛନ୍ତି ସନ୍ତୋଷୀ ଓ ତାଙ୍କ ଝିଅ ।ଜରି ପାଲ ଚାଳ ଛପର ଘର ବର୍ଷା ପବନରେ ଜୋର ହଲୁ ଥିବାରୁ ଜୀବନ ବିକଳରେ ଘରୁ ପଦାକୁ ବାହାରି ପଡ଼ିଥିଲେ ମା ଝିଅ ।ସାହି ବସିନ୍ଦାଙ୍କ ସହଯୋଗରେ ସେମାନେ ଏବେ କୋଠ ଘରେ ଆଶ୍ରୟ ନେଉଛନ୍ତି ।ଏଭଳି ପରିସ୍ଥିତିରେ ଏନଏସି ପ୍ରଶାସନ କିମ୍ବା ଲୋକ ପ୍ରତିନିଧିଙ୍କ ଦେଖା ନଥିବାରୁ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ବାଲୀ ସାହି ବାସିନ୍ଦା ।କିଛି ବଡ଼ ଅଘଟଣ ହେଲେ ନେତା ଠାରୁ ମନ୍ତ୍ରୀ ଉଚ୍ଚ ପ୍ରଶାସନ ମାଳମାଳ ଦେଖାଦେବେ ବୋଲି ସାହି ବାସିନ୍ଦା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।ବାତ୍ୟା ସମୟରେ ଲୋକଙ୍କୁ ସୁରକ୍ଷିତ ସ୍ଥାନ କୁ ସ୍ଥାନାନ୍ତରିତ କରାଯିବା ସହ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଛି କିନ୍ତୁ ଏନଏସି ପ୍ରଶାସନ ଏହାର ବ୍ୟତିକ୍ରମ କରୁଥିବା ଅଭିଯୋଗ ହେଉଛି । ଜିଲ୍ଲା ଉଚ୍ଚ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସ୍ଥାନୀୟ ଅଞ୍ଚଳ ବାସୀ ଦାବୀ କରିଛନ୍ତି । ସେହିପରି ଗଞ୍ଜାମ ବ୍ଲକ ର ବିଭିନ୍ନ ପଞ୍ଚାୟତ ରେ ଶସ୍ୟକ୍ଷେତ୍ର ରେ ଧାନ ଗଛ ପଡିଯାଇଥିବା ଲକ୍ଷ କରାଯାଇଛି ।ଅନ୍ୟପଟେ ସମୁଦ୍ର ଜୁଆର ପ୍ରଭାବର ଉଚ୍ଚ ଲହଡି ମାଡ଼ ରେ ପୁରୁଣା ପୋଡ଼ାମପେଟା ଠାରୁ ପ୍ରୟାଗି ମଧ୍ୟରେ ବେଳାଭୂମି ଅବକ୍ଷୟହୋଇ ପଡିଥିବା ଦେଖିବାକୁ ମିଳିଛି ।କିଛି ସ୍ଥାନରେ ଝାଉଁ ଗଛ ଗୁଡିକ ସମୁଦ୍ର ଆଁ ରେ ଲୀନ ହୋଇଯାଇଥିବା ଲକ୍ଷ କରାଯାଇଛି ।ବିଦ୍ୟୁତ ଖୁଣ୍ଟ ମଧ୍ୟ କିଛି ସ୍ଥାନରେ ଢଳି ପଡିଛି ।ଏନେଇ ବ୍ଲକ ପ୍ରଶାସନ ପକ୍ଷରୁ ତାର ତୁରନ୍ତ ସୁଧାର ଆଣିବା ପାଇଁ ପଦକ୍ଷେପ ନିଆଯାଉଥିବା ବିଡ଼ିଓ ଅଚ୍ୟୁତାନନ୍ଦ ଜାନି ପ୍ରକାଶ କରିଛନ୍ତି ।

## ଜିଲ୍ଲା ସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ବୈଠକ ଅନୁଷ୍ଠିତ

ଅନୁଗୋଳ,୨୮।୧୦ :(ମନ୍ଥନ) ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଅବସରରେ ଜିଲ୍ଲାକାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲା ସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ବୈଠକ ଅନୁଷ୍ଠିତହୋଇଯାଇଛି । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଉଦୟ କୁମାର ମହାପାତ୍ର ମୁଖ୍ୟ ଅତିଥି ଭାବେଯୋଗ ଦେଇ ଦୁର୍ନୀତି ରୋକିବା ସମସ୍ତଙ୍କ ସକ୍ରିୟ ଭୂମିକା ରହିଛି ବୋଲି ଉଲ୍ଲେଖ କରିବା ସହିତ ପ୍ରତ୍ୟେକଅଧିକାରୀ ଏଥିପ୍ରତି ଆତ୍ମ ଚିନ୍ତନ କରି ନିଜ କର୍ତ୍ତବ୍ୟ ସତ୍ୟନିଷ୍ଠା ସହିତ ପାଳନ କରିବାର ଆବଶ୍ୟକତା ରହିଛିବୋଲି ମତବ୍ୟକ୍ତ କରିଥିଲେ । ଏହି ସଭାରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀମାୟାଧର ବେହେରା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ରାଜିବ ଲୋଚନ ପଣ୍ଡା, ଜିଲ୍ଲା ପରିଷଦର ଅତିରିକ୍ତଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଡ. ଗୌରବମୟ ପ୍ରଧାନ ଯୋଗ ଦେଇ ବ୍ୟାପକଜନସଚେତନତା ହିଁ ସମାଜରେ ଦୁର୍ନୀତିର ମୁଳୋତ୍ପାଟନ କରିବାରେ ସହାୟକ ହେବ ବୋଲି କହିଥିଲେ ।ଉତ୍କୋଚ (ଲାଞ୍ଚ)ର ପ୍ରକୃତ ପରିଭାଷା ବର୍ଣ୍ଣନା କରି



ଏହାର ଦୃଢ ବିରୋଧ କରିବାକୁ ପରାମର୍ଶ ଦେଇଥିଲେ ।କୌଣସି ପ୍ରକାର ଉତ୍କୋଚ ନ ନେଇ ନିଜର ସରକାରୀ ଦାୟିତ୍ୱ ଓ କର୍ତ୍ତବ୍ୟକୁ ନିଷ୍ଠାର ସହ ସମ୍ପାଦନ କରିବାକୁଅତିଥିମାନେ ଗୁରୁତ୍ୱ ଦେଇଥିଲେ । ଉପ ଆରକ୍ଷୀ ଅଧିକ୍ଷକ ଶ୍ରୀ ପ୍ରଦୀପ କୁମାର ସାମଲ ଯୋଗ ଦେଇ ଚଳିତବର୍ଷର ବାର୍ତ୍ତା " ସାଧୁତାରୁ ସମୃଦ୍ଧି' ଉପରେ ଆଲୋଚନା କରିଥିଲେ । ଦୁର୍ନୀତି ନିବାରଣ ସଚେତନତାଅଭିଯାନ ପରିପ୍ରେକ୍ଷୀରେ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁଅତିଥିମାନେ ପୁରସ୍କୃତ କରିଥିଲେ । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ଗୋଷ୍ଠୀ ଉନ୍ନୟନଅଧିକାରୀ ଡ. ବିଶ୍ୱ ଭୂଷଣ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପାଞ୍ଜଳି ଶତପଥି, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀଶ୍ରୀ ଦିବ୍ୟ ସ୍ୱରୂପ ପଣ୍ଡା, ଡେପୁଟି କଲେକ୍ଟର ଶ୍ରୀ ଜୟଜିତ ଧଳ, ଜିଲ୍ଲା ଆପାତକାଳିନ ଅଧିକାରୀ ଶ୍ରୀ ଶୁଭେନ୍ଦୁକୁମାର ଜେନା,ଜିଲ୍ଲା ଶ୍ରମ ଅଧିକାରୀ ଶ୍ରୀମତୀ ପ୍ରିୟମ୍ବଦା ସ୍ୱାଇଁ, ଭିଜିଲାନସ ଇନିସପେକ୍ଟର ଶ୍ରୀମତୀ ଉର୍ମିଳାଲାକ୍ରାଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ, ଛାତ୍ର ଛାତ୍ରୀ ପ୍ରମୁଖ ଯୋଗ ଦେଇଥିଲେ ।ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଉପଲକ୍ଷେ ସକାଳ ସମୟରେ ଛାତ୍ର ଛାତ୍ରୀମାନ ଙ୍କୁନେଇ ଏକ ଜିଲ୍ଲା ସ୍ତରୀୟ ସଚେତନତା ରାଲି ଜିଲ୍ଲା କାର୍ଯ୍ୟାଳୟ ଠାରୁ ବାହାରି ସହର ପରିକ୍ରମା କରିଥିଲା ।ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମାୟାଧର ବେହେରା ପତାକା ଦେଖାଇ ଏହି ରାଲିର ଶୁଭାରମ୍ଭ କରିଥିଲେ ।

## ସମ୍ଭାବ୍ୟ ବ୍ୟାତ୍ୟା ଅବର୍ଣ୍ଣ କୁ ନେଇ ପ୍ରଶାସନ ପକ୍ଷରୁ ତତ୍ପରତା

ଗଞ୍ଜାମ,୨୮।୧୦ :(ମନ୍ଥନ)ସାମୁଦ୍ରିକ ଝଡ଼ ଅବର୍ଣ ସମ୍ଭାବ୍ୟ ବାତ୍ୟା କୁ ନେଇ ବର୍ଷା ଲାଗି ରହିଛି ।ଯାହାକୁ ନେଇ ଗଞ୍ଜାମ ବ୍ଲକ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି ।ବ୍ଲକ ଗୋଷ୍ଠି ଉନ୍ନୟନ ଅଧିକାରୀ ଅଚ୍ୟୁତାନନ୍ଦ ଜାନି, ତହସିଲଦାର ସୁକାନ୍ତ ଚନ୍ଦ୍ର ମିଶ୍ର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି ସାଧାରଣ ଲୋକ ମାନଙ୍କ ସୁରକ୍ଷା କୁ ଗୁରୁତ୍ୱ ଦେଇଛନ୍ତି ।ଗଞ୍ଜାମ ବ୍ଲକ ର ବିଭିନ୍ନ ଅଂଚଳରୁ କଚା ଘର ମାନଙ୍କରେ ରହୁଥିବା ୧୮୭ ଜଣ ଲୋକଙ୍କୁ ବିଭିନ୍ନ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇ ସେମାନଙ୍କ ପାଇଁ ରନ୍ଧା ଖାଦ୍ୟ ବ୍ୟବସ୍ଥା କରାଯାଇଛି ।ଏଥି ସହ ୩୨ ଜଣ ଗର୍ଭବତୀ ମହିଳା ମାନଙ୍କୁ ବିଭିନ୍ନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର କୁ ନିଆଯାଇଛି ।୨୯ ଟି ବାତ୍ୟା ଆଶ୍ରୟ ସ୍ଥଳ ଜରୁରୀ କାଳିନ ପରିସ୍ଥିତିରେ ଲୋକଙ୍କୁ ବାତ୍ୟା ସମୟରେ ଥଇଥାନ କରିବା ପାଇଁ ପ୍ରସ୍ତୁତ କରି ରଖା ଯାଇଥିବା ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ରହିଛି।ବିଭିନ୍ନ ନୋଡାଲ ଅଫିସର ଓ ଅନ୍ୟାନ୍ୟ କର୍ମଚାରୀ ମାନେ ବିଭିନ୍ନ ଅଞ୍ଚଳ ବୁଲି କରି ବାତ୍ୟା ଆଶ୍ରୟ ସ୍ଥଳରେ ରହିଥିବା ଲୋକଙ୍କ ଭଲ ମନ୍ଦ ବୁଝିବା ସହ ବାତ୍ୟା ସମୟରେ ଲୋକଙ୍କ ସୁରକ୍ଷା ପ୍ରତି ସଜାଗ ରହିଛନ୍ତି ।

## ଜରପଡା ଜଙ୍ଗଲ ବିଭାଗ ପକ୍ଷରୁ ଶସ୍ୟ ସଂରକ୍ଷଣ ଟିଣ ଡବା ପ୍ରଦାନ

ଛେଣ୍ଡିପଦା,୨୮।୧୦ :(ମନ୍ଥନ)ରାଜ୍ୟ ସରକାରଙ୍କ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଆର୍ଥିକ ଅନୁଦାନ କ୍ରମେ ଅନୁଗୋଳ ବନଖଣ୍ଡ ଅଧିକାରୀଙ୍କ ପକ୍ଷରୁ ମଞ୍ଜୁର ହୋଇଥିବା ଜଙ୍ଗଲ ବିଭାଗ ସହାୟତା କ୍ରମେ ଜରପଡା ଫରେଷ୍ଟ ରେଞ୍ଜ ଅଫିସ ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମାଧ୍ୟମରେ ବନ ସୁରକ୍ଷା ସମିତି ସଦସ୍ୟା ମାନଙ୍କୁ ଖାଦ୍ୟ ଶସ୍ୟ ସଂରକ୍ଷଣ ପାତ୍ର ( ଟିଣ ଡବା) ପ୍ରଦାନ କରାଯାଇଥିଲା ।ବିଶେଷ କରି ହାତୀ ଉପଦ୍ରୁତ ଅଞ୍ଚଳର ବନ ସୁରକ୍ଷା ସମିତି ଅଧିନ ପରିବାର ମୁଖ୍ୟ ମହିଳା ସଦସ୍ୟା ମାନଙ୍କୁ ଏହି ଶସ୍ୟ ସଂରକ୍ଷଣ ପାତ୍ର ଟିଣ ଡବା ପ୍ରଦାନ କରାଯାଇଥିଲା ।ଏଥିରେ କଞ୍ଚରା, ବେଡରା ଏବଂ କତଡା ମା ପେଣ୍ଠୋଇ ଦୁର୍ଗା ବନ ସୁରକ୍ଷା ସମିତି କୁ ମୋଟ ୪୭ ଟି ଖାଦ୍ୟ ଶସ୍ୟ ସଂରକ୍ଷଣ ପାତ୍ର ପ୍ରଦାନ କରାଯାଇଥିଲା ।ସେହିପରି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା ମାନଙ୍କ ଜୀବନ ଜୀବିକା ଉନ୍ନତି ଆର୍ଥିକ ବିକାଶ, ଆର୍ଥିକ ସ୍ୱାବଲମ୍ବୀ ଆତ୍ମ ରୋଜଗାର କ୍ଷମ ହେବା ସହ ମହିଳା ସଶକ୍ତିକରଣ ଲକ୍ଷ୍ୟ ଉଦ୍ଦେଶ୍ୟ ନେଇ ବାଲିପଙ୍ଗା ମା କୁନ୍ଦେଶ୍ୱରି ଉତ୍ପାଦିକା ଦଳ କୁ ଏକ ମୁଢି ମେସିନ ଏବଂ ମା କଳା ପାଟ ଉତ୍ପାଦିକା ଦଳ କୁ ୨ଟି ସିଲେଇ ମେସିନ ପ୍ରଦାନ କରାଯାଇଥିଲା ।ଫରେଷ୍ଟ ରେଞ୍ଜ ଅଫିସର ଉଦ୍ଧବ ବେହେରା ଙ୍କ ନିର୍ଦ୍ଦେଶ କ୍ରମେ ଜରପଡା ସେକ୍ସନ ଫରେଷ୍ଟର ବସନ୍ତ କୁମାର ଗଡ଼ନାୟକ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସମ୍ବଲପୁର ଏମ ପି ତଥା ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଜିଲ୍ଲା ପ୍ରତିନିଧି ସୁଦୀପ କୁମାର ଗଡ଼ନାୟକ ଯୋଗ ଦେଇ ଉପରୋକ୍ତ ଖାଦ୍ୟ ଶସ୍ୟ ସଂରକ୍ଷଣ ପାତ୍ର, ମୁଢ଼ି ମେସିନ ଏବଂ ସିଲେଇ ମେସିନ ମହିଳା ସଦସ୍ୟା ମାନଙ୍କୁ ବଣ୍ଟନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଫରେଷ୍ଟର ଜ୍ୟୋସ୍ନା ରାଣୀ ନାୟକ, ଜରପଡା ପଞ୍ଚାୟତ ବିଧାୟକ ଙ୍କ ପ୍ରତିନିଧି ସୁଜିତ କୁମାର ସାହୁ, ବରିଷ୍ଠ ନେତା କହ୍ନେଇ ସାହୁ, ଯୁବ ନେତା ଭୋଲେଶ୍ୱର ଗୋଛାୟତ ,ଦୁର୍ଗାପୁର ବନ ସୁରକ୍ଷା ସମିତି ସଭାପତି ଲମ୍ବୋଦର ସାହୁ, ଜରପଡା ମଣ୍ଡଳ ବିଜେପି ଜୀବନ ସାହୁ , ବାଲିପଙ୍ଗା ପଂଚାୟତ ଏମ ବି କେ ଜ୍ୟୋସ୍ନା ରାଣୀ ପ୍ରଧାନ , ସଦସ୍ୟା ରଜନୀ ଗଡ଼ନାୟକ ଙ୍କ ସମେତ ସମସ୍ତ ମହିଳା ସଦସ୍ୟା ଏବଂ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

## ଗଞ୍ଜେଇ ଜବତ ୨ ଜଣ ଗିରଫ,୨ଲକ୍ଷ ୩୦ ହଜାର ଟଙ୍କା ଓ ଗୋଟିଏ ବାଇକ୍ ଜବତ୍

ଛେଣ୍ଡିପଦା,୨୮।୧୦ :(ମନ୍ଥନ) ଅନୁଗୋଳ ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ଖବର ପାଇ ଚଢ଼ଉ କରାଯାଇଥିଲା ।ଏ ନେଇ ଅବକାରୀ ବିଭାଗ କୁ ମିଳିଛି ବଡ ସଫଳତା ।ତେବେ ଦୁଇଟି ପୃଥକ ଏନଡିପିଏସ୍ ମାମଲାରେ ମୋଟ ୯୦ କିଲୋ ୨୦୦ ଗ୍ରାମ ଗଞ୍ଜେଇ ଜବତ କରିଛି ଅବକାରୀ ବିଭାଗ ।ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୯ ଲକ୍ଷ ଟଙ୍କା ହେବ ବୋଲି ସୂଚନା ମିଳିଛି ।ଏଥିସହ ୨ ଲକ୍ଷ ୩୦ ହଜାର ଟଙ୍କା ନଗଦ ଏବଂ ଗୋଟିଏ



ମୋଟରସାଇକେଲ ମଧ୍ୟ ଜବତ କରାଯାଇଛି ।ଏହି ଦୁଇଟି ମାମଲାରେ ଦୁଇ ଜଣ ଅଭିଯୁକ୍ତ ଲିଟୁନ ନାଏକ ଓ ଟୁକୁନା ନାଏକଙ୍କୁ ଗିରଫ କରାଯାଇଛି ।ପ୍ରଥମ ଘଟଣାରେ ଅନୁଗୋଳ ନମ୍ବର-୨ ଅବକାରୀ ଥାନା ପକ୍ଷରୁ ବାଗଡ଼ିଆ ଥାନା ଅନ୍ତର୍ଗତ ନୂଆଗାଁରେ ଚଢ଼ାଉ କରାଯାଇ ୮୨ କିଲୋ ୨୦୦ ଗ୍ରାମ ଗଞ୍ଜେଇ ଓ ୨ ଲକ୍ଷ ୩୦ ହଜାର ଟଙ୍କା ଜବତ ହୋଇଛି ।ସେହିପରି ଜିଲ୍ଲା ମୋବାଇଲ ସ୍କ୍ୱାଡ୍ ପକ୍ଷରୁ ନୂଆଗାଁ ଗ୍ରାମର ତାରିଣୀ ପୀଠ ନିକଟରେ ଚଢ଼ାଉ କରାଯାଇ ୮ କିଲୋ ଗଞ୍ଜେଇ ସହ ଗୋଟିଏ ମୋଟରସାଇକେଲ ଜବତ କରାଯାଇଛି ।ଗଞ୍ଜେଇ ଚୋରା ଚାଲାଣ ରୋକିବା ଦିଗରେ ଅବକାରୀ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଭାବେ ଗ୍ରହଣ କରାଯାଇଛି ।ଅନ୍ୟ ପକ୍ଷରେ ଏହି ଚଢ଼ାଉରେ ଅବକାରୀ ବିଭାଗ ଉପ ଅଧିକ୍ଷକ ନୀଳାଦ୍ରି ନାୟକ, ଉପ ଅଧିକ୍ଷକ ଧିରେନ ବେହେରା, ଇନସ୍ପ ?କ୍ଟର ନିଳୀମା ସ୍ୱାଇଁ, ସବ ଇନସ୍ପ ?କ୍ଟର ସନ୍ତୋଷ ସେନାପତି, ଯୋଗେଶ୍ୱର ଜେନା, ଏ ଏସ ଆଇ ପ୍ରଭାତ ପରିଡା, କନେଷ୍ଟବଳ ସାନୁ ନାଏକ, ରଜନୀ, ରୋଜାଲିନ, ନୀତିନ ପ୍ରମୁଖ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ମାନେ ସାମିଲ ହୋଇଥିଲେ ।

## ବାତ୍ୟା ଓ ପ୍ରବଳ ବର୍ଷା ମଧ୍ୟରେ ଆଶ୍ରୟସ୍ଥଳୀଗୁଡ଼ିକରେ ୨୪ ଘଣ୍ଟିଆ ସେବା ସୁନିଶ୍ଚିତ କରୁଛି ନବରଙ୍ଗପୁର ଜିଲ୍ଲା ପ୍ରଶାସନ



ନବରଙ୍ଗପୁର,୨୮।୧୦ :(ମନ୍ଥନ) ସମ୍ଭାବ୍ୟ ବାତ୍ୟା ଓ ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ନବରଙ୍ଗପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ବିପଦପ୍ରବଣ ଅଞ୍ଚଳରେ ଜନସାଧାରଣଙ୍କ ସ୍ଥାନାନ୍ତରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବା ସହ ଆଶ୍ରୟସ୍ଥଳୀଗୁଡ଼ିକରେ ରହୁଥିବା ଲୋକମାନଙ୍କ ଆବଶ୍ୟକତା ପୂରଣ ଓ ସୁବିଧା ସୁନିଶ୍ଚିତ କରିବା ନିମନ୍ତେ ପ୍ରସ୍ତୁତିକୁ ସୁଦୃଢ଼ କରାଯାଇଛି ।ମାନ୍ୟବର ମନ୍ତ୍ରୀ ଶ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଏବଂ ନବରଙ୍ଗପୁରର ମାନ୍ୟବର ବିଧାୟକ ଶ୍ରୀ ଗୌରୀ ଶଙ୍କର ମାଝୀ ନନ୍ଦାହାଣ୍ଡି ଓ କୋଷାଗୁମୁଡ଼ା ବ୍ଲକ୍‌ର ବିଭିନ୍ନ ଆଶ୍ରୟସ୍ଥଳୀ ପରିଦର୍ଶନ କରି ତୃଣମୂଳସ୍ତରରେ ହୋଇଥିବା ପ୍ରସ୍ତୁତିର ସମୀକ୍ଷା କରିବା ସହ ସ୍ଥାନାନ୍ତରିତ ଲୋକମାନଙ୍କ ସହ ଆଲୋଚନା କରିଥିଲେ ।ଆଶ୍ରୟସ୍ଥଳୀଗୁଡ଼ିକରେ ଦିନରାତି ୨୪ ଘଣ୍ଟା ସେବା ସୁନିଶ୍ଚିତ କରାଯାଉଛି । ଆଶ୍ରୟ ନେଇଥିବା ଲୋକମାନଙ୍କୁ ଗରମ ରନ୍ଧା ଖାଦ୍ୟ, ଜଳଖିଆ, ପାନୀୟ ଜଳ, କମ୍ବଳ, ବେଡ୍‌ସିଟ୍ ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇ ଦିଆଯାଉଛି । ଆଶ୍ରୟସ୍ଥଳୀରେ ରହୁଥିବା ଲୋକମାନେ ଯେପରି ଏକ ସୁରକ୍ଷିତ, ଆରାମଦାୟକ ଓ ଘରୋଇ ପରିବେଶର ଅନୁଭୂତି ପାଇପାରିବେ, ସେଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଛି ।ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଶ୍ରୀମତୀ ମଧୁମିତାଙ୍କ ନେତୃତ୍ୱରେ ନିଯୁକ୍ତ ନୋଡାଲ୍ ଅଧିକାରୀ, ବ୍ଲକ୍ ଉନ୍ନୟନ ଅଧିକାରୀ (ବିଡିଓ), ତହସିଲଦାର ଏବଂ ଅନ୍ୟାନ୍ୟ କ୍ଷେତ୍ରସ୍ତରୀୟ ଅଧିକାରୀମାନେ ୨୪ ଘଣ୍ଟା କାର୍ଯ୍ୟରତ ରହି ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା, ଆଶ୍ରୟସ୍ଥଳୀର ପରିଚାଳନା ତଦାରଖ ଏବଂ ଅତ୍ୟାବଶ୍ୟକ ସେବାର ନିରବିଚ୍ଛିନ୍ନ ଯୋଗାଣ ସୁନିଶ୍ଚିତ କରୁଛନ୍ତି ।ଜିଲ୍ଲା ପାଇଁ ନିଯୁକ୍ତ ଅଧିକାରୀ ଡଃ ମହେଶ୍ୱର ସ୍ୱାଇଁ ମଧ୍ୟ ବିଭିନ୍ନ ଆଶ୍ରୟସ୍ଥଳୀ ପରିଦର୍ଶନ କରି ସେଠାରେ ହୋଇଥିବା ବ୍ୟବସ୍ଥାର ଯାଞ୍ଚ କରିବା ସହ କ୍ଷେତ୍ରସ୍ତରୀୟ ସ୍ଥିତିର ସମୀକ୍ଷା କରୁଛନ୍ତି ।ପ୍ରାପ୍ତ ତଥ୍ୟ ଅନୁଯାୟୀ, ଜିଲ୍ଲାରେ ମୋଟ ୧୦,୨୬୮ ଜଣଙ୍କୁ ସ୍ଥାନାନ୍ତର କରାଯାଇଛି। ଏଥିମଧ୍ୟରେ ୨୭୧ ଜଣ ଗର୍ଭବତୀ ମହିଳା ଥିବା ରିପୋର୍ଟ ହୋଇଛି। ଏଥିସହ ଜିଲ୍ଲାରେ ୪୩ଟି ମାଗଣା ରନ୍ଧନଶାଳା ଏବଂ ୪୭ଟି ଆଶ୍ରୟସ୍ଥଳୀ କାର୍ଯ୍ୟକ୍ଷମ ଥିବା ରିପୋର୍ଟ କରାଯାଇଛି।

## ହିଙ୍ଗମଣ୍ଡଳ ଗ୍ରାମ ରେ ଧୁମଧାମ ରେ ଲକ୍ଷ୍ମୀପୂଜା ଅନୁଷ୍ଠିତ

ଆଠମଲ୍ଲିକ,୨୮।୧୦ :(ମନ୍ଥନ) ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ ପୁରୁଣାମାଣତ୍ରୀ ପଞ୍ଚାୟତ ର ହିଙ୍ଗମଣ୍ଡଳ ଗ୍ରାମ ରେ ଆନନ୍ଦ ଉଲ୍ଲାସ ର ସହ ଲକ୍ଷ୍ମୀପୂଜା ଅନୁଷ୍ଠିତ ହେଉଛି ।ଗାଁ କୁ ଆଲୋକ ମାଳା ରେ ସଜ୍ଜିତ କରା ଯିବା ସହିତ ମଙ୍ଗଳବାର ଦଣ୍ଡ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଦଣ୍ଡ ପ୍ରତିଯୋଗିତା ଦେଖିବା ପାଇଁ ଆଖ ପାଖ ଗ୍ରାମ ରୁ ବହୁ ଲୋକ ରୁଣ୍ଡ ହୋଇଥିଲେ । ପୂଜକ ଭାବରେ ଦେବବ୍ରତ ପଣ୍ଡା , କର୍ତ୍ତା ଭାବରେ ଉତ୍ତମ ପ୍ରଧାନ ଦାୟିତ୍ୱ ତୁଲାଇ ଥିଲେ । ପୂଜା କମିଟି ର ସଭାପତି ଭାବରେ ସୁବଳ ମହାକୁଡ଼, ଉପସଭାପତି ଭାବରେ ବିରତି ପ୍ରଧାନ, ଉପଦେଷ୍ଟା ଭାବରେ ବାପୁ ମହାକୁଡ଼, ମେମ୍ବର ସିଲୁ ବିଶ୍ୱାଳ, ବାପୁନ ବିଶ୍ୱାଳ, ପ୍ରବୀଣ ମହାକୁଡ଼, ଅଜିତ ପ୍ରଧାନ, ପିକନ ପ୍ରଧାନ, ଦୀପ୍ତି ରଞ୍ଜନ ପ୍ରଧାନ, ବିନୟ ବଘାର, ଜୟାନନ୍ଦ ସାହୁ, ଚିତ୍ତ ରଞ୍ଜନ ପ୍ରଧାନ, ପ୍ରଣବ ହୋତା ଙ୍କ ସମେତ ପୂଜା କମିଟି ର ସମସ୍ତ ସଦସ୍ୟ ସହଯୋଗ କରୁଛନ୍ତି ।

## ଅନ୍ତିମ ପର୍ଯ୍ୟାୟ ଜନଗଣନାର ଦୁଇଦିନିଆ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ

ଅନୁଗୋଳ, ୨୮।୧୦ :(ମନ୍ଥନ) ସ୍ଥାନୀୟ ବ୍ଲକ ଡାଇମଣ୍ଡ ପ୍ରେକ୍ଷାଳୟଠାରେ ଦୁଇଦିନିଆ 'ପପୁଲେସନ ଏନୁମେରେସନ' (ଜନଗଣନା) ସମ୍ବନ୍ଧୀୟ ଦ୍ୱିତୀୟ ତଥା ଅନ୍ତିମ ପର୍ଯ୍ୟାୟ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଉଦୟ କୁମାର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଜନଗଣନା ଭଳି ଏକ ଜାତୀୟ ତଥା ମହତ କାର୍ଯ୍ୟକ୍ରମକୁ ସମସ୍ତେ ଅତ୍ୟନ୍ତ ନିଷ୍ଠା, ଦାୟିତ୍ୱବୋଧ ଏବଂ ଆନ୍ତରିକତାର ସହ ନିର୍ବାହ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ଜିଲ୍ଲା ଡେପୁଟି ଜନଗଣନା ଅଧିକାରୀ ତଥା ଡେପୁଟି ଜିଲ୍ଲାପାଳ ଶ୍ରୀ ଜୟକୃଷ୍ଣ ପାତ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହିତ ସମଗ୍ର ତାଲିମ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ଦୁଇଦିନିଆ ପ୍ରଶିକ୍ଷଣ ଶିବିରରେ ଅତିରିକ୍ତ ଜିଲ୍ଲା ଜନଗଣନା ଅଧିକାରୀ, ଉପ ଜିଲ୍ଲାପାଳ ତଥା ଉପଖଣ୍ଡୀୟ ଜନଗଣନା ଅଧିକାରୀ, ଜିଲ୍ଲାର ସମସ୍ତ ୧୨ ଜଣ ଚାର୍ଜ ଅଫିସର, ଅତିରିକ୍ତ ଚାର୍ଜ ଅଫିସର, ଜନଗଣନା ସହକାରୀ ଏବଂ ବୈଷୟିକ ସହକାରୀମାନେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଜନଗଣନା ଅପରେସନ ସେଲର ବରିଷ୍ଠ ସହାୟକ ଶ୍ରୀ ସୁଶାନ୍ତ କୁମାର ଅମାନ୍ତ, ବୈଷୟିକ ସହାୟକ ଶ୍ରୀ ଆଶିଷ ବେହେରା ଓ ଶ୍ରୀ ଶ୍ରବଣ ସାହୁ ସହଯୋଗ କରିଥିଲେ।



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।

ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ଡିଜିଟାଲ୍ ଭିତ୍ତିଭୂମି

ଜଟଣୀ ନିକଟରେ ଭାରତୀୟ ରିଜର୍ଭ ବ୍ୟାଙ୍କର ଆଧୁନିକ ତଥ୍ୟ କେନ୍ଦ୍ରର ଉଦ୍‌ଘାଟନ ହୋଇଛି। ଓଡ଼ିଶାକୁ ଡିଜିଟାଲ୍ ଭିତ୍ତିଭୂମିର ନୂତନ ମାନଚିତ୍ରରେ ଆହୁରି ଗୁରୁତ୍ୱ ଦେବାର ସମ୍ଭାବନା ସୃଷ୍ଟି କରୁଛି। ଏହି ପ୍ରତିଷ୍ଠାନ ଆର୍ଥିକ ତଥ୍ୟର ସୁରକ୍ଷା, ଦେୟ ବ୍ୟବସ୍ଥାର ନିରନ୍ତରତା, ବିପର୍ଯ୍ୟୟ ପରବର୍ତ୍ତୀ ତଥ୍ୟ ପୁନରୁଦ୍ଧାର ଓ ସାଇବର ସୁରକ୍ଷା କ୍ଷେତ୍ରରେ ଉପଯୋଗୀ ହେବାର ଆଶା ରହିଛି। କିନ୍ତୁ ଏହି ଗସ୍ତର ମହତ୍ତ୍ୱକୁ କେବଳ ଗୋଟିଏ ପ୍ରତିଷ୍ଠାନର ଉଦ୍‌ଘାଟନ ମଧ୍ୟରେ ସୀମିତ ରଖିବା ଠିକ୍ ହେବ ନାହିଁ। ଗତ ଦୁଇ ବର୍ଷ ମଧ୍ୟରେ ଓଡ଼ିଶାରେ ଶିଳ୍ପ, ରେଳପଥ, ସେମିକଣ୍ଡକ୍ଟର, ଡିଜିଟାଲ୍ ପ୍ରଯୁକ୍ତି ଓ ନିବେଶକୁ ନେଇ ଯେଉଁ ନୂତନ ଆଲୋଚନା ଆଗକୁ ବଢ଼ିଛି, ତାହାକୁ ଏକ ବ୍ୟାପକ ଜାତୀୟ ବିକାଶ ଦୃଷ୍ଟିକୋଣରେ ବୁଝିବା ଆବଶ୍ୟକ। ଓଡ଼ିଶା ଆଉ କେବଳ ଖଣିଜ ସମ୍ପଦ ଓ ଇସ୍ପାତ ଶିଳ୍ପ ପାଇଁ ପରିଚିତ ରାଜ୍ୟ ହୋଇ ରହିବାକୁ ଚାହୁଁନାହିଁ; ଏହା ପ୍ରଯୁକ୍ତି, ଜ୍ଞାନ, ନବସୃଜନ ଓ ଉଚ୍ଚଦକ୍ଷତାଭିତ୍ତିକ ନିଯୁକ୍ତିର କେନ୍ଦ୍ର ହେବାକୁ ମଧ୍ୟ ଆକାଂକ୍ଷା ରଖିଛି। ଏହି ପରିବର୍ତ୍ତନରେ କେନ୍ଦ୍ର ସରକାରଙ୍କ ନୀତି, ରାଜ୍ୟ ସରକାରଙ୍କ ପ୍ରସ୍ତୁତି ଓ ଘରୋଇ ନିବେଶକଙ୍କ ଆଗ୍ରହ ମଧ୍ୟରେ ସମନ୍ୱୟ ଅତ୍ୟନ୍ତ ଜରୁରୀ। ପ୍ରଧାନମନ୍ତ୍ରୀଙ୍କ ପୂର୍ବୋଦୟ ଚିନ୍ତାଧାରାର ମୂଳ ଲକ୍ଷ୍ୟ ହେଉଛି ପୂର୍ବ ଭାରତର ଆର୍ଥିକ ସାମର୍ଥ୍ୟକୁ ଜାତୀୟ ବିକାଶର ମୁଖ୍ୟଧାରାରେ ଆହୁରି ଶକ୍ତିଶାଳୀ କରିବା। ଏହି ପରିପ୍ରେକ୍ଷୀରେ ଓଡ଼ିଶାର ଭୌଗୋଳିକ ଅବସ୍ଥିତି, ଦୀର୍ଘ ସମୁଦ୍ରତଟ, ପାରାଦୀପ, ଧାମରା ଓ ଗୋପାଳପୁର ବନ୍ଦର, ଖଣିଜ ସମ୍ପଦ, ଶକ୍ତି ଉତ୍ପାଦନ କ୍ଷମତା ଓ ଦକ୍ଷ ମାନବସମ୍ବଳ ଏହାକୁ ଏକ ସମ୍ଭାବନାମୟ ଶିଳ୍ପ କେନ୍ଦ୍ରରେ ପରିଣତ କରିବାର ଭିତ୍ତି ଯୋଗାଉଛି। ଭାରତର ପୂର୍ବାଭିମୁଖୀ ନୀତି ସହିତ ଓଡ଼ିଶାର ସାମର୍ଥ୍ୟକୁ ଯୋଡ଼ିବା ଦ୍ୱାରା ଦକ୍ଷିଣ-ପୂର୍ବ ଏସିଆ ସହିତ ବାଣିଜ୍ୟ, ସାମୁଦ୍ରିକ ସଂଯୋଗ, ରପ୍ତାନି ଓ ଶିଳ୍ପ ସହଯୋଗର ନୂଆ ସୁଯୋଗ ସୃଷ୍ଟି ହୋଇପାରେ। ଏହି ନୀତିର ସଫଳତା କେବଳ ଘୋଷଣାରେ ନୁହେଁ, ବରଂ ବନ୍ଦରରୁ ଶିଳ୍ପାଞ୍ଚଳକୁ ଦ୍ରୁତ ପରିବହନ, ରେଳ ଓ ସଡ଼କ ସଂଯୋଗର ଉନ୍ନତି, ରପ୍ତାନି ଖର୍ଚ୍ଚ ହ୍ରାସ ଏବଂ ସ୍ଥାନୀୟ ଉଦ୍‌ଯୋଗୀଙ୍କୁ ଆନ୍ତର୍ଜାତୀୟ ବଜାର ସହିତ ଯୋଡ଼ିବା ଉପରେ ନିର୍ଭର କରିବ। ଓଡ଼ିଶା ପାଇଁ ଏବେ ସବୁଠାରୁ ବଡ଼ ସୁଯୋଗ ହେଉଛି ପ୍ରାକୃତିକ ସମ୍ପଦକୁ ଉଚ୍ଚମୂଲ୍ୟଯୁକ୍ତ ଉତ୍ପାଦରେ ପରିଣତ କରିବା। କେବଳ ଖଣିଜ ଉତ୍ତୋଳନ ନୁହେଁ, ଏହାର ଆଧାରରେ ଉନ୍ନତ ଉତ୍ପାଦନ, ଗବେଷଣା, ପ୍ରଯୁକ୍ତି ଓ ନୂତନ ଶିଳ୍ପ ଗଢ଼ିଉଠିଲେ ରାଜ୍ୟର ଅର୍ଥନୀତି ଅଧିକ ସ୍ଥାୟୀ ହେବ। ସେମିକଣ୍ଡକ୍ଟର କ୍ଷେତ୍ରରେ ଓଡ଼ିଶାର ଉଦୀୟମାନ ପଦକ୍ଷେପ ଏହି ଦିଗରେ ଏକ ଆଶାଜନକ ସଙ୍କେତ। ନାରାଜ ଅଞ୍ଚଳରେ ପ୍ରସ୍ତାବିତ ଓଡ଼ିଶା ସିଲିକନ୍ ଭ୍ୟାଲି ଓ ଭୁବନେଶ୍ୱରର ଇନଫୋ ଭ୍ୟାଲି ଅଞ୍ଚଳରେ ଉନ୍ନତ ଚିପ୍ ପ୍ୟାକେଜିଂ ପ୍ରକଳ୍ପ ଭଳି ପଦକ୍ଷେପ ରାଜ୍ୟକୁ ଭବିଷ୍ୟତର ପ୍ରଯୁକ୍ତି ଶିଳ୍ପ ସହିତ ଯୋଡ଼ିବାର ଆଶା ଦେଉଛି। ସେମିକଣ୍ଡକ୍ଟର କ୍ଷେତ୍ରରେ ନିବେଶ ପ୍ରସ୍ତାବ, ଦକ୍ଷତା ବିକାଶ ଓ ଗବେଷଣାରେ ଆଗ୍ରହ ବଢ଼ିବା ଓଡ଼ିଶାର ଶିଳ୍ପ ପରିଚୟକୁ ବିବିଧ କରିପାରେ। ଏହାର ଲାଭ କେବଳ ବଡ଼ କମ୍ପାନୀ କିମ୍ବା ନିବେଶକଙ୍କ ମଧ୍ୟରେ ସୀମିତ ରହିବା ଉଚିତ ନୁହେଁ। ଇଞ୍ଜିନିୟରିଂ ଛାତ୍ରଛାତ୍ରୀ, ବୈଷୟିକ ଶିକ୍ଷାର୍ଥୀ, ଔଦ୍ୟୋଗିକ ପ୍ରଶିକ୍ଷଣ ନେଉଥିବା ଯୁବକଯୁବତୀ ଓ ସ୍ଥାନୀୟ କ୍ଷୁଦ୍ର ଉଦ୍‌ଯୋଗଗୁଡ଼ିକ ଏହି ପରିବର୍ତ୍ତନର ସହଭାଗୀ ହେବା ଆବଶ୍ୟକ। ନୂତନ ପ୍ରଯୁକ୍ତି ପ୍ରତିଷ୍ଠାନ ଯଦି ଓଡ଼ିଶାର ଯୁବକଙ୍କୁ ଉଚ୍ଚଦକ୍ଷତା ଓ ଉଚ୍ଚ ଆୟର ନିଯୁକ୍ତି ଦେଇପାରେ, ତେବେ ରାଜ୍ୟରୁ ବାହାରକୁ ଜୀବିକା ଅନ୍ୱେଷଣରେ ଯାଉଥିବା ଅନେକ ଯୁବକଙ୍କ ପାଇଁ ନିଜ ମାଟିରେ ଭବିଷ୍ୟତ ଗଢ଼ିବାର ରାସ୍ତା ଖୋଲିପାରିବ। ଏହା ସହିତ ଶିକ୍ଷାନୁଷ୍ଠାନ ଓ ଶିଳ୍ପ ମଧ୍ୟରେ ସମ୍ପର୍କ ଦୃଢ଼ କରିବା, ପ୍ରାୟୋଗିକ ପ୍ରଶିକ୍ଷଣ, ଗବେଷଣା ଓ ନବସୃଜନକୁ ପ୍ରୋତ୍ସାହନ ଦେବା ଆବଶ୍ୟକ। ଆସନ୍ତାକାଲିର ଗସ୍ତରେ ଉଦ୍‌ଘାଟିତ ହେବାକୁ ଥିବା ତଥ୍ୟ କେନ୍ଦ୍ର ମଧ୍ୟ ଓଡ଼ିଶାର ଏହି ଡିଜିଟାଲ୍ ଆକାଂକ୍ଷାକୁ ଏକ ପ୍ରତୀକାତ୍ମକ ଶକ୍ତି ଦେଉଛି। ତଥ୍ୟ ଆଜିର ଅର୍ଥନୀତିର ଏକ ମୂଲ୍ୟବାନ ସମ୍ପଦ। ବ୍ୟାଙ୍କିଂ, ଡିଜିଟାଲ୍ ଦେୟ, ସରକାରୀ ସେବା, ବ୍ୟବସାୟ ଓ ନାଗରିକଙ୍କ ଆର୍ଥିକ ସୁରକ୍ଷା ପାଇଁ ନିରାପଦ ତଥ୍ୟ ପରିଚାଳନା ଅତ୍ୟାବଶ୍ୟକ। ଏହି ପ୍ରତିଷ୍ଠାନର ସ୍ଥାପନା ଓଡ଼ିଶାରେ ଡିଜିଟାଲ୍ ଭିତ୍ତିଭୂମି, ବୈଷୟିକ ସେବା ଓ ସାଇବର ସୁରକ୍ଷା ସମ୍ପର୍କିତ ଦକ୍ଷତା ବିକାଶର ସୁଯୋଗକୁ ଆଗକୁ ନେଇପାରେ। ତଥାପି, ଏହାର ସ୍ଥାନୀୟ ନିଯୁକ୍ତି ଓ ଅନ୍ୟ ଶିଳ୍ପରେ ପ୍ରଭାବ କେତେ ହେବ, ତାହା କାର୍ଯ୍ୟକାରିତା ଓ ଭବିଷ୍ୟତର ନିବେଶ ଉପରେ ନିର୍ଭର କରିବ। ଏଠାରେ ଆଉ ଏକ ପ୍ରଶ୍ନ ଅତ୍ୟନ୍ତ ଜରୁରୀ—ବିକାଶର ଲାଭ ଓଡ଼ିଶାର ସମସ୍ତ ଅଞ୍ଚଳକୁ କିପରି ପହଞ୍ଚିବ ଭୁବନେଶ୍ୱର ଓ କଟକରେ ନୂଆ ପ୍ରତିଷ୍ଠାନ ଗଢ଼ିଉଠିବା ଉତ୍ସାହଜନକ, କିନ୍ତୁ ପଶ୍ଚିମ ଓଡ଼ିଶା, ଦକ୍ଷିଣ ଓଡ଼ିଶା, ଉପକୂଳ ଅଞ୍ଚଳ ଓ ଆଦିବାସୀବହୁଳ ଜିଲ୍ଲାଗୁଡ଼ିକରେ ମଧ୍ୟ ଶିଳ୍ପ, ଶିକ୍ଷା, ସ୍ୱାସ୍ଥ୍ୟ, ଜଳସେଚନ ଓ ଜୀବିକାର ସୁଯୋଗ ବଢ଼ିବା ଆବଶ୍ୟକ। ରାଜ୍ୟର ପ୍ରତ୍ୟେକ ଜିଲ୍ଲାର ନିଜସ୍ୱ ସାମର୍ଥ୍ୟ ଅଛି। କେଉଁଠି କୃଷି ଓ ଖାଦ୍ୟ ପ୍ରକ୍ରିୟାକରଣ, କେଉଁଠି ଖଣିଜ ଓ ଧାତୁ ଶିଳ୍ପ, କେଉଁଠି ପର୍ଯ୍ୟଟନ, ହସ୍ତଶିଳ୍ପ, ବନଜାତ ଦ୍ରବ୍ୟ କିମ୍ବା ମତ୍ସ୍ୟଚାଷର ଅସୀମ ସମ୍ଭାବନା ରହିଛି। ଏହି ସମ୍ଭାବନାଗୁଡ଼ିକୁ ଉପଯୁକ୍ତ ପୁଞ୍ଜି, ବଜାର, ପରିବହନ, ପ୍ରଶିକ୍ଷଣ ଓ ପ୍ରଯୁକ୍ତି ସହିତ ଯୋଡ଼ିଲେ ବିକାଶର ଧାରା ଅଧିକ ସମାବେଶୀ ହୋଇପାରିବ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ସହଯୋଗ ଏହି ଲକ୍ଷ୍ୟ ପୂରଣରେ ମୁଖ୍ୟ ଭୂମିକା ନେଇପାରେ। ଏହି ସହଯୋଗର ମୂଲ୍ୟ ରାଜନୈତିକ ନାରାରେ ନୁହେଁ, ବରଂ ପ୍ରକଳ୍ପର ସମୟୋଚିତ ସମାପ୍ତି, ସ୍ୱଚ୍ଛ ପ୍ରଶାସନ, ନିଯୁକ୍ତି ସୃଷ୍ଟି, ସେବାର ଗୁଣବତ୍ତା ଓ ସାଧାରଣ ଲୋକଙ୍କ ଜୀବନରେ ଆସୁଥିବା ପରିବର୍ତ୍ତନରେ ମାପିବା ଉଚିତ। ଓଡ଼ିଶାର ଜନସାଧାରଣଙ୍କ ଆଶା ମଧ୍ୟ ଏହିପରି ବାସ୍ତବ ଫଳାଫଳକୁ ନେଇ। ଏକ ପ୍ରକଳ୍ପ ଉଦ୍‌ଘାଟିତ ହେବା ନିଶ୍ଚିତ ଭାବେ ଗର୍ବର ବିଷୟ, କିନ୍ତୁ ତାହାର ସଫଳତା ନିର୍ଣ୍ଣୟ ହେବ ଯେତେବେଳେ ଏହା ନିରନ୍ତର ଓ ଦକ୍ଷତାର ସହିତ କାର୍ଯ୍ୟ କରିବ, ଦେଶର ଆର୍ଥିକ ସୁରକ୍ଷାକୁ ଶକ୍ତିଶାଳୀ କରିବ ଏବଂ ଓଡ଼ିଶାରେ ନୂଆ ସୁଯୋଗ ସୃଷ୍ଟି କରିବ। ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ ଏହି ବିକାଶ ଆକାଂକ୍ଷାକୁ ଆଉ ଥରେ ଆଲୋଚନାର କେନ୍ଦ୍ରକୁ ଆଣିଛି। ଏହା ରାଜ୍ୟ ପାଇଁ ଏକ ସକାରାତ୍ମକ ସୁଯୋଗ, ଯାହାକୁ ଦୀର୍ଘମିଆଦୀ ଯୋଜନା, ଦୃଢ଼ କାର୍ଯ୍ୟକାରିତା ଓ ଜନସହଭାଗିତା ମାଧ୍ୟମରେ ସାର୍ଥକ କରିବାକୁ ହେବ। ଓଡ଼ିଶାର ଉନ୍ନତି କେବଳ ଗୋଟିଏ ସରକାରର ସଫଳତା କିମ୍ବା ଗୋଟିଏ ଦଳର ରାଜନୈତିକ ପରିଚୟରେ ସୀମିତ ନୁହେଁ; ଏହା ଚାଷୀ, ଶ୍ରମିକ, ଉଦ୍‌ଯୋଗୀ, ଶିକ୍ଷକ, ବୈଜ୍ଞାନିକ, ଯୁବପିଢ଼ି ଓ ସାଧାରଣ ନାଗରିକଙ୍କ ସାମୂହିକ ପ୍ରୟାସର ଫଳ ହେବା ଉଚିତ। ପ୍ରଧାନମନ୍ତ୍ରୀଙ୍କ ଆଗମନ ଓ ନୂତନ ପ୍ରତିଷ୍ଠାନର ଉଦ୍‌ଘାଟନକୁ ଏକ ନୂଆ ସଂକଳ୍ପର ଅବସର ଭାବେ ଗ୍ରହଣ କରିବା ଆବଶ୍ୟକ—ଓଡ଼ିଶାର ସମ୍ପଦର ମୂଲ୍ୟ ଓଡ଼ିଶାର ଲୋକଙ୍କ ଜୀବନରେ ପ୍ରତିଫଳିତ ହେଉ, ରାଜ୍ୟର ଯୁବକଯୁବତୀ ନିଜ ମାଟିରେ ନିଯୁକ୍ତି ଓ ଉଦ୍ୟମର ସୁଯୋଗ ପାଆନ୍ତୁ, ଶିଳ୍ପ ବିକାଶ ସହିତ ପରିବେଶ ସୁରକ୍ଷା ନିଶ୍ଚିତ ହେଉ ଏବଂ ପୂର୍ବ ଭାରତର ବିକାଶରେ ଓଡ଼ିଶା ନିଜର ଐତିହାସିକ ଭୂମିକା ନିର୍ବାହ କରୁ। ଆଜି ଓଡ଼ିଶା ସମ୍ମୁଖରେ ଥିବା ପ୍ରଶ୍ନ କେବଳ କେତେ ପ୍ରକଳ୍ପ ଆସିଲା ତାହା ନୁହେଁ; ପ୍ରଶ୍ନ ହେଉଛି ସେହି ପ୍ରକଳ୍ପଗୁଡ଼ିକ ରାଜ୍ୟର ଆର୍ଥିକ ଭବିଷ୍ୟତକୁ କେତେ ଶକ୍ତିଶାଳୀ କରିବ। ଆସନ୍ତାକାଲିର ଉଦ୍‌ଘାଟନ ଏହି ବଡ଼ ଲକ୍ଷ୍ୟ ଦିଗରେ ଏକ ସାର୍ଥକ ପଦକ୍ଷେପ ହେଉ ଓଡ଼ିଶା ଖଣିଜ ସମ୍ପଦରୁ ଜ୍ଞାନସମ୍ପଦକୁ, ପାରମ୍ପରିକ ଶିଳ୍ପରୁ ଉନ୍ନତ ପ୍ରଯୁକ୍ତିକୁ, ସମ୍ଭାବନାରୁ ସଫଳତାକୁ ଏବଂ ଆଞ୍ଚଳିକ ପରିଚୟରୁ ଜାତୀୟ ବିକାଶର ଅଗ୍ରଣୀ ଶକ୍ତିକୁ ଅଗ୍ରସର ହେଉ। ଏହା ହିଁ ଓଡ଼ିଶା ପାଇଁ ପୂର୍ବୋଦୟର ପ୍ରକୃତ ଅର୍ଥ, ଏହା ହିଁ ପୂର୍ବାଭିମୁଖୀ ନୀତିର ସାର୍ଥକତା ଏବଂ ଏହା ହିଁ ଆଗାମୀ ପିଢ଼ି ପାଇଁ ଏକ ସମୃଦ୍ଧ, ସକ୍ଷମ ଓ ଆତ୍ମବିଶ୍ୱାସୀ ଓଡ଼ିଶା ଗଢ଼ିବାର ମାର୍ଗ। ।

# ଜଗତ ମାତା ଚ ପ୍ରକୃତିଃ... ଗରିୟସୀ ଜଗତାଂ ମାତା

**ଲକ୍ଷ୍ମୀ ନାରାୟଣ ମଲ୍ଲିକ**

ବ୍ରହ୍ମବୈବର୍ତ୍ତ ପୁରାଣରେ ବର୍ଣ୍ଣିତ ଅଛି- 'ଜଗତ ମାତା ଚ ପ୍ରକୃତିଃ ପୁରୁଷଶ୍ଚ ଜଗତ ପିତା। ଗରିୟସୀ ଜଗତାଂ ମାତା, ମାତା ଶତଗୁଣଂ ପିତା।।' ଅର୍ଥାତ୍ ଜଗତର ଜନ୍ମଦାତ୍ରୀ ହେଉଛନ୍ତି ମାତା। ଜଗତର ପାଳନ ବା ରକ୍ଷାକର୍ତ୍ତା ହେଉଛନ୍ତି ପୁରୁଷ। ସୁତରାଂ ଜନ୍ମଦାତ୍ରୀ ବା ଜଗତର ମାତା, ପିତାଙ୍କ ଠାରୁ ଶହେଗୁଣ ଅଧିକ ଶ୍ରେଷ୍ଠ। ନାରୀଙ୍କ ସ୍ଥାନ ସର୍ବଦା ଆଗରେ। ନାରୀକୁ ପ୍ରଥମ ସ୍ଥାନ ଦିଆଯାଇଛି। ସୁତରାଂ ଦେବତା ଓ ମହାପୁରୁଷମାନଙ୍କର ନାମ ସହିତ ସେମାନଙ୍କର ପତ୍ନୀଙ୍କ ନାମ ସଂଯୋଗ କରାଯାଇଛି। ଯଥା ସୀତାରାମ, ରାଧେଶ୍ୟାମ, ଗୌରୀଶଙ୍କର, ଉମାମହେଶ, ଲକ୍ଷ୍ମୀନାରାୟଣ, ସାବିତ୍ରୀସତ୍ୟବାନ, ମାୟାବ୍ରହ୍ମ, ପ୍ରକୃତିପରମେଶ୍ୱର, ଶକ୍ତିଶିବ ଇତ୍ୟାଦି। ପବିତ୍ରତା, ସ୍ନେହ, ବାତ୍ସଲ୍ୟ, ଦୟା, ସେବା, ସହାନୁଭୂତି, ଭକ୍ତିଭାବନା ଆଦି ଗୁଣରେ ପୁରୁଷ ଅପେକ୍ଷା ନାରୀ ହିଁ ଆଗରେ। ସୁତରାଂ ଧାର୍ମିକ ଓ ଆଧ୍ୟାତ୍ମିକ ସମ୍ବନ୍ଧୀୟ କାର୍ଯ୍ୟଗୁଡ଼ିକରେ ନାରୀକୁ ସର୍ବତ୍ର ସ୍ୱାଗତ ଓ ସମ୍ମାନ କରାଯାଏ। ନାରୀକୁ ତା'ର ମହାନୀୟତା ଅନୁଯାୟୀର ପ୍ରତିଷ୍ଠା ମଧ୍ୟ ଦିଆଯାଇଛି।ମା' ସବୁବେଳେ ବିଶ୍ୱାସର ବାଇଶି ପାହାଚ ଯେ ଅସମର୍ଥ ପାଦକୁ ଚାଲିବାର କଳା ଓ କୌଶଳ ଶିଖାଇଥାଏ। ମା'ହେଉଛି ବିଶ୍ୱାସର କଳ୍ପବଟ ଯାହା କୋଳରେ ମତର ଥାପି ଦେଲେ ସବୁ ଦୁଃଖକଷ୍ଟ ନିମିଷକେ ଉଭେଇଯାଏ। ମା'ପୁଣି ବିଶ୍ୱାସର ଗରୁଡ଼ ସ୍ତମ୍ଭ ଯାହାକୁ ଜାବୁଡ଼ି ଧରିଲେ ଜୀବନରେ ସବୁକିଛି ପ୍ରାପ୍ତିର ସନ୍ତୋଷ ମିଳିଯାଏ। ମା'ବିଶ୍ୱାସର ପତିତପାବନ ବାନା ଯେ ଆଶା ଓ ସାହାସର, ଧୈର୍ଯ୍ୟ ଓ ପ୍ରେରଣାର ଅଫୁରନ୍ତ ସ୍ରୋତ। କୌଣସି ସାମାଜିକ ପଦପଦବୀରେ ଆସୀନ ନ ହୋଇଥିଲେ ମଧ୍ୟ ନିଜର ଅସୀମ ଧୈର୍ଯ୍ୟ ଓ ପ୍ରଗାଢ଼ ଭଗବତ ବିଶ୍ୱାସକୁ ପାଥେୟ କରି, ସ୍ୱାମୀ ଆଦିକନ୍ଦ ମଲ୍ଲିକ ଯେ କି ଓଡ଼ିଶାର ବରିଷ୍ଠ ଅର୍ଥସେବା ପ୍ରଶାସନିକ ଅଧିକାରୀ ଥିଲେ, ତାଙ୍କ ଦେହାନ୍ତ ପରେ ଜୀବନର ଶେଷ ପଇଁତିରିଶ ବର୍ଷ ଏକାକୀ ନିଜର ଚାରିପୁତ୍ର ଓ ତିନି କନ୍ୟାସନ୍ତାନଙ୍କୁ ସମାଜର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ କରାଇ ଏକ ଆଦର୍ଶ ମା'ର ଭୂମିକା ତୁଲାଇ ପାରିଛନ୍ତି ତଥା ବହୁ ଅମୂଲ୍ୟ ସାମାଜିକ ଓ ପାରିବାରିକ ଆଦର୍ଶବୋଧର ଉଦାହରଣ ପାଲଟିଛନ୍ତି। ବାହ୍ୟ ଆଡ଼ମ୍ବରଶୂନ୍ୟ, ଚାକଚକ୍ୟ ବିହୀନ ଜୀବନଯାପନ କରି ସଂପୂର୍ଣ୍ଣ ସାଧାରଣ ମହିଳାଟିଏ ଭଳି ପ୍ରତୀତ ହେଉଥିବା ଏହି ମଣିଷଟି ମଧ୍ୟରେ ଯେ ଆତ୍ମବିଶ୍ୱାସ, ଦୃଢ଼ଇଚ୍ଛା ଶକ୍ତି, ପ୍ରଗାଢ଼ ଈଶ୍ୱରଭକ୍ତି ବଳରେ ଏକ ସଶକ୍ତ ମନ, ତୀକ୍ଷଣ ବୁଦ୍ଧି, ବିଚକ୍ଷଣ ସ୍ମରଣଶକ୍ତି ଓ ବିଶ୍ରାମହୀନ କାର୍ଯ୍ୟ କରିବାର ଅଫୁରନ୍ତ କ୍ଷମତା ରହିଛି ତାହା ଯେ କେହି ତାଙ୍କ ସଂସ୍ପର୍ଶରେ ଆସିଛି ଅନୁଭବ କରିପାରିଛି। ଜୀବନର ସପ୍ତ ପ୍ରକାର ପରିସ୍ଥିତିର ସମ୍ମୁଖୀନ ହୋଇ ନିଜର ପ୍ରତ୍ୟେକଟି ସନ୍ତାନଙ୍କୁ ପ୍ରତିଷ୍ଠିତ କରାଇ ପାରିବା ପଛରେ ମହାପ୍ରଭୁ ଜଗନ୍ନାଥ, ଦିବ୍ୟ ଜୀବନ ସଂଘର ପ୍ରତିଷ୍ଠାତା ସ୍ୱାମୀ ଶିବାନନ୍ଦ ଓ ନିଜର ଗୁରୁଦେବ ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କର ଅଶେଷ କରୁଣା ରହିଛି ବୋଲି ଆଜୀବନ ବିଶ୍ୱାସ କରୁଥିଲେ ସ୍ୱର୍ଗତ ରମା ମଲ୍ଲିକ। ମହାପ୍ରଭୁ ଜଗନ୍ନାଥଙ୍କ ଉପରେ ଦ୍ୱନ୍ଦ ଓ ସଂଶୟରହିତ ସଂପୂର୍ଣ୍ଣ ସମର୍ପଣ ଭାବ ହିଁ ତାଙ୍କର ଜୀବନୀଶକ୍ତି ଥିଲା। ଭକ୍ତ ପ୍ରହ୍ଲାଦ ସ୍ତମ୍ଭ ମଧ୍ୟରେ ନିଜର ଭଗବାନଙ୍କୁ ଦର୍ଶନ କଲାଭଳି ଟିଭି ପରଦାରେ ପତିତପାବନଙ୍କୁ ଦେଖିବା ପାଇଁ ମା'ଙ୍କ ପାଇଁ ପ୍ରଭୁଙ୍କର ଦୈନନ୍ଦିନ ପ୍ରତ୍ୟକ୍ଷ ଦର୍ଶନ ସହ ସମାନ ଥିଲା। ଅନ୍ୟମାନଙ୍କ ପ୍ରତି ନିଜର ବ୍ୟବହାର, ଆଚାର ବିଚାରକୁ ସେ ସଂପର୍କର ସଂଜ୍ଞା ଭିତରେ କେବେ ବାନ୍ଧି ନାହାନ୍ତି। ପୁଅବୋହୂ, ଝିଅଜ୍ୱାଇଁ, ନାତି ନାତୁଣୀ, ଘର କାମରେ ସାହାଯ୍ୟ କରୁଥିବା ଲୋକ ଠାରୁ ଆରମ୍ଭ କରି ଫୁଲବାଲା, ଡ୍ରାଇଭର, ଗାର୍ଡ଼ ସମସ୍ତଙ୍କ ପାଇଁ ସେ ଅତି ଆଦରର ମାଆ ଥିଲେ ଓ ସମସ୍ତେ ତାଙ୍କର ସନ୍ତାନ ସଦୃଶ ଥିଲେ। କେହି କେବେ ସଂପର୍କ ଆଳରେ ତାଙ୍କର ସ୍ନେହ ଓ କରୁଣାରୁ କାଣିଚାଏ କମ ବେଶୀର ପାର୍ଥକ୍ୟ ଅନୁଭବ କରିନାହାନ୍ତି। ଯେ କେହି ତାଙ୍କ ସଂସ୍ପର୍ଶରେ ଆସିଛି, ଦୁଇପଦ କଥାରେ ସେ ତାଙ୍କୁ ନିଜର କରିନେଇଛନ୍ତି। ମା'ର ଆବେଗ, ସର୍ତ୍ତବିହୀନ ସ୍ନେହ, ମଧୁର ବ୍ୟବହାର, ମନଲୋଭା କଥା, ଜଗତଭୁଲା ହସ ଭିତରେ ସେ ଆପଣେଇ ନେଇଛନ୍ତି ସଭିଙ୍କୁ। ପୌରାଣିକ କାହାଣୀ ଠାରୁ ଆରମ୍ଭ କରି ବାସ୍ତବ ଉଦାହରଣ ଦେଇ ଯେ କୌଣସି ପରିସ୍ଥିତିର ଆଶା ଓ ବିଶ୍ୱାସର ସହ ସମ୍ମୁଖୀନ ହେବା ପାଇଁ ସମସ୍ତଙ୍କୁ ପ୍ରେରିତ କରିଆସିଛନ୍ତି ସେ। ଜୀବନର ମୂଲ୍ୟ ବୁଝିଥିଲେ ରମା ଦେବୀ। ନିଜେ ଭଲ ଖାଇବାକୁ ଓ ଅନ୍ୟକୁ ଖୁଆଇବାକୁ, ନିଜେ ଭଲ ପିନ୍ଧିବାକୁ ଓ ଅନ୍ୟକୁ ସେହି ରୂପରେ ଦେଖିବାକୁ, ବିଭିନ୍ନ ସ୍ଥାନ ବୁଲି ଦେଖିବାକୁ, ଯୁଗୋପଯୋଗୀ ସମସ୍ତ ନୂତନତା ବିଷୟରେ ଜାଣିବାକୁ ଯୁବସୁଲଭ ଆଗ୍ରହ ଥିଲା ତାଙ୍କର। ନିଜ ସମୟ ଠାରୁ ବହୁ ଆଗରେ ଥିଲେ ସେ। ସମସ୍ତ ପ୍ରକାର ଆଧ୍ୟାତ୍ମିକ ପରମ୍ପରା, ସାମାଜିକ ମୂଲ୍ୟବୋଧକୁ ସମ୍ମାନ ଦେବା ସଙ୍ଗେ ସଙ୍ଗେ ରକ୍ଷଣଶୀଳତା ଠାରୁ ଦୂରରେ ରହି ଏକ ଅପୂର୍ବ ସନ୍ତୁଳନ ବଜାୟ ରଖିଥିଲେ। ମୁକ୍ତ ମନରେ ସମସ୍ତ ବିଚାରକୁ ଓ ସମସ୍ତଙ୍କୁ ଆପଣେଇ ନେଉଥିଲେ। ନିଜର ଦୈନନ୍ଦିନ ମୁହୂର୍ତ୍ତ ଗୁଡ଼ିକର ଅନୁଭୂତି ଲିପିବଦ୍ଧ କରିବା ତାଙ୍କର କାହିଁ କେଉଁ କାଳରୁ ଅଭ୍ୟାସ ଥିଲା, ଯାହା ଆଜରି ଯୁବପୀଢ଼ି 'ଜର୍ନାଲିଙ୍ଗ' ନାମରେ ଅନୁସରଣ କରୁଛି। ତାଙ୍କର ଜୀବନାଦର୍ଶ ଶରଧାବାଲିର ରେଣୁ ହୋଇଆମ ଜୀବନ ବଡ଼ଦାଣ୍ଡରେ ଆଗକୁ ଚାଲିବାର ପ୍ରେରଣା ହୋଇ ରହିଥାଉ।

ଭାରତର ମହାନ ସଂସ୍କୃତିର ସୁରକ୍ଷା କ୍ଷେତ୍ରରେ ନାରୀ ମାନଙ୍କର ଦାନ ଅତୁଳନୀୟ। ବୈଦିକ ଯୁଗରୁ ବର୍ତ୍ତମାନ ପର୍ଯ୍ୟନ୍ତ ନାରୀମାନେ ହିଁ ଭାରତୀୟ ସଂସ୍କୃତିର ସଂରକ୍ଷକ ଓ କର୍ଣ୍ଣଧାର ହୋଇ ଆସିଛନ୍ତି। ଆମ ଜନ୍ମଭୂମି ଭାରତରେ ଅମୃତୋପମ ଭାବ ହେଉଛି ନିଜର ମାତାଙ୍କ ପ୍ରତି ପ୍ରେମ। ଉତ୍ତମ ଚରିତ୍ର ହିଁ ପ୍ରକୃତ ସୌନ୍ଦର୍ଯ୍ୟ, ନୈତିକତା ନାରୀର ପ୍ରାଣବାୟୁ, ଲଜ୍ୟା ତା'ର ଜୀବନୀ ଶକ୍ତି ଓ କଠୋର ସତ୍ୟାନୁସରଣ ହିଁ ତା'ର ପ୍ରତିଦିନର କର୍ତ୍ତବ୍ୟ। ଭାରତୀୟ ଧର୍ମ, ସଂସ୍କୃତି ଓ ଦିବ୍ୟ ସମାଜ ଗଠନ ସହ ପରିବାରରେ ମାତୃ ଆଦର୍ଶର ମହନୀୟତା ଚିର ଜାଜ୍ଜ୍ୱଲ୍ୟମାନ ହୋଇ ସମସ୍ତଙ୍କ ପାଇଁ ପ୍ରେରଣାର ଆଲୋକବର୍ତ୍ତିକା ହୋଇ ଚାଲିଥାଉ ଏହା ହିଁ କାମନା। ଜୟ ଜଗନ୍ନାଥ।

ଅବସରପ୍ରାପ୍ତ ପରିଚାଳନା ନିର୍ଦ୍ଦେଶକ, ସେଲ, କୋଲକତା, ଦୂରଭାଷ : ୯୪୭୭୭୦୨୨୦୨

# 'ଜଳୁଛି ଦୀପାଳି ଆଖିର ଲୁହରେ.......'

**ଅନୁପମା ଭୂୟାଁ**



ଦୀପ ସବୁଦିନ ଜଳେ। ସଞ୍ଜ ସକାଳେ ଦେବାଳୟରେ ଦୀପ ଜଳେ। ସନ୍ଧ୍ୟାବେଳେ ଗୃହିଣୀମାନେ ଚଉରାମୂଳେ ସନ୍ଧ୍ୟାଦୀପ ଲଗାନ୍ତି। ଆଉ କେତେକ ବିଶେଷ ଅନୁଷ୍ଠାନରେ ଦୀପ ଜଳାଯାଏ। ଏଥିପାଇଁ ବ୍ୟବହାର କରାଯାଉଥିବା ଦୀପ ଗୁଡ଼ିକ ପିତ୍ତଳ ଅଥବା ପଥରରେ ତିଆରି। ଏସବୁ ବାଦ ଦେଲେ ଦୀପଜଳା ପାଇଁ ଯେଉଁ ବିଶେଷ ଦିନଟି ରହିଛି ତାହା ହେଉଛି ଦୀପାବଳି ଅମାବାସ୍ୟା। ପିତୃଲୋକଙ୍କୁ ଦୀପଦାନ ଅବସରରେ କାର୍ତ୍ତିକ ମାସର ଏ ଅମାବାସ୍ୟା ତିଥିରେ ସନ୍ଧ୍ୟା ପରେ ପରେ ବାସଗୃହ ଓ ଦେବାଳୟରେ ଅସୁମାରି ଦୀପମାଳା ପ୍ରଜ୍ୱଳନ କରାଯାଏ। ଭାରତୀୟ ପରମ୍ପରାରେ ଉଭୟ ତେଲ ଓ ଅଗ୍ନି ପବିତ୍ର। ଏହା ଶୁଦ୍ଧଶକ୍ତି ହୋଇଥିବାରୁ ବୈଦିକ ରୀତିନୀତିରେ ଅଗ୍ନି ତତ୍ତ୍ୱର ବିଭିନ୍ନ ତାତ୍ପର୍ଯ୍ୟକଥା ଉଲ୍ଲେଖ କରିଛି। ଏଥିପାଇଁ ମାଙ୍ଗଳିକ ଅନୁଷ୍ଠାନରେ ଘିଅ ଅଥବା ତେଲ ଦୀପ ଜଳାଯାଏ। ହିନ୍ଦୁ ମାନଙ୍କ ଠାକୁର ଘରେ ସଞ୍ଜ ସକାଳେ ଦୀପ ପ୍ରଜ୍ୱଳନ କରାଯାଏ। ପ୍ରତିଦିନ ତୁଳସୀ ଚଉରାମୂଳେ ସଞ୍ଜବତୀ ବା ସଞ୍ଜଦୀପ ଓଡ଼ିଆ ଗୃହିଣୀ ପ୍ରଦାନ କରିବା ଏକ ସୁପ୍ରାଚୀନ କଥା। ଦୀପଟିଏ ଜଳେ ଅନ୍ଧାର ବିନାସୀ, ଦୀପଟିଏ ଜଳେ ପୁଣି କାହାର ମଙ୍ଗଳ ମନାସୀ, ଦୀପଟିଏ ଜଳେ, ଜଳିବା ପଛରେ ରହିଛି ଅନେକ ରହସ୍ୟ ପୁଣି ଅନେକ ବିଜ୍ଞାନ। ଦୀପକୁ ନେଇ ଲେଖାଯାଇଛି ଅନେକ ଗୀତ। ଏହି ଦୀପ ପଛରେ ଅନେକ ଆଧ୍ୟାତ୍ମିକ ଦିଗ ମଧ୍ୟ ରହିଛି।

ପ୍ରଦୀପ ପ୍ରଜ୍ୱଳନ କେବଳ ହିନ୍ଦୁ ଆଧ୍ୟାତ୍ମିକ ସଂସ୍କୃତି, ବିଚାର ବା ପରମ୍ପରା ନୁହେଁ ଏହି ପ୍ରଦୀପର ଉଜ୍ଜ୍ୱଳ ଉଦଭାସିତ ଆଲୋକ ଅନ୍ଧାର ଦୂରୀଭୂତ କରିଥାଏ। ତେବେ ଆମ୍ଭ ମାନଙ୍କର ନିତିଦିନିଆ ଜୀବନ, ଆଧ୍ୟାତ୍ମିକ ଚିନ୍ତନ, ଦର୍ଶନ, ଭାବନା, ଅନୁରାଗ, ଆବେଦନ କ୍ଷେତ୍ରରେ ଗୀତରେ ଦୀପର ମଧ୍ୟ ପ୍ରୟୋଗ ହୋଇଛି। ଅନେକ ଭଜନ ଓ ସିନେମାରେ ଦୀପର ସ୍ଥାନ ରହିଛି। ଏହି ଗୀତ ଗୁଡ଼ିକ ଦର୍ଶକଙ୍କ ହୃଦୟକୁ ଛୁଇଁଛି ମଧ୍ୟ। ଓଡ଼ିଆ ଭାଷାରେ ସବୁଠାରୁ ଦୀପକୁ ନେଇ ଲେଖା ହୋଇଥିବା ଭାବପୂର୍ଣ୍ଣ ଓ ଅନେକ ଶିକ୍ଷଣୀୟ ହୋଇପାରିଥିବା ଗୀତଟି ଥିଲା - 'ଜଳୁଛି ଦୀପାଳି ଆଖିର ଲୁହରେ, ବାଜୁଛି ଶଙ୍ଖ ମନର କୋହରେ, ଆରତୀ ସଜାଡ଼ି ବସିଛି ପୂଜାରୀ ମନ ମନ୍ଦିରରେ ଏକା।' ୧୯୮୦ ମସିହାରେ ଓଡ଼ିଆ ସିନେମା 'ପୂଜା'ର ଏହି ଗୀତଟିରେ କଣ୍ଠଦାନ କରିଥିଲେ ବିଶିଷ୍ଟ କଣ୍ଠଶିଳ୍ପୀ ଚିତ୍ତ ଜେନା।



ଅନେକ ଓଡ଼ିଆ ସଙ୍ଗୀତପ୍ରେମୀ ଓ ଆଧ୍ୟାତ୍ମିକ ଶ୍ରଦ୍ଧାଳୁ ଏବେ ବି ଏହି ଗୀତଟିକୁ ଯେଉଁଠି ବି ଶୁଣିବା ମାତ୍ରକେ ଗୁଣୁଗୁଣାନ୍ତି।

ପରବର୍ତ୍ତୀ ସମୟରେ ଏହି ଗୀତକୁ ପ୍ରଦୀପକୁ ନେଇ ଓଡ଼ିଆ ଗୀତ ବଜାରରେ ଏକ ଲୋକପ୍ରିୟ ଗୀତଟି ଆସିଥିଲା ତାହା ଥିଲା - 'ଏକଇ ମନ୍ଦିରେ ଦୀପ ଜାଳୁଥିଲେ ଦୁହେଁ ତ ଦୁହିଁଙ୍କ ପାଇଁ।' ଶିର୍ଷାନନ୍ଦ ଦାସକାନୁନଗୋ ଏହାର ଗୀତିକାର ଥିଲେ ଓ ସୁନାମଧନ୍ୟ ସଂଗୀତ କିମ୍ବଦନ୍ତୀ ଅକ୍ଷୟ ମହାନ୍ତି ଏହାର ସ୍ୱର ସଂଯୋଜନା କରିଥିବାବେଳେ ଏହାକୁ ଗାଇଥିଲେ କଣ୍ଠଶିଳ୍ପୀ ବିବୁ ଦାସ। ସେହିପରି ଶ୍ରୀଜଗନ୍ନାଥଙ୍କ ଅନେକ ଓଡ଼ିଆ ଭଜନରେ ଏହି ଦୀପକୁ ନେଇ ଅନେକ ଗୀତ ଲେଖା ହୋଇଛି ଏବଂ ଏହା ମଧ୍ୟ ଶ୍ରୋତାଙ୍କ ହୃଦୟକୁ ଛୁଇଁ ପାରିବାରେ ସମର୍ଥ ହୋଇଛି। କୁମାର ବାପିଙ୍କ କଣ୍ଠରେ - 'ଦୀପଟିଏ ମୋତେ କରିଦିଅ ପ୍ରଭୁ ଶ୍ରୀମନ୍ଦିରେ ଜଳୁଥିବି, ତୋହରି ସେବାରେ ତୋ ସିଂହଦ୍ୱାରେ, ଜଳି ଜଳି ସରି ଯିବି।' କଣ୍ଠଶିଳ୍ପୀ ସୁବାଷ ଦାସଙ୍କ କଣ୍ଠରେ - 'ଯେଉଁ ହାତ କରୁଥାଏ ପାପ, ସେହି ହାତ ଜାଳୁଥାଏ ଦୀପ', ବସନ୍ତ ପାତ୍ରଙ୍କ କଣ୍ଠରେ - 'ମୁ ବିଗନ୍ଧ ମାଟି ଦୀପ, ଦୁଃଖ ଶୁଣ ହେ କଳାମୁଖ, ପ୍ରଭୁ ଦେଉଳ ବାହାରେ ରହି, ତୁମ ଦର୍ଶନୁ ହେଲୁ ବଞ୍ଚିତ'। ପରବର୍ତ୍ତୀ ସମୟରେ ସଂଗୀତକାର ମଳୟ ମିଶ୍ରଙ୍କ ସଂଯୋଜନା ଓ କଣ୍ଠଶିଳ୍ପୀ ସତ୍ୟଜିତ ଗାଇଥିବା - 'ଶ୍ରୀମନ୍ଦିର ଆଗେ ଦୀପ ଜାଳି ଜାଳି ଭିକାରୀ ହେଲିଣି ମୁହିଁ, ମାଗୁଥିଲି ଖାଲି କରୁଣାଟିକିଏ ହାତୀ ଘୋଡ଼ା ମାଗିନାହିଁ।' ଭଜନଟି ଅତ୍ୟନ୍ତ ଭାବପୂର୍ଣ୍ଣ।

ଓଡ଼ିଆ ଭଜନ ଜଣାଣରେ ଅନେକ ଗୀତ ଦୀପକୁ ନେଇ ଲେଖା ହୋଇଥିବାବେଳେ ଓଡ଼ିଶାର ଘରେ ଘରେ ପରିଚିତ କଣ୍ଠଶିଳ୍ପୀ ନମିତା ଅଗ୍ରୱାଲଙ୍କର ଅନେକ ସ୍ମରଣୀୟ ଭଜନ ରହିଛି। ସେ ଗୀତ ଗୁଡ଼ିକ ହେଲା - 'ମନକୁ କରିଛି ମାଟି ଦୀପଟିଏ ମୋର, ଦୀପରେ ଢ଼ାଳିଛି ଆଖି ଲୁହ ଧାର ଧାର', 'ମାଟି ଦୀପଟିଏ କରିଦିଅ ମୋତେ ତୁମରି ମନ୍ଦିରେ ଜଳୁଥିବି ସଦା ଜାଗରରେ ରାତି ସାରା', 'ମାଟି ଦୀପ ଧାଡ଼ି କି ଧାଡ଼ି ସଖୀଲୋ, ଗୁଆଘିଅ ଦେ ଉଜାଡ଼ି ସଖୀଲୋ', 'ହେ ଜାଗର ଦୀପ, ରାତିକରେ ଜାଳିଦିଅ ବର୍ଷକ ପାପ'। କଣ୍ଠଶିଳ୍ପୀ ଶାସାନ୍ତ ଶେଖରଙ୍କ ଏକ ଜୀବନ ଚେତନାଧର୍ମୀ ଗୀତଟି ତାଙ୍କରି କଣ୍ଠରେ ବେଶ ଲୋକପ୍ରିୟ ହୋଇଥିଲା ତାହା ଥିଲା - 'ଏ ଜୀବନ ଦୀପ ଦିନେ ଲିଭିବ, ଜୀବନ ଶଳିତା ଦିନେ ସରିବ'। ତେବେ ପରବର୍ତ୍ତୀ ସମୟରେ ଏହି ଦୀପ ଭିତରେ ପ୍ରେମର ପ୍ରଜ୍ୱଳିତ ସମ୍ଭାବନା ଓ ପ୍ରାପ୍ତିକୁ ନେଇ ଏସ.ଜିତୁ ଓ ଏସ୍. ରଥଙ୍କ କଣ୍ଠରେ ବେଶ ଲୋକପ୍ରିୟ ହୋଇଥିବା ଗୀତଟି ଥିଲା - 'ଲକ୍ଷେ ଦୀପ ଜାଳି ପାଇଗଲି ତତେ, ମୁଁ ପରି ଗୀତରେ ଦୀପକୁ ଭେଟିହେବ କିଛି ଦର୍ଶନରେ, କିଛି ପ୍ରେମରେ'। ଦୀପର ପ୍ରଜ୍ୱଳିତ ଅନ୍ତର୍ନିହିତ ଚେତନା ଓଡ଼ିଆ ଭଜନ ଠାରୁ ଜଣାଣ, ଜୀବନ ଚେତନାଧର୍ମୀ ସଙ୍ଗୀତ ଠାରୁ ପ୍ରେମ ଓ ବିରହ ସବୁକିଛି ଭିତରେ ଉଦଭାସିତ କରେ ଏକ ନୂଆ ଆଲୋକିତ ଜୀବନ ପାଇଁ।

'ସାଇ ବିଥି' ୭ଡି/୧୩୫୪, ସେକ୍ଟର-୯, କେଡ଼ିଏ, କଟକ
E-mail : anupama123bhuyan@gmail.com

# ଷ୍ଟ୍ରୋକ୍ : ଆପଣଙ୍କ ହାତରେ ସବୁକିଛି

**ଡାକ୍ତର ପ୍ରଫୁଲ୍ଲ କୁମାର ଦାସ**



ସକାଳୁ ସକାଳୁ ଅନେକ ଖବର ସୁଖଦ ହୋଇନଥାଏ କିଛି ମଧ୍ୟ ଦୁଃଖଦ ହୋଇଥାଏ। ତେବେ କେବଳ ସକାଳ ସମୟ ନୁହେଁ ଦିନ ଓ ରାତିର ଯେ କୌଣସି ସମୟରେ ବି ଜଣେ ପରିଚିତ ଲୋକଙ୍କର ଷ୍ଟ୍ରୋକ ସମସ୍ୟା ଓ ବିଳମ୍ବ ଚିକିତ୍ସା ବା କୌଣସି ପରିପାର୍ଶ୍ୱିକ ଅନ୍ୟ ସମସ୍ୟା ପାଇଁ ଜୀବନ ଚାଲିଯିବାର ଅଚାନକ ଖବରଟି ଅନେକ କଷ୍ଟ ଦେଇଥାଏ। ଚିକିତ୍ସା ବିଜ୍ଞାନ ଭିତରେ ବର୍ତ୍ତମାନର ସମୟକୁ ଦେଖିଲେ ଅନେକଙ୍କର ଏହି ସମସ୍ୟା ଜୀବନ ହାନୀର କାରଣ ହୋଇଥାଏ। ପ୍ରତିବର୍ଷ ଅକ୍ଟୋବର ୨୯ରେ ପାଳନ କରାଯାଏ ୱାର୍ଲଡ଼ ଷ୍ଟ୍ରୋକ ଡେ। ମସ୍ତିଷ୍କାଘାତ ବା ହୃଦ୍‌ଘାତ ବାବଦରେ ସଚେତନତା ସୃଷ୍ଟି କରିବା ପାଇଁ ଏହି ଦିବସର ସୃଷ୍ଟି। ୨୦୦୬ରୁ ୱାର୍ଲଡ଼ ଷ୍ଟ୍ରୋକ୍ ଅର୍ଗାନାଇଜେସନ୍ ଆନୁକୂଲ୍ୟରେ ଏହା ପାଳନ କରାଯାଉଛି। କାନାଡ଼ିଆନ୍ ନ୍ୟୁରୋସାଇନ୍‌ଟିଷ୍ଟ ଡ.ଭ୍ଲାଦିମିର ହାସିନ୍‌ସ୍କି, ପ୍ରଥମେ ଏଥିପାଇଁ ପ୍ରସ୍ତାବ ଦେଇଥିଲେ। ଉଲ୍ଲେଖଯୋଗ୍ୟ ଯେ ସଂପ୍ରତି ଷ୍ଟ୍ରୋକ୍ ବିଶ୍ୱରେ ଏକ ସାଧାରଣ ସ୍ୱାସ୍ଥ୍ୟ ସମସ୍ୟା। ପୃଥିବୀ ବିଖ୍ୟାତ ସ୍ୱାସ୍ଥ୍ୟ ପତ୍ରିକା 'ଲାନସେଟ'ର ତଥ୍ୟ ଅନୁଯାୟୀ ବାର୍ଷିକ ପ୍ରାୟ ଦେଢ଼ କୋଟି ମଣିଷ କୌଣସି ନା କୌଣସି ପ୍ରକାରର ଷ୍ଟ୍ରୋକ୍‌କୁ ସାମ୍ନା କରୁଛନ୍ତି। ନିତିଦିନିଆ ଜୀବନରେ ଆମେ ଦେଖିବାକୁ ପାଉଛେ ଅନେକ ଅନଭ୍ୟସ୍ତ ଜୀବନ ଶୈଳୀ ଓ ବେପରୁଆ ଖାଦ୍ୟପେୟ, ବିଶ୍ରାମ ଷ୍ଟ୍ରୋକର ବଡ଼ କାରଣ।

ମନେରଖନ୍ତୁ ପ୍ରତିଦିନ ପ୍ରାତଃ ଭ୍ରମଣ ଅଭ୍ୟାସ ଖୁବ




ଭଲ। ସର୍ବପ୍ରଥମେ ନିଜ ପାଇଁ ଏକ ଭଲ ରୁଟିନ ଜୀବନ ନିଜେ ହିଁ ତିଆରି କରନ୍ତୁ। ସୁଷମ ଖାଦ୍ୟ, ତଟକା ପନିପରିବା ସବୁଠାରୁ ଭଲ। ଆମିଷ ନଖାଇଲେ ଚଳିବ ତେବେ ଖାଉଥିଲେ ଦେଶୀମାଛ ବା ଦେଶୀ ଅଣ୍ଡା ଖାଆନ୍ତୁ। କୌଣସି ପ୍ରକାର ନିଶାଦ୍ରବ୍ୟ ସହ ସମ୍ପର୍କ ରଖନ୍ତୁ ନାହିଁ। ରାତିରେ ନିଶ୍ଚିତ ଭାବରେ ସାତରୁ ଆଠଘଣ୍ଟା ବିଶ୍ରାମ ନିଅନ୍ତୁ। ସକାଳ ଜଳଖିଆ ଖାଇବା ପାଇଁ ଭୁଲନ୍ତୁ ନାହିଁ। ବଜାରର ତଥାକଥିତ ଫାଷ୍ଟଫୁଡ ଠାରୁ ଯଥା ସମ୍ଭବ ନିଜକୁ ଦୂରେଇ ରଖିବା ଭଲ ଅଭ୍ୟାସ। ଯୋଗ, ପ୍ରାଣାୟାମ ଓ ବ୍ୟାୟାମ ଆପଣଙ୍କ ପାଇଁ ଅମୃତ ମହୋଷୌଧି ପରି କାମ କରିଥାଏ ବୋଲି ଭୁଲନ୍ତୁ ନାହିଁ। ରାତ୍ରି ଭୋଜନ ନଅଟା ଭିତରେ ସାରନ୍ତୁ ଏବଂ ବିଶ୍ରାମକୁ ଯିବା ପୂର୍ବରୁ କିଛି ସମୟ ପଦ ଚାଳନା କରନ୍ତୁ।

ଜୀବନ ଅଛି ତ ସମସ୍ୟା ରହିବ ନିଶ୍ଚୟ ତେବେ ଅନାବଶ୍ୟକ ଟେନସନ ରୁହନ୍ତୁ ନାହିଁ କି କାହାକୁ ଟେନସନ ଦିଅନ୍ତୁ ନାହିଁ। ଘଣ୍ଟା ଘଣ୍ଟା ଧରି ସୋସିଆଲ ମିଡ଼ିଆରେ ନିଜକୁ ବ୍ୟସ୍ତ ରଖନ୍ତୁ ନାହିଁ। ନିଜ କାମରେ ନିଜକୁ ବ୍ୟସ୍ତ ରଖନ୍ତୁ। ନିଜ ପାଇଁ ନିଜ ପରିବାର ପାଇଁ କିଛି ସମୟ ରଖନ୍ତୁ। ଷ୍ଟ୍ରୋକ ସେପରି ଏକ ବିରାଟ ବଡ଼ ରୋଗ ନୁହେଁ ଏବଂ ଏହାର ଚିକିତ୍ସା ମଧ୍ୟ ଆପଣଙ୍କ ହାତରେ ରହିଛି। ନିଜେ ହିଁ ଆପଣ ଏହି ରୋଗକୁ ନିମନ୍ତ୍ରଣ କରିବେ ଏବଂ ନିଜେ ଚାହିଁଲେ ଏହାକୁ ବିଦାୟର ରାସ୍ତା ତ ଦେଖାଇପାରିବେ କିନ୍ତୁ ନିମନ୍ତ୍ରଣ ନଦେବା ପାଇଁ ନିଜେ କିଛି ଉପାଦେୟ ସ୍ୱାସ୍ଥ୍ୟ ରୁଟିନ ନିଜ ପାଇଁ ହିଁ ତିଆରି କରନ୍ତୁ।

କନସ୍‌ଲଣ୍ଟାଟ ରେଡ଼ିଓଲୋଜିଷ୍ଟ, ଏମ୍‌ଆରଆଇ କେନ୍ଦ୍ର,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୨୩୪୪୩, E-mail : drprafulldas007@gmail.com



# ଖଡ଼୍‌ଗେଙ୍କ ବାସଭବନରେ ଅକ୍ଟୋବର ୩୦ରେ ହେବ 'ସାର୍ବଜନୀନ ମହାଭିଯୋଗ'



**ନୂଆଦିଲ୍ଲୀ, ୨୮।୧୦(ଏଜେନ୍ସି):** ନଭେମ୍ବର ୧ ତାରିଖରେ ଦିଲ୍ଲୀର ରାମଲୀଳା ମୈଦାନରେ ଏକ ବଡ଼ ରାଲି ଆୟୋଜନ ହେବା ପୂର୍ବରୁ ଇଣ୍ଡିଆ ବ୍ଲକ ମୁଖ୍ୟ ନିର୍ବାଚନ କମିସନର (ସିଇସି) ଜ୍ଞାନେଶ କୁମାରଙ୍କ ବିରୋଧରେ ନିଜର ଅଭିଯାନକୁ ତୀବ୍ର କରିବାକୁ ପ୍ରସ୍ତୁତ ହେଉଛି। ଏହି ରଣନୀତିର ଅଂଶ ସ୍ୱରୂପ ଅକ୍ଟୋବର ୩୦ ତାରିଖରେ ଏକ 'ସାର୍ବଜନୀନ ମହାଭିଯୋଗ' କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପୂର୍ବରୁ ଅଶୋକା ହୋଟେଲ ଏବଂ ରାମଲୀଳା ମୈଦାନରେ କାର୍ଯ୍ୟକ୍ରମ ଯୋଜନା କରାଯାଇଥିଲା। କିନ୍ତୁ କଂଗ୍ରେସ ଅଭିଯୋଗ କରିଛି ଯେ, ସରକାରୀ ଚାପ ଯୋଗୁଁ ଉଭୟ ସ୍ଥାନରେ ଅନୁମତି ମନା କରାଯାଇଛି। ଏହା ପରେ କଂଗ୍ରେସ ଦଳ ସଭାପତି ମଲ୍ଲିକାର୍ଜୁନ ଖଡ଼୍‌ଗେଙ୍କ ବାସଭବନ ୧୦ ରାଜାଜୀ ମାର୍ଗକୁ କାର୍ଯ୍ୟକ୍ରମ ପାଇଁ ସ୍ଥାନ ଭାବରେ ଚୟନ କରିଛି। ଏହି ସ୍ଥାନଟି କଂଗ୍ରେସ ନେତୃତ୍ୱରେ ଅନେକ ଗୁରୁତ୍ୱପୂର୍ଣ୍ଣ ଇଣ୍ଡିଆ ବ୍ଲକ ବୈଠକ ଏବଂ ଗୁରୁତ୍ୱପୂର୍ଣ୍ଣ ରଣନୈତିକ ଆଲୋଚନାର ସ୍ଥାନ ହୋଇଆସିଛି। ଅଖିଳେଶ ଯାଦବ, ତେଜସ୍ୱୀ ଯାଦବ ଏବଂ ଓମାର ଅବଦୁଲ୍ଲାଙ୍କ ସମେତ ଅନେକ ପ୍ରମୁଖ ବିରୋଧୀ ନେତା ସେଠାରେ ବୈଠକରେ ଯୋଗ ଦେଇଛନ୍ତି।ଅକ୍ଟୋବର ୩୦ ତାରିଖ ଦିନ ଅପରାହ୍ନ ସାଢେ ୩ଟା ରୁ ସନ୍ଧ୍ୟା ସାଢେ ୬ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଇଣ୍ଡିଆ ବ୍ଲକର ସାଂସଦଙ୍କ ସହିତ ନାଗରିକ ସମାଜ ଏବଂ ଆଇନ କ୍ଷେତ୍ରର ପ୍ରମୁଖ ବ୍ୟକ୍ତିବିଶେଷ ଯୋଗଦେବେ। କିଛି ପୂର୍ବତନ ବିଚାରପତି ମଧ୍ୟ ଯୋଗଦେବାର ଆଶା କରାଯାଉଛି। ବିରୋଧୀ ସାଂସଦମାନଙ୍କୁ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହିବାକୁ ହ୍ୱାଟସଆପ୍ ମାଧ୍ୟମରେ ବାର୍ତ୍ତା ପଠାଯାଇଛି।କାର୍ଯ୍ୟକ୍ରମରେ ସିଇସିଙ୍କ ବିରୋଧରେ ଏକ ପ୍ରସ୍ତାବ ଉପସ୍ଥାପନ କରାଯିବ, ଯାହା ପୂର୍ବରୁ ପ୍ରସ୍ତୁତ ହୋଇସାରିଛି। ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ପ୍ରକ୍ରିୟା ଏବଂ ଏହି ପ୍ରକ୍ରିୟା ସମୟରେ ବହୁ ସଂଖ୍ୟକ ଭୋଟରଙ୍କ ନାମ ବାଦ୍ ଦେବାର ପ୍ରଭାବ ଉପରେ ଆଲୋକପାତ କରାଯିବ।ଏହି ପ୍ରସ୍ତାବରେ ଜ୍ଞାନେଶ କୁମାରଙ୍କ ଉପରେ ମନମୁଖୀ ନିଷ୍ପତ୍ତି ନେବା ଏବଂ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ଅନ୍ୟ ଦୁଇ ନିର୍ବାଚନ କମିସନରଙ୍କୁ ସାମିଲ ନକରିବା ଅଭିଯୋଗ କରାଯିବ। ବିରୋଧୀ ଦଳ ଯୁକ୍ତି ବାଢ଼ିଛନ୍ତି, ଏଭଳି ପରିସ୍ଥିତିରେ ମୁଖ୍ୟ ନିର୍ବାଚନ କମିସନର ନିଜ ପଦବୀରେ ରହିବା ଠିକ୍ ନୁହେଁ।ଜଣେ ବରିଷ୍ଠ କଂଗ୍ରେସ ନେତା କହିଛନ୍ତି ଯେ ଏହି କାର୍ଯ୍ୟକ୍ରମ ଏକ ମକ୍ ପାର୍ଲାମେଣ୍ଟ ନୁହେଁ, ବରଂ ଏକ 'ସାର୍ବଜନୀନ ମହାଭିଯୋଗ'। ପ୍ରମୁଖ ନାଗରିକ ସମାଜ ବ୍ୟକ୍ତିବିଶେଷ ଏବଂ କିଛି ପୂର୍ବତନ ବିଚାରପତିଙ୍କୁ ମଧ୍ୟ ଏହି କାର୍ଯ୍ୟକ୍ରମରେ ସାମିଲ କରାଯିବ, ଯାହା ଦ୍ୱାରା ନିର୍ବାଚନ କମିଶନ ଏବଂ ଏସଆଇଆର ସହ ଜଡ଼ିତ ପ୍ରସଙ୍ଗ ଉପରେ ବିରୋଧୀଙ୍କ ମତକୁ ବ୍ୟାପକ ଭାବରେ ଉପସ୍ଥାପନ କରାଯାଇପାରିବ।

# ରିଲାଏନ୍ସ ହେଲା ଦେଶର ଏକ ନମ୍ବର ବ୍ୟବସାୟିକ ସମୂହ

**ନୂଆଦିଲ୍ଲୀ, ୨୮।୧୦(ଏଜେନ୍ସି):** ସେୟାର ବଜାରରେ ଜିଓ ପ୍ଲାଟଫର୍ମସ୍‌ର ପ୍ରବେଶ ପରେ ଦେଶର ସବୁଠୁ ମୂଲ୍ୟବାନ ବ୍ୟବସାୟିକ ସମୂହଗୁଡ଼ିକର ତାଲିକା ବଦଳିଯାଇଛି। ଜିଓର ତାଲିକାଭୁକ୍ତ ହେବା ପରେ ରିଲାଏନ୍ସ ସମୂହ ଟାଟା ସମୂହକୁ ପଛରେ ପକାଇ ଦେଶର ସବୁଠୁ ମୂଲ୍ୟବାନ ବ୍ୟବସାୟିକ ସମୂହ ହୋଇଛି। ବୁଧବାର ଜିଓର ସେୟାର ପ୍ରତିଟି ୧,୩୫୮ ଟଙ୍କା ମୂଲ୍ୟରେ ତାଲିକାଭୁକ୍ତ ହୋଇଥିଲା। ଏହା ପରେ ରିଲାଏନ୍ସ ସମୂହର ତାଲିକାଭୁକ୍ତ କମ୍ପାନିଗୁଡ଼ିକର ମୋଟ ବଜାର ପୁଞ୍ଜି ୨୮.୯ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଏହି ତାଲିକାରେ ୨୫.୬ ଲକ୍ଷ କୋଟି ଟଙ୍କାର ବଜାର ପୁଞ୍ଜି ସହ ଟାଟା ସମୂହ ଦ୍ୱିତୀୟ ଏବଂ ୧୬.୬ ଲକ୍ଷ କୋଟି ଟଙ୍କା ସହ ଆଦାନୀ ସମୂହ ତୃତୀୟ ସ୍ଥାନରେ ରହିଛି।ଜିଓର ସେୟାର ଇସ୍ୟୁ ମୂଲ୍ୟ ୧,୧୧୯ ଟଙ୍କା ଥିବାବେଳେ ଏହା ୧,୩୫୮ ଟଙ୍କାରେ ତାଲିକାଭୁକ୍ତ ହୋଇଛି। ଅର୍ଥାତ୍ ଇସ୍ୟୁ ମୂଲ୍ୟଠାରୁ ୨୧.୪ ପ୍ରତିଶତ ଅଧିକ ମୂଲ୍ୟରେ ଏହାର କାରବାର ଆରମ୍ଭ ହୋଇଛି। ଏହି ମୂଲ୍ୟ ଅନୁସାରେ ଜିଓର ବଜାର ପୁଞ୍ଜି ୧୨.୫ ଲକ୍ଷ କୋଟି ଟଙ୍କା ହୋଇଛି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଓ ଜିଓ ପ୍ଲାଟଫର୍ମସ୍‌ର ମିଳିତ ବଜାର ପୁଞ୍ଜି ପ୍ରାୟ ୨୮.୭ ଲକ୍ଷ କୋଟି ଟଙ୍କା ରହିଛି। ଅନ୍ୟପକ୍ଷରେ, ଜିଓର ମୋଟ ସେୟାରଧାରୀଙ୍କ ସଂଖ୍ୟା ୭୯.୮ ଲକ୍ଷ ରହିଛି, ଯାହା ଦେଶରେ ସର୍ବାଧିକ ବୋଲି କୁହାଯାଇଛି।ମୁମ୍ବାଇସ୍ଥିତ ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ରେ ଜିଓର ତାଲିକାଭୁକ୍ତ ହେବା ଅବସରରେ ଘଣ୍ଟି ବଜାଇବାର ପାରମ୍ପରିକ ସମାରୋହ ଆୟୋଜନ କରାଯାଇଥିଲା। ଏଥିରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ଅଧ୍ୟକ୍ଷ ମୁକେଶ ଅମ୍ବାନୀ, ନୀତା ଅମ୍ବାନୀ, ଆକାଶ ଅମ୍ବାନୀ, ଈଶା ଅମ୍ବାନୀ ଓ ଅନନ୍ତ ଅମ୍ବାନୀ ଯୋଗ ଦେଇଥିଲେ। ତାଲିକାଭୁକ୍ତ ହେବା ପୂର୍ବରୁ ଆକାଶ, ଈଶା ଓ ଅନନ୍ତ ଅମ୍ବାନୀ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇଥିଲେ।ଜିଓ ପ୍ଲାଟଫର୍ମସ୍‌ର ପରିଚାଳନା ନିର୍ଦ୍ଦେଶକ ଆକାଶ ଅମ୍ବାନୀ କହିଥିଲେ, ଆଜିର ତାଲିକାଭୁକ୍ତ ହେବା ଆମର ଲକ୍ଷ୍ୟର ଶେଷ ନୁହେଁ, ବରଂ ଏକ ନୂଆ ଆରମ୍ଭ। ଆମେ ଖୋଲାଖୋଲି ଆଲୋଚନା କରିବୁ, ନିଜ ପ୍ରତିଶ୍ରୁତି ପାଳନ କରିବୁ ଏବଂ କାମ ମାଧ୍ୟମରେ ଆପଣଙ୍କ ବିଶ୍ୱାସ ଜିତିବୁ।ଏହି ତାଲିକାଭୁକ୍ତ ହେବା ପରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଓ ଜିଓ ପ୍ଲାଟଫର୍ମସ୍ ଦେଶର ସବୁଠୁ ମୂଲ୍ୟବାନ ତାଲିକାଭୁକ୍ତ କମ୍ପାନି ଭାବେ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଏହି ଦୁଇ କମ୍ପାନିର ମିଳିତ ବଜାର ପୁଞ୍ଜି ଟାଟା ସମୂହର ସମସ୍ତ ତାଲିକାଭୁକ୍ତ କମ୍ପାନିର ମୋଟ ବଜାର ପୁଞ୍ଜିଠାରୁ ୩.୧ ଲକ୍ଷ କୋଟି ଟଙ୍କା ଅଧିକ। ତେଣୁ ଜିଓର ଏହି ପ୍ରବେଶ ଦେଶର ବଡ଼ ବ୍ୟବସାୟିକ ସମୂହଗୁଡ଼ିକର ସ୍ଥାନକୁ ବଦଳାଇ ଦେଇଛି। ଏଠାରେ ବ୍ୟବସାୟିକ ସମୂହଗୁଡ଼ିକର ତୁଳନା ସେମାନଙ୍କର ତାଲିକାଭୁକ୍ତ କମ୍ପାନିଗୁଡ଼ିକର ମୋଟ ବଜାର ପୁଞ୍ଜି ଆଧାରରେ କରାଯାଇଛି। ରିଲାଏନ୍ସ ସମୂହର ବଜାର ପୁଞ୍ଜି ହିସାବ କରିବାବେଳେ ଜିଓ ଫାଇନାନ୍ସିଆଲ୍ ସର୍ଭିସେସ୍‌କୁ ସାମିଲ କରାଯାଇନାହିଁ।




# ଡିଏମକେ ନେତା ଶେଖର ବାବୁଙ୍କ ଅଡୁଆ ବଢ଼ିଲା

**ନୂଆଦିଲ୍ଲୀ, ୨୮।୧୦(ଏଜେନ୍ସି):** ତାମିଲନାଡୁର ପୂର୍ବତନ ସ୍କୁଲ ଶିକ୍ଷା ମନ୍ତ୍ରୀ ଅନବିଲ୍ ମହେଶ ପୋୟାମୋଝିଙ୍କ ଗିରଫଦାରୀକୁ ନେଇ ସୃଷ୍ଟି ହୋଇଥିବା ଉତ୍ତେଜନା ମଧ୍ୟରେ ଡିଏମକେର ବରିଷ୍ଠ ନେତା ପି. କେ. ଶେଖର ବାବୁଙ୍କ ସମେତ ୧୨ ଜଣଙ୍କ ବିରୋଧରେ ପୁଲିସ ମାମଲା ରୁଜୁ କରିଛି। କର୍ତ୍ତବ୍ୟରତ ପୁଲିସ କର୍ମଚାରୀଙ୍କୁ ଗାଳିଗୁଲଜ କରିବା ଏବଂ ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି କରିବା ଅଭିଯୋଗରେ ଚେନ୍ନାଇର ଭେପେରୀ ପୁଲିସ ଷ୍ଟେସନରେ ଏହି ଏଫଆଇଆର୍ ଦାୟର କରାଯାଇଛି।ସୂଚନା ଅନୁଯାୟୀ, ଗତ ଅକ୍ଟୋବର ୨୬ ତାରିଖରେ ଘରୋଇ ସ୍କୁଲଗୁଡ଼ିକୁ ସ୍ୱୀକୃତି ଓ ମଞ୍ଜୁରୀ ଦେବା ନାଁରେ ପ୍ରାୟ ୧୦୦ କୋଟି ଟଙ୍କାର ଲାଞ୍ଚ କାରବାର ସ୍କାମରେ ମଦ୍ରାସ ହାଇକୋର୍ଟ ପୋୟାମୋଝିଙ୍କ ଅଗ୍ରିମ ଜାମିନ ଆବେଦନ ଖାରଜ କରିଦେଇଥିଲେ। ଏହାପରେ କେନ୍ଦ୍ରୀୟ ଅପରାଧ ଶାଖା (ସିସିବି) ତାଙ୍କୁ ଗିରଫ କରି ଚେନ୍ନାଇ ପୁଲିସ କମିଶନରଙ୍କ କାର୍ଯ୍ୟାଳୟକୁ ପଚରାଉଚରା ପାଇଁ ଆଣିଥିଲା।ଏହି ସମୟରେ ଡିଏମକେ ସମର୍ଥକ ଓ ନେତାମାନେ ବିପୁଳ ସଂଖ୍ୟାରେ ଏକାଠି ହୋଇ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଆଇନଜୀବୀଙ୍କୁ ସାଙ୍ଗରେ ଯିବାକୁ ଦିଆଯାଉନଥିବା ଅଭିଯୋଗ କରି ହଙ୍ଗାମା କରିଥିଲେ। ଏହି ଘଟଣାପ୍ରବାହ ମଧ୍ୟରେ ପୁଲିସ ସହ ଡିଏମକେ ନେତାମାନଙ୍କର ତୀବ୍ର ପାଟିତୁଣ୍ଡ ଓ ଠେଲାପେଲା ହୋଇଥିଲା। ଘଟଣା ପରେ ଅଦାଲତ ପୋୟାମୋଝିଙ୍କୁ ନଭେମ୍ବର ୬ ତାରିଖ ପର୍ଯ୍ୟନ୍ତ ବିଚାରବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି। ଅନ୍ୟପକ୍ଷରେ, ଶାନ୍ତିଶୃଙ୍ଖଳା ଭଙ୍ଗ ଓ ସରକାରୀ କାର୍ଯ୍ୟରେ ବାଧା ଦେବା ଅଭିଯୋଗରେ ଶେଖର ବାବୁ ଓ ତାଙ୍କ ସହଯୋଗୀଙ୍କ ବିରୋଧରେ କଡ଼ା ଆଇନଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି।

## ସାଇବର ଠକଙ୍କୁ ନେଇ ସୁପ୍ରିମକୋର୍ଟଙ୍କ କଡ଼ା ମନ୍ତବ୍ୟ

# ଡିଜିଟାଲ୍ ଡକାୟତି କରୁଥିବା ଅପରାଧୀଙ୍କୁ ଛଡ଼ାଯିବନି

**ନୂଆଦିଲ୍ଲୀ, ୨୮।୧୦(ଏଜେନ୍ସି):** ବରିଷ୍ଠ ନାଗରିକଙ୍କୁ ଟାର୍ଗେଟ୍ କରି ଡିଜିଟାଲ୍ ଆରେଷ୍ଟ ନାଁରେ କୋଟି କୋଟି ଟଙ୍କା ଠକୁଥିବା ସାଇବର ଅପରାଧୀଙ୍କ ଉପରେ ବର୍ଷିଛନ୍ତି ସୁପ୍ରିମକୋର୍ଟ। ଏଭଳି ଠକେଇକୁ 'ଡିଜିଟାଲ୍ ଡକାୟତି' ବୋଲି କହିବା ସହ ଅପରାଧୀଙ୍କ ବିରୋଧରେ କଠୋର ଆଭିମୁଖ୍ୟ ଗ୍ରହଣ କରିବାକୁ କୋର୍ଟ ମତ ଦେଇଛନ୍ତି। ଅବସରପ୍ରାପ୍ତ ବ୍ୟକ୍ତି ଓ ବୟସ୍କ ଲୋକଙ୍କୁ ଭୟଭୀତ କରି ଠକୁଥିବା ସଂଗଠିତ ସାଇବର ଅପରାଧୀଙ୍କ ମାମଲାର ଶୁଣାଣି ବେଳେ ଏହି ମନ୍ତବ୍ୟ ଆସିଛି। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ ସାରା ଦେଶରେ ପଞ୍ଜିକୃତ ସାଇବର ଅପରାଧ ମାମଲାଗୁଡ଼ିକୁ ଏକାଠି କରିବା ସମ୍ପର୍କିତ ଏକ ଆବେଦନର ଶୁଣାଣି କରୁଥିଲେ। ଏହି ସମୟରେ ଜଷ୍ଟିସ୍ ଜୟମାଲ୍ୟ ବାଗଚୀ ମାମଲାଗୁଡ଼ିକୁ ଏକାଠି କରିବା ପ୍ରସଙ୍ଗରେ ପ୍ରଶ୍ନ ଉଠାଇଥିଲେ। ଜଷ୍ଟିସ୍ ବାଗଚୀ କହିଥିଲେ ଯେ, ଜଣେ ଅଭିଯୁକ୍ତଙ୍କ ସୁବିଧା ପାଇଁ ଦେଶର ବିଭିନ୍ନ ସ୍ଥାନରେ ଠକେଇର ଶିକାର ହୋଇଥିବା ପୀଡ଼ିତମାନଙ୍କୁ କାହିଁକି ଦିଲ୍ଲୀ ଯିବାକୁ ପଡ଼ିବ ଯେଉଁ ସ୍ଥାନରେ ଅପରାଧ ଘଟିଛି, ସେହି ସ୍ଥାନର ଅଦାଲତରେ ମାମଲାର ବିଚାର ହେବା ଉଚିତ ବୋଲି ସେ ସ୍ପଷ୍ଟ କରିଥିଲେ। ଏଥିସହ ବ୍ୟାଙ୍କକ୍ କିମ୍ବା ସିଙ୍ଗାପୁରର କୌଣସି ବ୍ୟାଙ୍କ ଆକାଉଣ୍ଟରେ ଠକେଇ ଟଙ୍କା ଜମା ହେଲେ ମଧ୍ୟ ଏହାଦ୍ୱାରା ଅପରାଧର କ୍ଷେତ୍ରାଧିକାର ସେହି ଦେଶକୁ ସ୍ଥାନାନ୍ତର ହୋଇଯାଏ ନାହିଁ ବୋଲି କୋର୍ଟ ମତ ଦେଇଥିଲେ। ଖଣ୍ଡପୀଠ ଏହା ମଧ୍ୟ ଦର୍ଶାଇଥିଲେ ଯେ, ମାମଲାଗୁଡ଼ିକୁ ଏକାଠି କରିବା ପାଇଁ ଅଭିଯୁକ୍ତଙ୍କ ଦାବି ବିଚାର କରିବା ସମୟରେ ପୀଡ଼ିତଙ୍କ ଅସୁବିଧା ଓ ତଦନ୍ତର ଆବଶ୍ୟକତାକୁ ଅଣଦେଖା କରାଯାଇପାରିବ ନାହିଁ। ଡିଜିଟାଲ୍ ଆରେଷ୍ଟ ଠକେଇରେ ଅପରାଧୀମାନେ ପୁଲିସ କିମ୍ବା ଅନ୍ୟ ତଦନ୍ତକାରୀ ସଂସ୍ଥାର ଅଧିକାରୀ ବୋଲି ପରିଚୟ ଦେଇ ଲୋକଙ୍କୁ ଭୟଭୀତ କରନ୍ତି ଏବଂ ଟଙ୍କା ଆଦାୟ କରନ୍ତି। ବିଶେଷକରି ବୟସ୍କ ଲୋକଙ୍କୁ ଟାର୍ଗେଟ୍ କରାଯାଉଥିବାରୁ ଏଭଳି ଅପରାଧ ଉପରେ କଠୋର ନଜର ରଖିବା ଜରୁରୀ। ସୁପ୍ରିମକୋର୍ଟଙ୍କ ଏହି ମନ୍ତବ୍ୟ ସାଇବର ଠକେଇ ମାମଲାରେ ପୀଡ଼ିତଙ୍କ ସ୍ୱାର୍ଥ ଓ ନ୍ୟାୟ ପ୍ରକ୍ରିୟାକୁ ଗୁରୁତ୍ୱ ଦେଇଛି।



# କେନ୍ଦ୍ରକୁ ଘେରିଲେ ଅଭିଜିତ ଦୀପ୍‌କେ

**ନୂଆଦିଲ୍ଲୀ, ୨୮।୧୦(ଏଜେନ୍ସି):** ସାମାଜିକ ଗଣମାଧ୍ୟମ ଇନ୍‌ଷ୍ଟାଗ୍ରାମ୍‌ରେ ସରକାରଙ୍କୁ ସମାଲୋଚନା କରୁଥିବା ପୋଷ୍ଟ ଓ ଆକାଉଣ୍ଟ ହଟାଯାଉଥିବା ଅଭିଯୋଗକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି। କକ୍ରୋଚ ଜନତା ପାର୍ଟି (ସିଜେପି)ର ପ୍ରତିଷ୍ଠାତା ଅଭିଜିତ ଦୀପ୍‌କେ ଏହି ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି। ସରକାରଙ୍କୁ ପ୍ରଶ୍ନ କରୁଥିବା ଲୋକଙ୍କ ମତକୁ ରୋକିଦେଲେ ସେମାନଙ୍କ ସମସ୍ୟାର ସମାଧାନ ହେବନାହିଁ ବୋଲି ସେ କହିଛନ୍ତି।ବୁଧବାର ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଏକ ପୋଷ୍ଟ କରି ଦୀପ୍‌କେ ଅଭିଯୋଗ କରିଛନ୍ତି ଯେ, ପ୍ରତିଦିନ ହଜାର ହଜାର ପୋଷ୍ଟ ଓ ଆକାଉଣ୍ଟ ହଟାଯାଉଛି। ଲୋକେ ଇନ୍‌ଷ୍ଟାଗ୍ରାମ୍ ଭଳି ମାଧ୍ୟମରେ ନିଜର ପ୍ରଶ୍ନ ଉଠାଉଛନ୍ତି। କିନ୍ତୁ ସେହି ପ୍ରଶ୍ନ ପଛରେ ଥିବା ପ୍ରକୃତ ସମସ୍ୟାଗୁଡ଼ିକ କେବଳ ପୋଷ୍ଟ ହଟାଇଦେଲେ ଦୂର ହୋଇଯିବ ନାହିଁ। ଏଭଳି ପଦକ୍ଷେପ ସରକାରଙ୍କ ଉପରେ ଲୋକଙ୍କ ଅବିଶ୍ୱାସକୁ ଅଧିକ ବୃଦ୍ଧି କରିବ ବୋଲି ସେ ଚେତାଇଛନ୍ତି।ସିଜେପିର ଅନ୍ୟ ଜଣେ ସଦସ୍ୟ ଆଶୁତୋଷ ରାଙ୍କା ମଧ୍ୟ ଦେଶରେ ହଜାର ହଜାର ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟ ଉପରେ କଟକଣା ଲାଗିଥିବା ଓ ଲକ୍ଷ ଲକ୍ଷ ଭିଡିଓ ହଟାଯାଇଥିବା ଦାବି କରିଛନ୍ତି। ବ୍ୟଙ୍ଗକାର ଓ ଗୀତିକାର ବରୁଣ ଗ୍ରୋଭର ମଧ୍ୟ ସରକାରଙ୍କ '୨୦୪୭ର ବିକଶିତ ଭାରତ ଲକ୍ଷ୍ୟ'କୁ ନେଇ ରଚିଥିବା ବ୍ୟଙ୍ଗ କବିତାର ଗୀତ ରୂପ ଇନ୍‌ଷ୍ଟାଗ୍ରାମ୍‌ରୁ ହଟାଯାଇଥିବା ଅଭିଯୋଗ କରିଛନ୍ତି। ଆଇନଗତ ଅନୁରୋଧ ଆଧାରରେ ଏହି ପଦକ୍ଷେପ ନିଆଯାଇଥିବା ସୂଚନା ମିଳିଛି। ତେବେ ଏହି ଅଭିଯୋଗଗୁଡ଼ିକ ଉପରେ କେନ୍ଦ୍ର ସରକାରଙ୍କ ପକ୍ଷରୁ କୌଣସି ସ୍ପଷ୍ଟୀକରଣ ଦିଆଯାଇ ନାହିଁ। ଆଇନଗତ ଖବର ରିପୋର୍ଟିଂ ୱେବସାଇଟ୍ 'ଲାଇଭଲ' ମଧ୍ୟ କହିଛି ଯେ, ସୁପ୍ରିମକୋର୍ଟରେ ଇସିଆଇ ଶପଥପତ୍ର ଉପରେ ଏହାର ପୋଷ୍ଟକୁ ଇନଷ୍ଟାଗ୍ରାମ ଦ୍ୱାରା ହଟାଇ ଦିଆଯାଇଛି।

# ପୁଟିନ୍-ଜେଲେନସ୍କିଙ୍କ ମୁହାଁମୁହିଁ ବୈଠକ କରାଇବେ ଟ୍ରମ୍ପ

**ନୂଆଦିଲ୍ଲୀ, ୨୮।୧୦(ଏଜେନ୍ସି):** ରୁଷ-ୟୁକ୍ରେନ ଯୁଦ୍ଧର ଅନ୍ତ ଘଟାଇବା ପାଇଁ ପୁଣି ଥରେ ଜୋରଦାର ହୋଇଛି କୂଟନୈତିକ ପ୍ରୟାସ। ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ଓ ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କିଙ୍କ ମଧ୍ୟରେ ଖୁବ୍‌ଶୀଘ୍ର ପ୍ରତ୍ୟକ୍ଷ ଆଲୋଚନା ହୋଇପାରେ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସଙ୍କେତ ଦେଇଛନ୍ତି। ଏହି ସମ୍ଭାବ୍ୟ ବୈଠକ ଯୁଦ୍ଧବିରାମ ଦିଗରେ ବଡ଼ ପଦକ୍ଷେପ ହୋଇପାରେ ବୋଲି ଆଶା କରାଯାଉଛି। ଆମେରିକୀୟ ଗଣମାଧ୍ୟମକୁ ସମ୍ବୋଧିତ କରି ଟ୍ରମ୍ପ କହିଛନ୍ତି ଯେ, ଉଭୟ ନେତାଙ୍କ ମଧ୍ୟରେ ଅତିଶୀଘ୍ର ବୈଠକ ହେବାର ସମ୍ଭାବନା ରହିଛି। ଏହା ଶାନ୍ତି ପ୍ରକ୍ରିୟାକୁ ନୂଆ ଦିଗ ଦେଇପାରେ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ଏହା ପୂର୍ବରୁ ୟୁକ୍ରେନ ରାଷ୍ଟ୍ରପତି ଜେଲେନସ୍କି ନଭେମ୍ବରରେ ଶାନ୍ତି ଆଲୋଚନା ପୁନର୍ବାର ଆରମ୍ଭ ହେବା ନେଇ ସଙ୍କେତ ଦେଇଥିଲେ। କିଭ୍, ୱାଶିଂଟନ୍ ଓ ମସ୍କୋ ମଧ୍ୟରେ ତ୍ରିପାକ୍ଷିକ ବୈଠକ ଆୟୋଜନ ନେଇ ଆଲୋଚନା ଚାଲିଥିବା କୁହାଯାଉଛି। ଏହି ବୈଠକ ସଂଯୁକ୍ତ ଆରବ ଏମିରେଟ୍ସରେ ହୋଇପାରେ ବୋଲି କ୍ରେମଲିନ ପକ୍ଷରୁ ମଧ୍ୟ ପୂର୍ବରୁ ସଙ୍କେତ ମିଳିଥିବା ଖବରରେ ଉଲ୍ଲେଖ ରହିଛି।୨୦୨୨ ଫେବୃଆରୀରେ ରୁଷ ୟୁକ୍ରେନ ଉପରେ ବ୍ୟାପକ ଆକ୍ରମଣ ଆରମ୍ଭ କରିବା ପରଠାରୁ ଉଭୟ ଦେଶ ମଧ୍ୟରେ ସଂଘର୍ଷ ଜାରି ରହିଛି। ଯୁଦ୍ଧର ଅନ୍ତ ଘଟାଇବା ପାଇଁ ବିଭିନ୍ନ ସ୍ତରରେ ଆଲୋଚନା ହୋଇଥିଲେ ମଧ୍ୟ ଏଯାଏଁ ସ୍ଥାୟୀ ସମାଧାନ ବାହାରିପାରିନାହିଁ। ଟ୍ରମ୍ପ କ୍ଷମତାକୁ ଫେରିବା ପରେ ଯୁଦ୍ଧ ବନ୍ଦ କରିବାକୁ ଉଦ୍ୟମ କରିଆସୁଛନ୍ତି। ଏବେ ପୁଟିନ୍ ଓ ଜେଲେନସ୍କିଙ୍କ ମଧ୍ୟରେ ସିଧାସଳଖ ଆଲୋଚନା ନେଇ ମିଳିଥିବା ସଙ୍କେତ ଆଶା ସୃଷ୍ଟି କରିଛି। ତେବେ ବୈଠକର ତାରିଖ, ସ୍ଥାନ ଓ ଯୁଦ୍ଧବିରାମ ସମ୍ପର୍କିତ ସର୍ତ୍ତାବଳୀ ନେଇ ଆନୁଷ୍ଠାନିକ ଘୋଷଣା ହେବା ପରେ ହିଁ ପ୍ରକୃତ ସ୍ଥିତି ସ୍ପଷ୍ଟ ହେବ।

# ମଧ୍ୟପ୍ରଦେଶରୁ ରାଜ୍ୟସଭା ଯିବେ ହରଦୀପ ସିଂହ ପୁରୀ

**ନୂଆଦିଲ୍ଲୀ, ୨୮।୧୦(ଏଜେନ୍ସି):** ମଧ୍ୟପ୍ରଦେଶରେ ଆଗାମୀ ରାଜ୍ୟସଭା ଉପ-ନିର୍ବାଚନ ପାଇଁ ଭାରତୀୟ ଜନତା ପାର୍ଟି (ବିଜେପି) କେନ୍ଦ୍ରମନ୍ତ୍ରୀ ହରଦୀପ ସିଂହ ପୁରୀଙ୍କୁ ପ୍ରାର୍ଥୀ ଭାବେ ଘୋଷଣା କରିଛି। ଏହାସହ ଗତ କିଛି ଦିନ ହେବ କେନ୍ଦ୍ର ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀଙ୍କ ଆଗାମୀ ରାଜ୍ୟସଭା କାର୍ଯ୍ୟକାଳକୁ ନେଇ ଚାଲିଥିବା କଳ୍ପନାଜଳ୍ପନାର ଅନ୍ତ ଘଟିଛି। ବିଜେପିର କେନ୍ଦ୍ରୀୟ ନିର୍ବାଚନ କମିଟି ୭୪ ବର୍ଷୀୟ ପୁରୀଙ୍କ ନାମକୁ ଆନୁଷ୍ଠାନିକ ଅନୁମୋଦନ ଦେଇଥିବା ଦଳ ପକ୍ଷରୁ ଏକ ବିଜ୍ଞପ୍ତି ଜରିଆରେ କୁହାଯାଇଛି।ପୂର୍ବତନ କେନ୍ଦ୍ରମନ୍ତ୍ରୀ ଏଲ୍. ମୁରୁଗାନଙ୍କ ଇସ୍ତଫା ପରେ ମଧ୍ୟପ୍ରଦେଶରୁ ଖାଲି ପଡ଼ିଥିବା ଏକମାତ୍ର ରାଜ୍ୟସଭା ଆସନ ପାଇଁ ଏହି ଉପ-ନିର୍ବାଚନ ଅନୁଷ୍ଠିତ ହେଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମନ୍ତ୍ରୀମଣ୍ଡଳରେ ଏକମାତ୍ର ସିଖ୍ ଚେହେରା ଭାବେ ପ୍ରତିନିଧିତ୍ୱ କରୁଥିବା ପୁରୀ ଏହାପୂର୍ବରୁ ଉତ୍ତରପ୍ରଦେଶରୁ ରାଜ୍ୟସଭାକୁ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହୋଇଥିଲେ, ଯାହାର କାର୍ଯ୍ୟକାଳ ଆସନ୍ତା ନଭେମ୍ବରରେ ଶେଷ ହେଉଛି। ଉତ୍ତରପ୍ରଦେଶରୁ ବିଜେପି ପ୍ରକାଶ କରିଥିବା ୮ ଜଣିଆ ପ୍ରାର୍ଥୀ ତାଲିକାରେ ପୁରୀଙ୍କ ନାଁ ନଥିବାରୁ ତାଙ୍କ ରାଜନୈତିକ ଭବିଷ୍ୟତକୁ ନେଇ ଚର୍ଚ୍ଚା ଜୋର୍ ଧରିଥିଲା।ମଧ୍ୟପ୍ରଦେଶ ରାଜ୍ୟସଭା ଆସନ ପାଇଁ ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ନଭେମ୍ବର ୨ ଧାର୍ଯ୍ୟ କରାଯାଇଛି। ନଭେମ୍ବର ୩ ରେ ନାମାଙ୍କନ ଯାଞ୍ଚ ଏବଂ ନଭେମ୍ବର ୫ ତାରିଖ ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ଦିନ ରହିଛି। ଆସନ୍ତା ନଭେମ୍ବର ୧୨ ତାରିଖ ପୂର୍ବାହ୍ନ ୯ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମତଦାନ ଗ୍ରହଣ କରାଯିବ ଏବଂ ସେହିଦିନ ସନ୍ଧ୍ୟା ୫ଟାରେ ଭୋଟ୍ ଗଣତି ହୋଇ ଫଳାଫଳ ପ୍ରକାଶ ପାଇବ।

# ଟାଟା ଗ୍ରୁପ୍‌କୁ ଜାଣିଶୁଣି ନଷ୍ଟ କରାଯାଉଛି

**ନୂଆଦିଲ୍ଲୀ, ୨୮।୧୦(ଏଜେନ୍ସି):** ଦେଶର ପ୍ରମୁଖ ଶିଳ୍ପ ସଂସ୍ଥା ଟାଟା ଗ୍ରୁପ୍‌କୁ ଜାଣିଶୁଣି ନଷ୍ଟ କରାଯାଉଛି। ଏହାକୁ ନେଇ ଦେଶର କୌଣସି ବଡ଼ ଶିଳ୍ପପତି ମୁହଁ ଖୋଲୁନାହାନ୍ତି। ଏଭଳି ଅଭିଯୋଗ ଆଣିଛନ୍ତି କଂଗ୍ରେସ ନେତା ତଥା ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ। ଦେଶର ବ୍ୟବସାୟ ଜଗତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଗୃହ ମନ୍ତ୍ରୀ ଅମିତ ଶାହଙ୍କ ବ୍ୟକ୍ତିଗତ ସମ୍ପତ୍ତି ନୁହେଁ ବୋଲି ସେ କହିଛନ୍ତି।ବୁଧବାର ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ 'ଏକ୍ସ'ରେ ଏକ ପୋଷ୍ଟ କରି ରାହୁଲ କହିଛନ୍ତି, ଟାଟା ଗ୍ରୁପ୍‌କୁ ନଷ୍ଟ କରାଯାଉଛି ଏବଂ ଏହା ବିରୋଧରେ କୌଣସି ଶିଳ୍ପପତି କିଛି କହିବାକୁ ସାହସ କରୁନାହାନ୍ତି। ଶିଳ୍ପପତିମାନେ କେତେ ଦିନ ଚୁପ୍ ରହିବେ ବୋଲି ସେ ପ୍ରଶ୍ନ କରିଛନ୍ତି। ଏହି ଘଟଣାରେ ନ୍ୟାୟ ନିଶ୍ଚିତ କରିବାକୁ ସେ ଉଦ୍ୟମ କରିବେ ବୋଲି କହିଛନ୍ତି।ଟାଟା ଗ୍ରୁପ୍‌ର ମୂଳ କମ୍ପାନି ଟାଟା ସନ୍ସର ନେତୃତ୍ୱକୁ ନେଇ ଦେଖାଦେଇଥିବା ବିବାଦ ପରେ ରାହୁଲ ଏହି ମନ୍ତବ୍ୟ ଦେଇଛନ୍ତି। ଟାଟା ଟ୍ରଷ୍ଟସର ଅଧ୍ୟକ୍ଷ ନୋଏଲ ଟାଟା, ଟାଟା ସନ୍ସର ଅଧ୍ୟକ୍ଷ ଏନ ଚନ୍ଦ୍ରଶେଖରନଙ୍କୁ ପୁନର୍ବାର ଏହି ପଦରେ ନିଯୁକ୍ତି ଦେବା ନିଷ୍ପତ୍ତିକୁ ନେଇ ଆପତ୍ତି ଉଠାଇଛନ୍ତି। ସେପ୍ଟେମ୍ବର ୧୭ରେ ଟାଟା ସନ୍ସର ବୋର୍ଡ ବୈଠକରେ ଏହି ନିଷ୍ପତ୍ତି ହୋଇଥିଲା। ନୋଏଲ ଟାଟାଙ୍କ ଅଭିଯୋଗ ଅନୁସାରେ, ଚନ୍ଦ୍ରଶେଖରନଙ୍କ ପୁନଃନିଯୁକ୍ତି ପ୍ରସ୍ତାବ ବୈଠକର ଏଜେଣ୍ଡାରେ ସ୍ପଷ୍ଟ ଭାବେ ଉଲ୍ଲେଖ ନଥିଲା। ଏଥିସହ ନିଯୁକ୍ତି ପ୍ରକ୍ରିୟାରେ ଆବଶ୍ୟକ ନିୟମ ପାଳନ କରାଯାଇନଥିବା ଏବଂ ନିଷ୍ପତ୍ତି ସମ୍ପର୍କିତ ଆବଶ୍ୟକ ଦସ୍ତାବିଜ୍ ତାଙ୍କୁ ଦିଆଯାଇନଥିବା ସେ ଦର୍ଶାଇଛନ୍ତି। ଏହି ନିଷ୍ପତ୍ତିର ବୈଧତା ଉପରେ ମଧ୍ୟ ସେ ପ୍ରଶ୍ନ ଉଠାଇଛନ୍ତିନୋଏଲ ଟାଟା ବୈଠକର ଅଡିଓ ଓ ଭିଡିଓ ରେକର୍ଡିଂ, ଚୂଡ଼ାନ୍ତ ବୈଠକ ବିବରଣୀ ଓ ନିଷ୍ପତ୍ତିର ନକଲ ମାଗିଛନ୍ତି। ଏହି ଦସ୍ତାବିଜ୍ ଓ ଅନ୍ୟାନ୍ୟ ତଥ୍ୟ ସାତ ଦିନ ମଧ୍ୟରେ ଦେବାକୁ ସେ ଟାଟା ସନ୍ସକୁ ଅନୁରୋଧ କରିଛନ୍ତି। ଟାଟା ସନ୍ସର ନେତୃତ୍ୱକୁ ନେଇ ଦେଖାଦେଇଥିବା ଏହି ବିବାଦ ଏବେ କର୍ପୋରେଟ୍ ଜଗତ ସହ ରାଜନୈତିକ କ୍ଷେତ୍ରରେ ମଧ୍ୟ ଚର୍ଚ୍ଚାର ବିଷୟ ହୋଇଛି। ତେବେ ରାହୁଲ ଗାନ୍ଧୀଙ୍କ ଅଭିଯୋଗ ଉପରେ କେନ୍ଦ୍ର ସରକାର କିମ୍ବା ଟାଟା ଗ୍ରୁପ୍? ପକ୍ଷରୁ ତତ୍କାଳ କୌଣସି ପ୍ରତିକ୍ରିୟା ମିଳିନାହିଁ।



# ସ୍ପେନରେ ଭୟଙ୍କର ଟ୍ରେନ୍ ଦୁର୍ଘଟଣା: ୩୯ ମୃତ

**ନୂଆଦିଲ୍ଲୀ, ୨୮।୧୦(ଏଜେନ୍ସି):** ସ୍ପେନରେ ଦୁଇଟି ଦ୍ରୁତଗାମୀ ଟ୍ରେନ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ୩୯ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ବହୁ ସଂଖ୍ୟାକ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି। ବୁଧବାର ସକାଳେ ମାଡ୍ରିଡ୍-ଆଣ୍ଡାଲୁସିଆ ରେଳପଥରେ ଏହି ଅଘଟଣ ଘଟିବା ପରେ ଉକ୍ତ ରୁଟରେ ସମସ୍ତ ଟ୍ରେନ୍ ଚଳାଚଳ ବନ୍ଦ ରଖାଯାଇଥିବା ନେଇ ରେଳ ଚାଳନା ସଂସ୍ଥା 'ଆଡିଫ୍' ପକ୍ଷରୁ ସୂଚନା ଦିଆଯାଇଛି।ଟୋଲେଡୋ ପ୍ରଦେଶର ମୋରା ଏବଂ ଓର୍ଗାଜ୍ ସହର ନିକଟରେ ସ୍ଥାନୀୟ ସମୟ ସକାଳ ୯ଟାରେ ଏହି ଦୁର୍ଘଟଣା ଘଟିଥିଲା। ମାଡ୍ରିଡ୍-ସେଭିଲ୍ ରୁଟରେ ଯାଉଥିବା 'ରେନଫେ' ଏବଂ 'ଇରିଓ' କମ୍ପାନୀର ଦୁଇଟି ହାଇ-ସ୍ପିଡ୍ ଟ୍ରେନ୍ ଧକ୍କା ହେବା ଫଳରେ ଇରିଓ ଟ୍ରେନର ଦୁଇଟି ବଗି ଲାଇନଚ୍ୟୁତ ହୋଇଯାଇଥିଲା। ଘଟଣାସ୍ଥଳରେ ତୁରନ୍ତ ଉଦ୍ଧାରକାରୀ ଦଳ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛନ୍ତି। ଆହତ ଯାତ୍ରୀମାନଙ୍କୁ ଆଶ୍ରୟ ଓ ଚିକିତ୍ସା ଯୋଗାଇଦେବା ପାଇଁ ନିକଟସ୍ଥ ଉର୍ଡା ସହରର ଏକ ଇନଡୋର୍ ଷ୍ଟାଡିୟମକୁ ଜରୁରୀକାଳୀନ କେନ୍ଦ୍ର ଭାବେ ବ୍ୟବହାର କରାଯାଉଛି। ଏହି ଦୁର୍ଘଟଣାକୁ ନେଇ ସ୍ପେନ୍ ପ୍ରଧାନମନ୍ତ୍ରୀ ପେଡ୍‌ରୋ ସାଞ୍ଚେଜ୍ ଗଭୀର ଶୋକ ପ୍ରକାଶ କରିଛନ୍ତି। ସେ ମୃତାହତଙ୍କ ପରିବାର ପ୍ରତି ସମବେଦନା ଜଣାଇବା ସହ ନିଜର ସମସ୍ତ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ବାତିଲ କରିଛନ୍ତି। ଏହାସହ ବିରୋଧୀ ପୀପୁଲ୍ସ ପାର୍ଟି ମଧ୍ୟ ସମସ୍ତ ନିର୍ବାଚନୀ କାର୍ଯ୍ୟକ୍ରମ ସ୍ଥଗିତ ରଖିଛି।

# ପାକିସ୍ତାନକୁ ନିମନ୍ତ୍ରଣ ପ୍ରସଙ୍ଗରେ ସରକାରଙ୍କୁ ଘେରିଲେ ପ୍ରିୟଙ୍କା ଚତୁର୍ବେଦୀ

**ନୂଆଦିଲ୍ଲୀ, ୨୮।୧୦(ଏଜେନ୍ସି):** ପାକିସ୍ତାନକୁ ନିମନ୍ତ୍ରଣ କରିବା ପ୍ରସଙ୍ଗକୁ ନେଇ କେନ୍ଦ୍ର ସରକାରଙ୍କୁ ଘେରିଛନ୍ତି ଶିବସେନା ନେତ୍ରୀ ପ୍ରିୟଙ୍କା ଚତୁର୍ବେଦୀ। ଗୋଟିଏ ପଟେ ଆତଙ୍କବାଦ ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଆପଣାଯାଉଥିବା କଥା କହୁଛନ୍ତି ସରକାର, ଅନ୍ୟପଟେ ପାକିସ୍ତାନକୁ ଅନ୍ତର୍ଜାତୀୟ ସମ୍ମିଳନୀ ପାଇଁ ନିମନ୍ତ୍ରଣ କରୁଛନ୍ତି। ଏହା କି ପ୍ରକାର କୂଟନୀତି ବୋଲି ପ୍ରଶ୍ନ ଉଠାଇବା ସହ ସରକାରଙ୍କ ଆଭିମୁଖ୍ୟକୁ ସେ କପଟତା ବୋଲି ଅଭିଯୋଗ କରିଛନ୍ତି।ନଭେମ୍ବର ୨୦ରୁ ୨୨ ତାରିଖ ପର୍ଯ୍ୟନ୍ତ ନୂଆଦିଲ୍ଲୀରେ ସାଂଘାଇ ସହଯୋଗ ସଂଗଠନ ଶିଖର ସମ୍ମିଳନୀ ଆୟୋଜନ ହେବାକୁ ଯାଉଛି। ଏଥିପାଇଁ ପାକିସ୍ତାନକୁ ନିମନ୍ତ୍ରଣ କରାଯିବା ପରେ ଦେଶର ରାଜନୈତିକ ମହଲରେ ଚର୍ଚ୍ଚା ଜୋର୍ ଧରିଛି। ଏସ୍‌ସିଓର ସଦସ୍ୟ ରାଷ୍ଟ୍ର ଭାବେ ପାକିସ୍ତାନକୁ ନିମନ୍ତ୍ରଣ କରିବା ଭାରତର ଦାୟିତ୍ୱ ବୋଲି କିଛି ଅନ୍ତର୍ଜାତୀୟ ବିଶେଷଜ୍ଞ ମତ ଦେଇଛନ୍ତି। ତେବେ ଏହି ନିଷ୍ପତ୍ତିକୁ ନେଇ ବିରୋଧୀ ଦଳ ପ୍ରଶ୍ନ ଉଠାଇଛନ୍ତି। ପ୍ରିୟଙ୍କା ଚତୁର୍ବେଦୀ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆତଙ୍କବାଦ ବିରୋଧରେ କଠୋର ଆଭିମୁଖ୍ୟ ଏବଂ ଆତଙ୍କବାଦ ସହ କୌଣସି ଆଲୋଚନା ନକରିବାର ପ୍ରତିଶ୍ରୁତି ଦେଇଥିଲେ। ତେବେ ଏଭଳି ସ୍ଥିତିରେ ପାକିସ୍ତାନକୁ କାହିଁକି ନିମନ୍ତ୍ରଣ କରାଯାଉଛି ବୋଲି ସେ ପ୍ରଶ୍ନ କରିଛନ୍ତି। ଗୋଟିଏ ପଟେ ପାକିସ୍ତାନକୁ ଜଳ ଯୋଗାଣ ବନ୍ଦ କରିବା ଭଳି କଠୋର ପଦକ୍ଷେପର କଥା କୁହାଯାଉଛି, ଅନ୍ୟପଟେ ତାକୁ ଅନ୍ତର୍ଜାତୀୟ ସମ୍ମିଳନୀକୁ ନିମନ୍ତ୍ରଣ କରାଯାଉଛି। ଏହି ଦୁଇ ଆଭିମୁଖ୍ୟ ମଧ୍ୟରେ ସମନ୍ୱୟ କେଉଁଠି ବୋଲି ସେ ପଚାରିଛନ୍ତି।ଏହା ସହ ୨୦୧୫ରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଅଚାନକ ପାକିସ୍ତାନ ଗସ୍ତ କଥା ମଧ୍ୟ ଉଠାଇଛନ୍ତି ପ୍ରିୟଙ୍କା। ସେତେବେଳେ ତତ୍କାଳୀନ ପାକିସ୍ତାନ ପ୍ରଧାନମନ୍ତ୍ରୀ ନୱାଜ ସରିଫଙ୍କ ପରିବାରର ଏକ ବିବାହ ଉତ୍ସବରେ ଯୋଗଦେବା ପାଇଁ ମୋଦୀ ପାକିସ୍ତାନ ଯାଇଥିଲେ। ଏହାପରେ ଆତଙ୍କବାଦୀ ଘଟଣା ମାଧ୍ୟମରେ ଭାରତକୁ ଜବାବ ମିଳିଥିଲା ବୋଲି ସେ ମତ ଦେଇଛନ୍ତି ପ୍ରିୟଙ୍କା ଆହୁରି କହିଛନ୍ତି ଯେ, ପାକିସ୍ତାନ ସହ ବାରମ୍ବାର ଆଲୋଚନା ପାଇଁ ନିମନ୍ତ୍ରଣ, କ୍ରିକେଟ୍ ଖେଳିବା ଏବଂ ଅନ୍ୟପଟେ ଆତଙ୍କବାଦ ବିରୋଧରେ କଠୋର ପଦକ୍ଷେପ ନେବାର ଦାବି କରିବା ମଧ୍ୟରେ ବିରୋଧାଭାସ ରହିଛି। ଏହା ସରକାରଙ୍କ ଦ୍ୱୈତ ଆଭିମୁଖ୍ୟକୁ ଦର୍ଶାଉଛି ବୋଲି ସେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ, ଏସ୍‌ସିଓ ଏକ ଅନ୍ତର୍ଜାତୀୟ ସଂଗଠନ ହୋଇଥିବାରୁ ଏହାର ସମସ୍ତ ସଦସ୍ୟ ରାଷ୍ଟ୍ରଙ୍କୁ ସମ୍ମିଳନୀରେ ନିମନ୍ତ୍ରଣ କରିବା ସଂଗଠନର କାର୍ଯ୍ୟପ୍ରଣାଳୀର ଅଂଶ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ଏହି ପ୍ରସଙ୍ଗକୁ ନେଇ ଏବେ କେନ୍ଦ୍ର ସରକାର ଓ ବିରୋଧୀଙ୍କ ମଧ୍ୟରେ ରାଜନୈତିକ ବିତର୍କ ଜୋର୍ ଧରିଛି।





# ବିଏସଏ ଗୋଲ୍ଡ ଷ୍ଟାର ୬୫୦ରେ ଦୁଇଟି ନୂତନ ସଂସ୍କରଣ ଉନ୍ମୋଚିତ

ଭୁବନେଶ୍ୱର, ୨୮।୧୦ (ନି.ପ୍ର) : ବିଏସଏ ମୋଟରସାଇକେଲ୍ସ ନୂଆ ବ୍ରୁକଲ୍ୟାଣ୍ଡସ ବ୍ଲାକ୍ ଲିଗାସି ଏଡିସନ ଓ ବର୍ମିଂହମ୍ ବ୍ଲୁ ଏଡିସନର ଉନ୍ମୋଚନ କରି ଭାରତରେ ଏହାର ଗୋଲ୍ଡ ଷ୍ଟାର ୬୫୦ ସିରିଜ୍‌କୁ ବିସ୍ତାର କରିଛି। ଏମସିଏନ୍‌ର ବେଷ୍ଟ ରେଟ୍ରୋ ବାଇକ୍ ଭାବେ ସ୍ୱୀକୃତିପ୍ରାପ୍ତ ତଥା ପୁରସ୍କାର ବିଜେତା ଗୋଲ୍ଡ ଷ୍ଟାରର ସଫଳତା ଦ୍ୱାରା ଅନୁପ୍ରାଣିତ ହୋଇଥିବା ଏହି ନୂତନ ସଂସ୍କରଣଗୁଡିକ ବିଏସଏର ଆଇକନିକ୍ ରେଟ୍ରୋ-ରୋଡଷ୍ଟରକୁ ଏକ ନୂଆ ରୂପ ପ୍ରଦାନ କରିଛନ୍ତି। ବିଏସଏ ଯାତ୍ରାରେ ପ୍ରମୁଖ ସଫଳତାଗୁଡିକୁ ପାଳନ କରିବା ପାଇଁ ନିର୍ମିତ ଏହି ଦୁଇଟି ନୂତନ ସଂସ୍କରଣ ଏକ ମୋଟରସାଇକେଲରେ ଏକ୍ସକ୍ଲୁସିଭ ଫିନିଶ, ପ୍ରିମିୟମ ଡିଟେଲିଂ ଓ ସ୍ୱତନ୍ତ୍ର ଚରିତ୍ର ଆଣିଛନ୍ତି। ବ୍ରୁକଲ୍ୟାଣ୍ଡସ ବ୍ଲାକ୍ ଲିଗାସି ଏଡିସନ ଗୋଲ୍ଡ ଷ୍ଟାରର ଏହାର ଐତିହାସିକ ଖ୍ୟାତି ଅର୍ଜନ କରିବାର ମୁହୂର୍ତ୍ତକୁ ସମ୍ମାନିତ କରୁଥିବା ବେଳେ ବ୍ରିମିଂହମ୍ ବ୍ଲୁ ହେଉଛି ଗୋଲ୍ଡ ଷ୍ଟାରର ଏକ ଆଧୁନିକ ଅଭିବ୍ୟକ୍ତି, ଯାହା ଆଜିର ଚାଳକଙ୍କ ପାଇଁ ଏହାର ଆଇକନିକ୍




ଡିଏନଏକୁ ଏକ ନୂତନ ଦୃଷ୍ଟିକୋଣ ସହ ଉପସ୍ଥାପନ କରିଛି। ବ୍ରୁକଲ୍ୟାଣ୍ଡସ ବ୍ଲାକ୍ ଲିଗାସି ଏଡିସନର ମୂଲ୍ୟ ୩୫୫୯୫୦ ଟଙ୍କା ଓ ବର୍ମିଂହମ୍ ବ୍ଲୁ ଏଡିସନର ମୂଲ୍ୟ ୩୬୪୯୫୦ ଟଙ୍କା ରହିଛି ଏବଂ ଏହା ଭାରତବ୍ୟାପୀ ବିଏସଏ ଡିଲରସିପଗୁଡିକରେ ଉପଲବ୍ଧ ହେବ। ଏହି ଉନ୍ମୋଚନ ସମ୍ପର୍କରେ କ୍ଲାସିକ୍ ଲିଜେଣ୍ଡସ୍‌ର ସହ-ପ୍ରତିଷ୍ଠାତା ଅନୁପମ ଥରେଜା କହିଛନ୍ତି, 'ଗୋଲ୍ଡ ଷ୍ଟାର ସେହି ସମସ୍ତ ଫିଚରକୁ ଧାରଣ କରିଛି ଯାହା ଏକ ଆଧୁନିକ ରେଟ୍ରୋ-ରୋଡଷ୍ଟରରେ ରହିବା ଉଚିତ ବୋଲି ଆମେ ବିଶ୍ୱାସ କରୁଛୁ। ଏହାର ପ୍ରାମାଣିକ ବ୍ରିଟିଶ ଡିଜାଇନ୍ ଠାରୁ ଆରମ୍ଭ କରି ଏହାର ବୃହତ-ସିଙ୍ଗଲ୍ ଇନିର ସ୍ୱତନ୍ତ୍ର ଅନୁଭୂତି ପର୍ଯ୍ୟନ୍ତ, ପ୍ରତ୍ୟେକ ଉପାଦାନ କାରିଗରୀ, ଇଞ୍ଜିନିୟରିଂ ଓ ସବିଶେଷ ବିବରଣୀ ପ୍ରତି ଦିଆଯାଇଥିବା ଧ୍ୟାନକୁ ପ୍ରତିଫଳନ କରୁଛି ଯାହା ପିଢ଼ି ପରେ ପିଢ଼ି ପାଇଁ ଗୋଲ୍ଡ ଷ୍ଟାରକୁ ପରିଭାଷିତ କରିଛି। ବ୍ରୁକଲ୍ୟାଣ୍ଡସ୍ ବ୍ଲାକ୍ ଲିଗାସି ଏଡିସନ ସେହି ମୁହୂର୍ତ୍ତକୁ ସମ୍ମାନିତ କରୁଛି ଯେତେବେଳେ ଗୋଲ୍ଡ ଷ୍ଟାର ଏହାର କିମ୍ବଦନ୍ତୀ ନାମ ଅର୍ଜନ କରିଥିଲା ଏବଂ ବର୍ମିହାମ ବ୍ଲୁ ଗୋଲ୍ଡ ଷ୍ଟାରର ଏକ ସମସାମୟିକ ଅଭିବ୍ୟକ୍ତି ପ୍ରଦାନ କରୁଛି। ମିଳିତ ଭାବେ ଉଭୟ ମୋଟରସାଇକେଲ ଗୋଲ୍ଡ ଷ୍ଟାର କାହାଣୀର ଦୁଇଟି ସ୍ୱତନ୍ତ୍ର ଅଧ୍ୟାୟକୁ ପ୍ରତିନିଧିତ୍ୱ କରୁଛନ୍ତି।

# ବାତ୍ୟା 'ଅର୍ଣ୍ଣବ' : ଓଡ଼ିଶାର ପରିବାର ଗୁଡ଼ିକ ପାଇଁ ସ୍ୱାସ୍ଥ୍ୟ ସୁରକ୍ଷା ସମ୍ପର୍କିତ ଜରୁରୀ ପରାମର୍ଶ ଜାରି କଲା ଷ୍ଟାର ହେଲ୍ଥ ଇନ୍‌ସ୍ୟୁରାନ୍ସ

ଭୁବନେଶ୍ୱର/ପୁରୀ/ବ୍ରହ୍ମପୁର,୨୮।୧୦ (ନି.ପ୍ର) : ବାତ୍ୟା 'ଅର୍ଣ୍ଣବ' ଯୋଗୁଁ ଆସନ୍ତା ଦୁଇ ଦିନ ଧରି ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ପ୍ରବଳ ବର୍ଷା ସହ ଜୋର୍ ପବନ ବହିବାର ଆଶଙ୍କା ରହିଛି। ଭାରତୀୟ ପାଣିପାଗ ବିଭାଗର ଆକଳନ ଅନୁଯାୟୀ, ଏହି ବାତ୍ୟା ଅତି ଭୀଷଣ ରୂପ ନେଇ ଅକ୍ଟୋବର ୨୮ ତାରିଖ ପୂର୍ବାହ୍ନରେ ଯାନମ୍ ନିକଟରେ ଆନ୍ଧ୍ରପ୍ରଦେଶ ଉପକୂଳ ଅତିକ୍ରମ କରିପାରେ। ଏହାକୁ ଦୃଷ୍ଟିରେ ରଖି ଓଡ଼ିଶାର ବିଭିନ୍ନ ଜିଲ୍ଲା ପାଇଁ ରେଡ୍ ଓ ଅରେ ଆଲର୍ଟ ଜାରି କରାଯାଇଛି। ଅକ୍ଟୋବର ୨୮ ତାରିଖରେ ଗାମ, ଗଜପତି, ରାୟଗଡ଼ା, କୋରାପୁଟ ଓ ମାଲକାନଗିରି ଜିଲ୍ଲାର କେତେକ ସ୍ଥାନରେ ଅତି ପ୍ରବଳ ବର୍ଷା ହେବାର ପୂର୍ବାନୁମାନ ରହିଛି। ପୁରୀ, ଖୋର୍ଦ୍ଧା, ନୟାଗଡ଼ ସମେତ ଅନ୍ୟାନ୍ୟ ଉପକୂଳବର୍ତ୍ତୀ ଜିଲ୍ଲାରେ ମଧ୍ୟ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ଏହାର ପ୍ରଭାବ ଅକ୍ଟୋବର ୨୯ ତାରିଖ ପର୍ଯ୍ୟନ୍ତ ରହିବାର ଆଶଙ୍କା ରହିଛି। ଦକ୍ଷିଣ ଓଡ଼ିଶାରେ ମଧ୍ୟ ପ୍ରବଳ ବର୍ଷା ଓ ଜୋର୍ ପବନର ପ୍ରଭାବ ଅନୁଭୂତ ହୋଇପାରେ।

ଏଭଳି ପ୍ରବଳ ବର୍ଷାର ପ୍ରଭାବ କେବଳ ବାତ୍ୟା ସମୟରେ ସୀମିତ ରହେ ନାହିଁ; ଏହା ପରେ ମଧ୍ୟ ଲୋକଙ୍କ ସ୍ୱାସ୍ଥ୍ୟ ପାଇଁ ବିପଦ ସୃଷ୍ଟି କରିପାରେ। ବନ୍ୟାଜଳ ପାନୀୟ ଜଳକୁ ଦୂଷିତ କରିପାରେ ଏବଂ ଜମି ରହୁଥିବା ପାଣି ମଶାଙ୍କ ବଂଶବୃଦ୍ଧି ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରେ। ପରିମଳ ବ୍ୟବସ୍ଥାରେ ବାଧା ଏବଂ ଦୈନନ୍ଦିନ ଚିକିତ୍ସା ସେବା ପାଇବାରେ ସମସ୍ୟା ଯୋଗୁଁ ବୟସ୍କ ବ୍ୟକ୍ତି, ଶିଶୁ, ଗର୍ଭବତୀ ମହିଳା ଓ ପୂର୍ବରୁ ରୋଗରେ ପୀଡ଼ିତ ବ୍ୟକ୍ତିମାନେ ଅଧିକ ବିପଦର ସମ୍ମୁଖୀନ ହୋଇପାରନ୍ତି। ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ଭାରତର ଅନ୍ୟତମ ଅଗ୍ରଣୀ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ବୀମା କମ୍ପାନୀ ଷ୍ଟାର ହେଲ୍ଥ ଆଣ୍ଡ ଆଲାଏଡ୍ ଇନ୍‌ସ୍ୟୁରାନ୍ସ କମ୍ପାନୀ ଲିମିଟେଡ୍ (ଏନ୍‌ଏସ୍‌ଇ: ଷ୍ଟାରହେଲ୍ଥ; ବିଏସ୍‌ଇ: ୫୪୩୪୧୨) ବ୍ରହ୍ମପୁର, ଭୁବନେଶ୍ୱର, କଟକ ଓ ପୁରୀ ସମେତ ଓଡ଼ିଶାର ସମସ୍ତ ପରିବାରକୁ ସମୟୋଚିତ ସତର୍କତାମୂଳକ ପଦକ୍ଷେପ ନେବାକୁ ପରାମର୍ଶ ଦେଇଛି। ଏଥିସହ ରାଜ୍ୟରେ ଭର୍ଚୁଆଲ୍ ଡାକ୍ତର ପରାମର୍ଶ, ମାର୍ଗଦର୍ଶନ ଓ ଘରେ ରହି ଚିକିତ୍ସା ସେବାକୁ ଅଧିକ ସୁଗମ କରିବା ଉପରେ କମ୍ପାନୀ ଗୁରୁତ୍ୱ ଦେଉଛି। ଷ୍ଟାର ହେଲ୍ଥ ଇନ୍‌ସ୍ୟୁରାନ୍ସର ତଥ୍ୟ ଅନୁଯାୟୀ, ଘରେ ରହି ଡାକ୍ତରଙ୍କ ତତ୍ତ୍ୱାବଧାନରେ ଚିକିତ୍ସା ନେବା ପ୍ରତି ଲୋକଙ୍କ ଆଗ୍ରହ ବଢୁଛି। ରାସ୍ତାରେ ପାଣି ଜମି ରହିଥିବା କିମ୍ବା ଯାତାୟାତ ନିରାପଦ ନଥିବା ସମୟରେ ଏହି ସେବା ବିଶେଷ ଉପଯୋଗୀ ହୋଇପାରେ। ଓଡ଼ିଶାରେ ଏହି ସେବା ପାଇବାକୁ ଯୋଗ୍ୟ ପଲିସିଧାରୀଙ୍କ ମଧ୍ୟରେ ୨୦୨୬ ଏପ୍ରିଲରୁ ସେପ୍ଟେମ୍ବର ମଧ୍ୟରେ ଘରେ ରହି ଚିକିତ୍ସା ସେବାର ବ୍ୟବହାର ଗତ ବର୍ଷର ସମାନ ଅବଧି ତୁଳନାରେ ପ୍ରାୟ ୭.୫ ଗୁଣ ବୃଦ୍ଧି ପାଇଛି।

ଜ୍ୱର, ଝାଡ଼ା, ବାନ୍ତି, ଦୀର୍ଘ ସମୟ ଧରି ଶରୀରରେ ଯନ୍ତ୍ରଣା, ଚର୍ମରେ ଦାଗ ବା ରାସ୍ କିମ୍ବା ଚର୍ମ ସଂକ୍ରମଣ ଭଳି ଲକ୍ଷଣ ଦେଖାଦେଲେ ନିଜେ ନିଜେ ଔଷଧ ଖାଇବା ପରିବର୍ତ୍ତେ ଶୀଘ୍ର ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ। ବିଶେଷକରି ବୟସ୍କ ବ୍ୟକ୍ତି, ଶିଶୁ, ଗର୍ଭବତୀ ମହିଳା ଓ ପୂର୍ବରୁ ରୋଗରେ ପୀଡ଼ିତ ବ୍ୟକ୍ତିଙ୍କ କ୍ଷେତ୍ରରେ ଏହା ଅଧିକ ଜରୁରୀ। ଶ୍ୱାସକ୍ରିୟାରେ କଷ୍ଟ, ଦୀର୍ଘ ସମୟ ଧରି ଅତ୍ୟଧିକ ଜ୍ୱର, ରକ୍ତସ୍ରାବ କିମ୍ବା ଶରୀରରେ ଜଳୀୟ ଅଂଶ କମିଯିବାର ଲକ୍ଷଣ ଦେଖାଦେଲେ ତୁରନ୍ତ ଚିକିତ୍ସା ସହାୟତା ନିଅନ୍ତୁ।

ଏହି ପରାମର୍ଶ ସମ୍ପର୍କରେ ମତ ରଖି ଷ୍ଟାର ହେଲ୍ଥ ଇନ୍‌ସ୍ୟୁରାନ୍ସର ମୁଖ୍ୟ ବ୍ୟବସାୟ ଓ ଚିକିତ୍ସା ସେବାଦାତା ସମ୍ପର୍କ ଅଧିକାରୀ ଶ୍ରୀ ଆଦିତ୍ୟ ଓମପ୍ରକାଶ ବିୟାନୀ କହିଛନ୍ତି, 'ବାତ୍ୟା ଯୋଗୁଁ ସ୍ୱାସ୍ଥ୍ୟ ଉପରେ ପଡୁଥିବା ପ୍ରଭାବ କେବଳ ପ୍ରବଳ ବର୍ଷା ହେଉଥିବା କିଛି ଦିନ ମଧ୍ୟରେ ସୀମିତ ରହେ ନାହିଁ। ଆକାଶ ସଫା ହେବା ପରେ ମଧ୍ୟ ଦୂଷିତ ପାନୀୟ ଜଳ, ଜମି ରହିଥିବା ପାଣି ଓ ପରିମଳ ବ୍ୟବସ୍ଥାରେ ବାଧା ଯୋଗୁଁ ପରିବାରଗୁଡ଼ିକ ରୋଗର ବିପଦରେ ରହିଥାନ୍ତି। ଜଳବାହିତ ଓ ମଶାବାହିତ ରୋଗର ପ୍ରାରମ୍ଭିକ ଲକ୍ଷଣ ଅନେକ ସମୟରେ ସମାନ ହୋଇଥାଏ। ତେଣୁ ଡାକ୍ତରଙ୍କ ପରାମର୍ଶ ବିନା ଏହି ରୋଗଗୁଡ଼ିକୁ ଚିହ୍ନିବା କଷ୍ଟକର। ଏଭଳି ସମୟରେ ଅସୁସ୍ଥତାକୁ ଅଣଦେଖା କରି ଅପେକ୍ଷା କରିବା ଏକ ବଡ଼ ଭୁଲ୍ ହୋଇପାରେ। ଓଡ଼ିଶାର ସମସ୍ତ ପରିବାରକୁ ଆମର ଅନୁରୋଧ, ଏବେଠାରୁ ସୁରକ୍ଷିତ ପାନୀୟ ଜଳର ବ୍ୟବସ୍ଥା କରନ୍ତୁ, ନିୟମିତ ଖାଉଥିବା ଔଷଧ ଓ ଡାକ୍ତରଙ୍କ ପ୍ରେସ୍କ୍ରିପସନ୍ ପାଖରେ ରଖନ୍ତୁ ଏବଂ ନିଜେ ନିଜେ ଔଷଧ ଖାଇବା ପରିବର୍ତ୍ତେ ଶୀଘ୍ର ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ। ଚଳିତ ବର୍ଷ ଏପ୍ରିଲ୍‌ରୁ ସେପ୍ଟେମ୍ବର ମଧ୍ୟରେ ଓଡ଼ିଶାରେ ଆମ ଗ୍ରାହକଙ୍କ ମଧ୍ୟରେ ଘରେ ରହି ଚିକିତ୍ସା ସେବାର ବ୍ୟବହାର ଗତ ବର୍ଷର ସମାନ ଅବଧି ତୁଳନାରେ ପ୍ରାୟ ୭.୫ ଗୁଣ ବୃଦ୍ଧି ପାଇଛି। ଏଥିରୁ ଜଣାପଡୁଛି ଯେ, ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ଅନୁମତି ଦେଉଥିବା କ୍ଷେତ୍ରରେ ପରିବାରଗୁଡ଼ିକ ଡାକ୍ତରଙ୍କ ତତ୍ତ୍ୱାବଧାନରେ ଘରେ ରହି ଚିକିତ୍ସା ନେବାକୁ ଅଧିକ ପସନ୍ଦ କରୁଛନ୍ତି।

# କ୍ୟାମ୍ପସ ଆକ୍ଟିଭୱେୟାର ନୂଆ ମୁଭ ୟୋର ୱେ ଅଭିଯାନର ଶୁଭାରମ୍ଭ କରିଛି

ଭୁବନେଶ୍ୱର, ୨୮।୧୦ (ନି.ପ୍ର) : ଭାରତର ଅଗ୍ରଣୀ ସ୍ପୋର୍ଟସ ଓ ଆଥଲିଜର ଫୁଟୱେୟାର ବ୍ରାଣ୍ଡଗୁଡ଼ିକ ମଧ୍ୟରୁ ଅନ୍ୟତମ କ୍ୟାମ୍ପସ ଆକ୍ଟିଭୱେୟାର ବଲିଉଡ ଅଭିନେତା ଭିକି କୌଶଲଙ୍କୁ ନେଇ ନିଜର ନୂଆ ଇଂଟିଗ୍ରେଟେଡ ଅଭିଯାନ ଉନ୍ମୋଚନ କରିଛି, ଯାହା ଏହାର ବ୍ରାଣ୍ଡ ଦର୍ଶନ 'ମୁଭ ୟୋର ୱେ'କୁ ଆଗକୁ ନେଉଛି। କର୍ପୋରେଟ ଇଣ୍ଡିଆର ଚିରପରିଚିତ ପୃଷ୍ଠଭୂମିରେ ନିର୍ମିତ ଏହି ଅଭିଯାନ ହାସ୍ୟରସ ମାଧ୍ୟମରେ ଦର୍ଶାଏ ଯେ ନୂଆ ପିଢ଼ି କିପରି କର୍ମକ୍ଷେତ୍ରର ଆଶା ପୂରଣ କରିବା ସହ ନିଜର ବ୍ୟକ୍ତିଗତ ରୁଚି ଓ ପ୍ରାଥମିକତା ପାଇଁ ମଧ୍ୟ ସ୍ଥାନ କରୁଛି। 'ଗୋଟିଏ ସାହସୀ ପଦକ୍ଷେପ ଦୁନିଆକୁ ଆପଣଙ୍କ ବାଟକୁ ଆଣିପାରେ' ଭାବନା ଉପରେ ଆଧାରିତ ଏହି ଅଭିଯାନ ଟେଲିଭିଜନ, ଓଟିଟି ଓ ଡିଜିଟାଲ ପ୍ଲାଟଫର୍ମରେ ପ୍ରସାରିତ ହେବ, ଯାହାକୁ କ୍ରିଏଟର-ଆଧାରିତ କଂଟେଟ ସହାୟତା କରିବ। ଅଭିଯାନ ସମ୍ପର୍କରେ ମତ ଦେଇ କ୍ୟାମ୍ପସ ଆକ୍ଟିଭୱେୟାରର ଚିଫ ମାର୍କେଟିଂ ଅଫିସର ଗୌରବ ଶର୍ମା କହିଛନ୍ତି, 'ମୁଭ ୟୋର ୱେ' ସବୁବେଳେ ଆତ୍ମପ୍ରକାଶ ବିଷୟରେ ରହିଆସିଛି। ଏହି ଫିଲ୍ମ ମାଧ୍ୟମରେ ଆମେ ଏହାକୁ ଆହୁରି ସାହସୀ ଦିଗକୁ ନେଉଛୁ: ନିଜର ସୀମା ନିଜେ ସ୍ଥିର କରିବାର ଅଧିକାର। ଯୁବ ଭାରତ ନିଜ ସର୍ତ୍ତରେ ଉଚ୍ଚାକାଙ୍କ୍ଷାକୁ ନୂଆ ଭାବେ ପରିଭାଷିତ କରୁଛି, ଏବଂ କ୍ୟାମ୍ପସ ସେମାନଙ୍କ ପାଖରେ ଦୃଢ଼ ଭାବେ ଠିଆ




ହେବାକୁ ଚାହେଁ। ଆମର ନୂଆ ପରିଚୟ ମଧ୍ୟ ସେହି ଶକ୍ତିକୁ ପ୍ରତିଫଳିତ କରେ - ଅଧିକ ସାହସୀ ଓ ଅଧିକ ଆତ୍ମବିଶ୍ୱାସୀ, କାରଣ ଆମେ ବ୍ରାଣ୍ଡର ପରବର୍ତ୍ତୀ ଅଧ୍ୟାୟରେ ପାଦ ଦେଉଛୁ।' ଅଭିଯାନ ସମ୍ପର୍କରେ ମତ ଦେଇ ଭିକି କୌଶଲ କହିଛନ୍ତି, 'କ୍ୟାମ୍ପସ ଦୈନନ୍ଦିନ ଜୀବନର ଏକ ପରିଚିତ ଅଂଶକୁ ମଜାଦାର ଓ ଅପ୍ରତ୍ୟାଶିତ ମୋଡ଼ ଦେଇଛି, ଯାହା ମୋତେ ଭଲ ଲାଗିଲା। ରୋହିତ କୌଣସି ସଙ୍କୋଚ ନ କରି ନିଜେ ଯେମିତି ସେମିତି ହିଁ ରହେ, ଏବଂ ତା' ଚରିତ୍ରରେ ଅଭିନୟ କରି ମଜା ଲାଗିଲା, କାରଣ ଅନେକ ଲୋକ ନିଜ ଅଫିସରେ ଯେଉଁ ପରିସ୍ଥିତି ଦେଖିଥିବେ, ସେଥିରେ ସେ ହାସ୍ୟରସ ଆଣେ। ନିଜକୁ ଅତ୍ୟଧିକ ଗମ୍ଭୀରତାର ସହ ନ ନେଇ, ଏହି ଫିଲ୍ମ ହାଲୁକା ମିଜାଜରେ 'ମୁଭ ୟୋର ୱେ'ର ଭାବନାକୁ ଧରିଛି।' ରବିବାର ଦିନ ଆସୁଥିବା ଅଫିସ କଲ ଓ ଅଫିସର ଅଲିଖିତ ନିୟମ ଭଳି ପରିଚିତ ପରିସ୍ଥିତିକୁ ଆଧାର କରି ଏହି ଅଭିଯାନ ବୃତିଗତ ଦାୟିତ୍ୱ ଓ ବ୍ୟକ୍ତିଗତ ପ୍ରାଥମିକତା ମଧ୍ୟରେ ଦୈନନ୍ଦିନ ଟଣାଓଟରାକୁ ଫୁଟାଇ ତୋଳିଛି। ଜଣେ କର୍ମଚାରୀ ଓ ତାଙ୍କ ବସ୍‌ଙ୍କ ମଧ୍ୟରେ ମଜାଦାର କଥୋପକଥନ ମାଧ୍ୟମରେ କ୍ୟାମ୍ପସ କର୍ମକ୍ଷେତ୍ରର ଏହି ପରିଚିତ ସ୍ଥିତିକୁ ଏପରି ଏକ କାହାଣୀରେ ପରିଣତ କରିଛି, ଯାହା ଆଶାକୁ ପ୍ରଶ୍ନ କରିବା ଓ ଭିନ୍ନ ଢଙ୍ଗରେ କାମ କରିବାର ଆତ୍ମବିଶ୍ୱାସ ପାଇବା ବିଷୟରେ କହେ।

# ବ୍ୟାଙ୍କ୍ ଅଫ୍ ବରୋଦା ପକ୍ଷରୁ ପାର୍ବଣ ଅଭିଯାନ - 'ବିଓବି କେ ସଙ୍ଗ୍ ତ୍ୟୋହାର୍ କି ଉମଙ୍ଗ୍'ର ଶୁଭାରମ୍ଭ

ଭୁବନେଶ୍ୱର, ୨୮।୧୦ (ନି.ପ୍ର) : ଭାରତର ଅନ୍ୟତମ ଅଗ୍ରଣୀ ସାର୍ବଜନୀନ ବ୍ୟାଙ୍କ, ବ୍ୟାଙ୍କ୍ ଅଫ୍ ବରୋଦା ଏହାର ପାର୍ବଣ ଅଭିଯାନ 'ବିଓବି କେ ସଙ୍ଗ୍ ତ୍ୟୋହାର୍ କି ଉମଙ୍ଗ୍ - ଶୁଭ୍ ଭୀ, ଲାଭ୍ ଭୀ'ର ଘୋଷଣା କରିଛି। ଦେଶର ସମସ୍ତ ଗ୍ରାହକଙ୍କ ଆର୍ଥିକ ଆଶା ଓ ଆକାଂକ୍ଷାକୁ ପୂରଣ କରିବା ଦିଗରେ ସହଜ ଏବଂ ଲାଭଦାୟକ ରିଟେଲ୍ ଋଣ, ଏମ୍‌ଏସ୍‌ଏମ୍‌ଇ ଋଣ, ସଞ୍ଚୟ ଖାତା ଏବଂ ଡେବିଟ୍ କାର୍ଡ ଖର୍ଚ୍ଚ ଉପରେ ଏହି ଅଭିଯାନ ଏକ ସମ୍ପୂର୍ଣ୍ଣ ଅଫର ପ୍ୟାକେଜ୍ ନେଇ ଆସିଛି। ୭.୪୦ ପ୍ରତିଶତରୁ ଆରମ୍ଭ ହେଉଥିବା ଗୃହ ଋଣ: ମାତ୍ର ୭.୪୦ ପ୍ରତିଶତରୁ ଆରମ୍ଭ ହେଉଥିବା ସୁଧ ହାରରେ ଗୃହ ଋଣ, ତୁରନ୍ତ ମଞ୍ଜୁରୀ, ସ୍ୱଚ୍ଛ କାଗଜପତ୍ର ଏବଂ ସମ୍ପୂର୍ଣ୍ଣ ପ୍ରୋସେସିଂ ଫି' ଛାଡ଼। ଯେଉଁ ଗ୍ରାହକମାନେ ପରବର୍ତ୍ତୀ ସମୟରେ ଘର ନିର୍ମାଣ ପାଇଁ ପ୍ଲଟ୍/ଜମି କିଣିବାକୁ ଚାହୁଁଛନ୍ତି, ସେମାନେ 'ବିଓବି ସ୍ୱଭୂମି - ପ୍ଲଟ୍ ଲୋନ୍' ବାଛିପାରିବେ, ଯେଉଁଥିରେ କମ୍ ମାର୍ଜିନ୍, ଦୀର୍ଘକାଳୀନ ପରିଶୋଧ ଅବଧି ଏବଂ ଶୂନ୍ୟ ପ୍ରୋସେସିଂ ଫି' ରହିଛି। ଏହାସହ ମହିଳାମାନଙ୍କ ପାଇଁ ଅତିରିକ୍ତ ୦.୦୫ ପ୍ରତିଶତ ଏବଂ ୪୦ ବର୍ଷରୁ କମ୍ ବୟସର ବ୍ୟକ୍ତି, ସରକାରୀ/ପିଏସ୍‌ୟୁ/କର୍ପୋରେଟ୍ ଗ୍ରାହକ (ଯାହାଙ୍କର ବିଓବି ସାଲାରୀ ଆକାଉଣ୍ଟ ଅଛି), ଏଚ୍‌ଏନ୍‌ଆଇ / ରେଜିଏନ୍ସ ଗ୍ରାହକଙ୍କ ଭଳି ଯୋଗ୍ୟ ଋଣଗ୍ରାହକଙ୍କ ପାଇଁ ୦.୧୦ ପ୍ରତିଶତ ଅତିରିକ୍ତ ରିହାତି ପ୍ରଦାନ କରାଯାଉଛି। ୭.୮୫ ପ୍ରତିଶତ ରୁ ଆରମ୍ଭ ହେଉଥିବା କାର୍ ଋଣ: ଏହି ପାର୍ବଣ ଋତୁରେ ଘରକୁ ଆଣନ୍ତୁ ଏକ ନୂଆ କାର୍। କାର୍ ଋଣର ସୁଧ ହାର ମାତ୍ର ୭.୮୫ ପ୍ରତିଶତ ରୁ ଆରମ୍ଭ ହେଉଛି, ଯାହା ଡିଜିଟାଲ୍ ପ୍ରକ୍ରିୟାକରଣ, ତୁର' ମଞ୍ଜୁରୀ ଏବଂ ସ୍ୱଚ୍ଛ କାଗଜପତ୍ର ଦ୍ୱାରା ଉପଲବ୍ଧ। ଯେଉଁ ଗ୍ରାହକମାନେ 'ବିଓବି ଗ୍ରୀନ୍ ହ୍ୱିଲ୍ସ' (ଇଲେକ୍ଟ୍ରିକ୍ ଯାନ) ବାଛିବେ, ସେମାନେ ୦.୧୫ ପ୍ରତିଶତ ସୁଧ ହାର ରିହାତି ସହିତ ଅଧିକ ସମୟର ପରିଶୋଧ ଅବଧି ମଧ୍ୟ ପାଇପାରିବେ, ଯାହା ଇଲେକ୍ଟ୍ରିକ୍ ଯାନ କ୍ରୟକୁ ଆହୁରି ଆକର୍ଷଣୀୟ କରୁଛି।

# ଏମଜି ୱିଣ୍ଡସର୍ ଇଣ୍ଡଲଜ ଏଡିସନ୍ ୧୭,୯୯,୮୦୦ ଲକ୍ଷ ଟଙ୍କାରେ ବଜାରରେ ଉପଲବ୍ଧ

ଭୁବନେଶ୍ୱର, ୨୮।୧୦ (ୟୁବମୋର୍ଚ୍ଚା): ଜେଏସଡବ୍ଲ୍ୟୁ ଏମଜି ମୋଟର ଇଣ୍ଡିଆ ପକ୍ଷରୁ ଆଜି ଏମଜି ୱିଣ୍ଡସର୍ ଇଣ୍ଡଲଜ ଏଡିସନର ବଜାର ପ୍ରବେଶ ଘୋଷଣା କରାଯାଇଛି। ଭାରତର ଏକ ନମ୍ବର ବିଦ୍ୟୁତ୍ ଚାଳିତ ଯାନ ଭାବେ ପରିଚିତ ଏମଜି ୱିଣ୍ଡସରର ଏହି ନୂତନ ସଂସ୍କରଣ ଆହୁରି ବିଳାସପୂର୍ଣ୍ଣ ଆରାମ ଓ ସ୍ୱତନ୍ତ୍ର ଶୈଳୀର ଅନୁଭବ ପ୍ରଦାନ କରିବ। ଏହାର ପ୍ରାରମ୍ଭିକ ମୂଲ୍ୟ ୧୭,୯୯,୮୦୦ ଟଙ୍କା (ଏକ୍ସ ସୋରୁମ୍ ମୂଲ୍ୟ) ରଖାଯାଇଛି। ୩୮ କିଲୋୱାଟ୍ କ୍ଷମତାସମ୍ପନ୍ନ ବ୍ୟାଟେରିରେ ଚାଲୁଥିବା ଏହି ଯାନ ୧୦୦ କିଲୋୱାଟ୍ ବା ୧୩୬ ପିଏସ୍ ଶକ୍ତି ଏବଂ ୨୦୦ ନ୍ୟୁଟନ୍ ମିଟର ଟର୍କ ପ୍ରଦାନ କରିଥାଏ। ଏହାର ପ୍ରମାଣିତ ଯାତ୍ରା କ୍ଷମତା ୩୩୨ କିଲୋମିଟର ରହିଛି। ଏମଜି ୱିଣ୍ଡସରର ଭବିଷ୍ୟତମୁଖୀ ଡିଜାଇନ୍, ପ୍ରଶସ୍ତ ଭିତର ଅଂଶ ଏବଂ ବିଜନେସ୍ କ୍ଲାସ୍ ଆରାମଦାୟକ ବ୍ୟବସ୍ଥାକୁ ଆଧାର କରି ଏହି ନୂତନ ସଂସ୍କରଣରେ ଅଧିକ ସ୍ୱତନ୍ତ୍ରତା ଯୋଡ଼ାଯାଇଛି। ଏଥିରେ ସ୍ୟାଡୋ ଗୋଲ୍ଡ ରଙ୍ଗର ଗାଡ଼ି ସହ ବିପରୀତ କଳା ରଙ୍ଗର ଛାତ ରହିଛି। କଳା ରଙ୍ଗର ଓଆରଭିଏମ୍, ୧୮ ଇଂଚର କଳା ମିଶ୍ରଧାତୁ ଚକ ଏବଂ ଗାଡ଼ିର ସି-ପିଲାରରେ ଥିବା ସ୍ୱତନ୍ତ୍ର 'ଇଣ୍ଡଲଜ' ଚିହ୍ନ ଏହାର ଆକର୍ଷଣକୁ ଆହୁରି ବଢ଼ାଇଛି। ଏହା ଗାଡ଼ିକୁ ଏକ ସ୍ୱତନ୍ତ୍ର ଓ ଆକର୍ଷଣୀୟ ପରିଚୟ ଦେଇଛି। ଗାଡ଼ିର ଭିତର ଅଂଶରେ ନୂଆ ଅର୍ବାନ୍ ଟ୍ୟାନ୍ ଓ କଳା ରଙ୍ଗର



ଆସନ ସଜ୍ଜା ରହିଛି। ଏହା ଗାଡ଼ିର ଆଭ୍ୟନ୍ତରୀଣ ପରିବେଶକୁ ଅଧିକ ଆରାମଦାୟକ ଓ ଅଭିଜାତ କରିଛି। ସାମ୍ନା ଆସନର ମୁଣ୍ଡ ରଖିବା ସ୍ଥାନରେ ସ୍ୱତନ୍ତ୍ର ଭାବେ 'ଇଣ୍ଡଲଜ' ଲେଖା ରହିଛି, ଯାହା ଏହି ସଂସ୍କରଣର ନିଜସ୍ୱ ପରିଚୟକୁ ତ୍ୱରାନ୍ୱିତ କରୁଛି। ପଛ ସିଟରେ ବସୁଥିବା ଯାତ୍ରୀଙ୍କ ଆରାମ ଓ ମନୋରଞ୍ଜନକୁ ଗୁରୁତ୍ୱ ଦେଇ ଏଥିରେ ମାନକ ସୁବିଧା ଭାବେ 'ପ୍ରିଭେ ସ୍କ୍ରିନ୍' ଯୋଗାଇ ଦିଆଯାଇଛି। ଏହା ସହିତ 'ଇଣ୍ଡଲଜ' ଚିହ୍ନ ଥିବା ଆରାମଦାୟକ ତକିଆ ଓ ବେକ ପାଇଁ କୁଶନ୍ ମଧ୍ୟ ରହିଛି। ଏହି ବ୍ୟବସ୍ଥା ପଛ ଆସନରେ ଯାତ୍ରାକୁ ଅଧିକ ଆରାମଦାୟକ କରିବ। ଗ୍ରାହକଙ୍କ ରୁଚି ଅନୁଯାୟୀ ଗାଡ଼ିକୁ ଆହୁରି ଆକର୍ଷଣୀୟ କରିବା ପାଇଁ ସ୍ୱତନ୍ତ୍ର ସାମଗ୍ରୀର ଏକ ପ୍ୟାକେଜ୍ ମଧ୍ୟ ଉପଲବ୍ଧ ହୋଇଛି। ଏଥିରେ ପଛ ଝରକା ପାଇଁ ସୂର୍ଯ୍ୟକିରଣ ନିରୋଧକ ପରଦା, ସ୍ୱତନ୍ତ୍ର ଡିଜାଇନର ତ୍ରିମାତ୍ରିକ ମ୍ୟାଟ୍, ସାମ୍ନା ଗ୍ରିଲେର କ୍ରୋମ୍ ସାଜସଜ୍ଜା, ବମ୍ପରର କୋଣ ସୁରକ୍ଷାକାରୀ, ଗାଡ଼ିର ପାର୍ଶ୍ୱ ସୁରକ୍ଷା ପଟି ଏବଂ ଡଙ୍ଗାମାନର ଚମଡ଼ାର ଚାବିଖୋଳ ରହିଛି। ଏହି ନୂତନ ସଂସ୍କରଣର ବଜାର ପ୍ରବେଶ ଅବସରରେ ଜେଏସଡବ୍ଲ୍ୟୁ ଏମଜି ମୋଟର ଇଣ୍ଡିଆର ମୁଖ୍ୟ ବାଣିଜ୍ୟିକ ଅଧିକାରୀ ବିନୟ ରାଇନା କହିଛନ୍ତି, 'ଏମଜି ୱିଣ୍ଡସର୍ କେବଳ ଆମ କମ୍ପାନୀ ପାଇଁ ନୁହେଁ, ବରଂ ସମଗ୍ର ବିଦ୍ୟୁତ୍ ଚାଳିତ ଯାନ କ୍ଷେତ୍ର ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ପାଦ। ଏହା ଅନେକ ଗ୍ରାହକଙ୍କୁ ବିଦ୍ୟୁତ୍ ଚାଳିତ ଯାନ ଗ୍ରହଣ କରିବା ପାଇଁ ପ୍ରେରିତ କରିଛି। ମାତ୍ର ୨୪ ମାସ ମଧ୍ୟରେ ୮୦ ହଜାରରୁ ଅଧିକ ପରିବାର ଏହି ଗାଡ଼ିକୁ ଆପଣାଇବା ଏକ ଉଲ୍ଲେଖନୀୟ ସଫଳତା। ଏହା ଗ୍ରାହକଙ୍କୁ ଏହି ଯାନ ପ୍ରଦାନ କରୁଥିବା ମୂଲ୍ୟ ଓ ସୁବିଧାର ପ୍ରମାଣ। 'ଏହି ସଫଳତାକୁ ଆଧାର କରି ଇଣ୍ଡଲଜ ଏଡିସନରେ ଅଧିକ ସ୍ୱତନ୍ତ୍ର ସୁବିଧା ଏବଂ ଉନ୍ନତ ଆଭ୍ୟନ୍ତରୀଣ ଅନୁଭବ ଯୋଡ଼ାଯାଇଛି। ଏହା ଗ୍ରାହକଙ୍କୁ ୱିଣ୍ଡସର ଜୀବନଶୈଳୀର ଏକ ଅଧିକ ଅଭିଜାତ ଓ ବ୍ୟକ୍ତିଗତ ଅନୁଭବ ପ୍ରଦାନ କରିବ। ଗ୍ରାହକଙ୍କ ବଦଳୁଥିବା ପସନ୍ଦ ଅନୁଯାୟୀ ଆମ ଉତ୍ପାଦକୁ ନିରନ୍ତର ଉନ୍ନତ କରିବା ସହିତ ୱିଣ୍ଡସର୍‌କୁ ବିଦ୍ୟୁତ୍ ଚାଳିତ ଯାନ କ୍ଷେତ୍ରରେ ଏକ ପସନ୍ଦର ଗାଡ଼ି କରିଥିବା ମୂଳ ଗୁଣଗୁଡ଼ିକୁ ବଜାୟ ରଖିବା ଆମର ପ୍ରତିବଦ୍ଧତା ଅଟେ।' ଭାରତର ପ୍ରଥମ ବୁଦ୍ଧିମାନ କ୍ରସ୍‌ଓଭର୍ ୟୁଟିଲିଟି ଯାନ (ସିୟୁଭି) ଭାବେ ପରିଚିତ ଏମଜି ୱିଣ୍ଡସରରେ ସେଡାନର ପ୍ରଶସ୍ତତା ଓ ଆରାମ ସହ ଏସ୍ୟୁଭିର ବହୁମୁଖୀ ଉପଯୋଗିତା ଓ ଆକର୍ଷଣୀୟ ଉପସ୍ଥିତିର ସମନ୍ୱୟ ରହିଛି। ଏହାର ଭବିଷ୍ୟତମୁଖୀ 'ଏରୋ ଗ୍ଲାଇଡ୍' ଡିଜାଇନ୍ ପାରମ୍ପରିକ ଗାଡ଼ି ବର୍ଗର ସୀମାକୁ ଅତିକ୍ରମ କରି ନୂଆ ଧାରା ସୃଷ୍ଟି କରିଛି। ଗାଡ଼ିର ଭିତରେ ଥିବା 'ଏରୋ ଲାଉ' ଆସନକୁ ୧୩୫ ଡିଗ୍ରୀ ପର୍ଯ୍ୟନ୍ତ ପଛକୁ ଢଳାଇ ହେଉଥିବାରୁ ଯାତ୍ରୀମାନେ ଅଧିକ ଆରାମ ପାଇପାରିବେ। ଏହା ସହିତ ମଧ୍ୟଭାଗରେ ସୁନ୍ଦର ଭାବେ ସଂଯୋଜିତ ୧୫.୬ ଇଂଚର 'ଗ୍ରାଣ୍ଡଭ୍ୟୁ' ସ୍ପର୍ଶ ପରଦା ଗାଡ଼ି ଭିତରର ଅନୁଭବକୁ ଆହୁରି ଉନ୍ନତ କରିବା ସହ ଚାଳନାକୁ ସହଜ ଓ ଆକର୍ଷଣୀୟ କରିଥାଏ।

# ବେଦାନ୍ତ ଆଲୁମିନିୟମର ଦ୍ୱିତୀୟ ତ୍ରୈମାସିକ ଫଳାଫଳ ଉତ୍ସାହଜନକ
## ଲାଭ ଦୁଇଗୁଣରୁ ଅଧିକ ବୃଦ୍ଧି ପାଇ ୬,୧୮୭ କୋଟି ଟଙ୍କା, ଇବିଆଇଟିଡିଏରେ ୮୩% ବୃଦ୍ଧି ହୋଇଛି

ଭୁବନେଶ୍ୱର, ୨୮।୧୦ (ନି.ପ୍ର): ଭାରତର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ମେଟାଲ ଲିମିଟେଡ୍ (ବିଏସ୍‌ଇ: ୫୪୪୭୮୦ ଏବଂ ଏନ୍‌ଏସ୍‌ଇ: ଭିଏଏମ୍‌ଏଲ୍) ୩୦ ସେପ୍ଟେମ୍ବର ୨୦୨୬ରେ ଶେଷ ହୋଇଥିବା ଦ୍ୱିତୀୟ ତ୍ରୈମାସିକ ଓ ପ୍ରଥମ ଅର୍ଦ୍ଧବାର୍ଷିକର ଅନଅଡିଟ୍ ଆର୍ଥିକ ଫଳାଫଳ ଘୋଷଣା କରିଛି। ଏହି ଅବଧିରେ କମ୍ପାନୀ ଦୃଢ଼ ଆର୍ଥିକ ପ୍ରଦର୍ଶନ ସହ ଉତ୍ପାଦନ କ୍ଷେତ୍ରରେ ସର୍ବକାଳୀନ ରେକର୍ଡ ସୃଷ୍ଟି କରିଛି। ସର୍ବାଧିକ ଉତ୍ପାଦନ, ଉନ୍ନତ ଉତ୍ପାଦନ ଖର୍ଚ୍ଚ ପ୍ରତିଯୋଗିତା ଏବଂ ରଣନୈତିକ ସମନ୍ୱୟ କ୍ଷେତ୍ରରେ ନିରନ୍ତର ଅଗ୍ରଗତି ଏହି ସଫଳତାର ମୁଖ୍ୟ ଆଧାର ହୋଇଛି। କମ୍ପାନୀର ରାଜସ୍ୱ ବାର୍ଷିକ ଭିତିରେ ୪୧% ବୃଦ୍ଧି ପାଇ ୨୨,୦୬୬ କୋଟି ଟଙ୍କାରେ ପହଂଚିଛି। ଅଧିକ ବିକ୍ରୟ ପରିମାଣ ଏବଂ ଉନ୍ନତ ବଜାରଜାତକରଣ ମିଶ୍ରଣ ଏହି ଅଭିବୃଦ୍ଧିରେ ସହାୟକ ହୋଇଛି। ଏହି ସମୟରେ ଇବିଆଇଟିଡିଏ ୮୩% ବୃଦ୍ଧି ପାଇ ୧୦,୧୯୨ କୋଟି ଟଙ୍କାରେ ପହଂଚିଥିବା ବେଳେ ଇବିଆଇଟିଡିଏ ମାର୍ଜିନ୍ ପ୍ରାୟ ୪୬% ରହିଛି। ସେହିପରି ଟିକସ ପରବର୍ତ୍ତୀ ଲାଭ (ପିଏଟି) ୧୦୫% ବୃଦ୍ଧି ସହ ଦୁଇଗୁଣରୁ ଅଧିକ ହୋଇ ୬,୧୮୭ କୋଟି ଟଙ୍କାରେ ପହଂଚିଛି। ତ୍ରୈମାସିକ ମଧ୍ୟରେ ବେଦା' ଆଲୁମିନିୟମ ନିଜର ଆର୍ଥିକ ସ୍ଥିତିକୁ ଆହୁରି ସୁଦୃଢ଼ କରିଛି। ପୂର୍ବ ତ୍ରୈମାସିକ ତୁଳନାରେ କମ୍ପାନୀର ନିଟ୍ ଋଣ ୩,୦୯୦ କୋଟି ଟଙ୍କା ହ୍ରାସ ପାଇଛି। ଫଳରେ ନିଟ୍ ଋଣ ଓ ଇବିଆଇଟିଡିଏ ଅନୁପାତ ପ୍ରଥମ ତ୍ରୈମାସିକର ୦.୯ ଗୁଣରୁ ହ୍ରାସ ପାଇ ୦.୭ ଗୁଣରେ ପହଂଚିଛି। ଏଥିସହ ଇଣ୍ଡିଆ ରେଟିଂସ୍ କମ୍ପାନୀର କ୍ରେଡିଟ୍ ରେଟିଂକୁ 'ଏଏ+ (ସ୍ଥିର)'କୁ ଉନ୍ନୀତ କରିଛି। ଆଇସିଆର୍‌ଏ ଓ କ୍ରିସିଲ୍ ମଧ୍ୟ କମ୍ପାନୀର ରେଟିଂକୁ ପୁନଃନିଶ୍ଚିତ କରିଛନ୍ତି। ଉତ୍ପାଦନ କ୍ଷେତ୍ରରେ କମ୍ପାନୀ ନୂତନ ରେକର୍ଡ ସ୍ଥାପନ କରିଛି। ତ୍ରୈମାସିକ ଆଲୁମିନିୟମ ଉତ୍ପାଦନ ୬୪୯ କିଲୋଟନ୍‌ରେ ପହଂଚିଛି, ଯାହା ପୂର୍ବବର୍ଷର ସମାନ ଅବଧି ତୁଳନାରେ ୫% ଏବଂ ପୂର୍ବ ତ୍ରୈମାସିକ ତୁଳନାରେ ୩% ଅଧିକ। ମୂଲ୍ୟବର୍ଦ୍ଧିତ ଆଲୁମିନିୟମ ଉତ୍ପାଦନ ମଧ୍ୟ ୩୧% ବୃଦ୍ଧି ପାଇ ରେକର୍ଡ ୪୩୨ କିଲୋଟନ୍‌ରେ ପହଂଚିଛି। ସେହିପରି ଆଲୁମିନା ଉତ୍ପାଦନ ୩୭% ବୃଦ୍ଧି ସହ ୮୯୫ କିଲୋଟନ୍‌ର ନୂତନ ତ୍ରୈମାସିକ ସର୍ବୋଚ୍ଚ ସ୍ତର ହାସଲ କରିଛି। ନିଜର ସମନ୍ୱିତ ବ୍ୟବସାୟିକ ରଣନୀତିକୁ ଆଗକୁ ବଢ଼ାଇ ବେଦାନ୍ତ ଆଲୁମିନିୟମ ବିଶ୍ୱର ଅନ୍ୟତମ ପ୍ରତିଯୋଗିତାମୂଳକ ଓ ସମ୍ପୂର୍ଣ୍ଣ ସମନ୍ୱିତ ଆଲୁମିନିୟମ ଉଦ୍ୟୋଗ ଗଠନ ଦିଗରେ କାର୍ଯ୍ୟ ଜାରି ରଖିଛି। ଏହାଦ୍ୱାରା କଂଚାମାଲ ସମ୍ବଳର ସୁରକ୍ଷା ସୁଦୃଢ଼ ହେବା ସହ ଉତ୍ପାଦନ ଶୃଙ୍ଖଳର ବିଭିନ୍ନ ପର୍ଯ୍ୟାୟରେ କ୍ଷମତା ସମ୍ପ୍ରସାରଣକୁ ଗତି ମିଳୁଛି। ଏହି ତ୍ରୈମାସିକରେ ବାଲ୍କୋର ୪୩୫ କିଲୋଟନ୍ ପ୍ରତିବର୍ଷ କ୍ଷମତା ସମ୍ପ୍ରସାରଣ ପ୍ରକଳ୍ପର ଦ୍ୱିତୀୟ ଜୋନକୁ କାର୍ଯ୍ୟକ୍ଷମ କରାଯାଇଛି। ଏଥିସହ ସିଜିମାଳି ବକ୍ସାଇଟ୍ ଖଣି ବ୍ଲକ୍ ପାଇଁ ପରିଚାଳନା ସମ୍ମତିପତ୍ର (ସିଟିଓ) ମିଳିଛି। ଏହି ପଦକ୍ଷେପଗୁଡ଼ିକ କମ୍ପାନୀର ଉତ୍ପାଦନ କ୍ଷମତା ବୃଦ୍ଧି ଓ କଂଚାମାଲ ସୁରକ୍ଷା ରଣନୀତିରେ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତିକୁ ସୂଚାଉଛି। କମ୍ପାନୀର ଦ୍ୱିତୀୟ ତ୍ରୈମାସିକ ପ୍ରଦର୍ଶନ ଉପରେ ମତ ରଖି ବେଦାନ୍ତ ଆଲୁମିନିୟମର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ତଥା ମୁଖ୍ୟ ନିର୍ବାହୀ ଅଧିକାରୀ ରାଜେଶ କୁମାର କହିଛନ୍ତି, 'ଚଳିତ ତ୍ରୈମାସିକର ପ୍ରଦର୍ଶନ ବେଦାନ୍ତ ଆଲୁମିନିୟମକୁ ବିଶ୍ୱସ୍ତରରେ ପ୍ରତିଯୋଗିତାମୂଳକ ଓ ସମନ୍ୱିତ ଆଲୁମିନିୟମ ବ୍ୟବସାୟ ଭାବେ ଗଢ଼ିତୋଳିବାରେ ଆମର ନିରନ୍ତର ଅଗ୍ରଗତିକୁ ପ୍ରତିଫଳିତ କରୁଛି। ଆମେ ଆଲୁମିନିୟମ ଓ ଆଲୁମିନା ଉତ୍ପାଦନରେ ସର୍ବକାଳୀନ ରେକର୍ଡ ହାସଲ କରିବା ସହ ଅଭିବୃଦ୍ଧି ଓ ବ୍ୟବସାୟିକ ସମନ୍ୱୟ ସମ୍ପର୍କିତ ପଦକ୍ଷେପଗୁଡ଼ିକରେ ଉଲ୍ଲେଖନୀୟ ଅଗ୍ରଗତି କରିଛୁ। ବାଲ୍କୋ ସମ୍ପ୍ରସାରଣ ପ୍ରକଳ୍ପର ଦ୍ୱିତୀୟ ଜୋନକୁ କାର୍ଯ୍ୟକ୍ଷମ କରିବା ଏବଂ ବକ୍ସାଇଟ୍ ସମ୍ବଳ ସୁରକ୍ଷା ଦିଗରେ ହୋଇଥିବା ଅଗ୍ରଗତି ଆମର ସମନ୍ୱିତ ଉତ୍ପାଦନ ଶୃଙ୍ଖଳର ମୂଳଦୁଆକୁ ଆହୁରି ସୁଦୃଢ଼ କରିଛି। ଉତ୍ପାଦନ କାର୍ଯ୍ୟକଳାପର ସମ୍ପ୍ରସାରଣ ସହ ଆମେ ଶୃଙ୍ଖଳିତ କାର୍ଯ୍ୟାନ୍ୱୟନ, ଖର୍ଚ୍ଚ ପ୍ରତିଯୋଗିତା ଏବଂ ମୂଲ୍ୟବର୍ଦ୍ଧିତ ଉତ୍ପାଦର ବିସ୍ତାରିତ ପୋର୍ଟଫୋଲିଓ ଉପରେ ଗୁରୁତ୍ୱ ଦେଉଛୁ। ଏହା ଆମ ଅଂଶୀଦାରମାନଙ୍କ ପାଇଁ ଦୀର୍ଘସ୍ଥାୟୀ ମୂଲ୍ୟ ସୃଷ୍ଟି କରିବା ସହ ଆଲୁମିନିୟମର ବର୍ଦ୍ଧିତ ଚାହିଦା ପୂରଣ କରିବାରେ ସହାୟକ ହେବ।' ବେଦାନ୍ତ ଆଲୁମିନିୟମର ମୁଖ୍ୟ ଆର୍ଥିକ ଅଧିକାରୀ ଅନୁପ ଅଗ୍ରୱାଲ କହିଛନ୍ତି, 'ଦ୍ୱିତୀୟ ତ୍ରୈମାସିକରେ ଆମେ ଆୟ ବୃଦ୍ଧିର ଗତିକୁ ବଜାୟ ରଖିଛୁ।

# ଜିଓର ଧମାକାଦାର ଏଣ୍ଟ୍ରି, ରିଲାଏନ୍ସ ହେଲା ଦେଶର ଏକ ନମ୍ବର ବ୍ୟବସାୟିକ ସମୂହ

ମୁମ୍ବାଇ,୨୮।୧୦ (ନି.ପ୍ର) : ସେୟାର ବଜାରରେ ଜିଓ ପ୍ଲାଟଫର୍ମସ୍‌ର ଧମାକାଦାର ପ୍ରବେଶ ଦେଶର ସର୍ବାଧିକ ମୂଲ୍ୟବାନ ବ୍ୟବସାୟିକ ସମୂହ ଗୁଡ଼ିକର ରାଙ୍କିଂ ସାରଣୀ ବଦଳାଇ ଦେଇଛି। ବୁଧବାର ଜିଓର ଶେୟାର ୧,୩୫୮ ଟଙ୍କା ମୂଲ୍ୟରେ ଷ୍ଟକ୍ ଏକ୍ସଚେଞ୍ଜରେ ତାଲିକାଭୁକ୍ତ ହେବା ମାତ୍ରେ ରିଲାଏନ୍ସ ସମୂହ ଟାଟା ସମୂହକୁ ପଛରେ ପକାଇ ପ୍ରଥମ ସ୍ଥାନ ହାସଲ କରିଛି। ଜିଓର ଲିଷ୍ଟିଂ ପରେ ରିଲାଏନ୍ସ ସମୂହର ତାଲିକାଭୁକ୍ତ କମ୍ପାନିଗୁଡ଼ିକର ମିଳିତ ମାର୍କେଟ୍ କ୍ୟାପ୍ ୨୮.୯ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ୨୫.୬ ଲକ୍ଷ କୋଟି ଟଙ୍କାର ମାର୍କେଟ୍ କ୍ୟାପ୍ ସହ ଟାଟା ସମୂହ ଦ୍ୱିତୀୟ ଏବଂ ୧୬.୬ ଲକ୍ଷ କୋଟି ଟଙ୍କା ସହ ଆଦାନୀ ସମୂହ ତୃତୀୟ ସ୍ଥାନରେ




ରହିଛି। ଜିଓର ଏହି ଧମାକାଦାର ଏଣ୍ଟ୍ରି ରିଲାଏନ୍ସ ସମୂହର ବଜାର ମୂଲ୍ୟରେ ବଡ଼ ବୃଦ୍ଧି ଆଣିଛି। ୧,୧୧୯ ଟଙ୍କା ଇସ୍ୟୁ ମୂଲ୍ୟ ତୁଳନାରେ ଜିଓର ସେୟାର ୧,୩୫୮ ଟଙ୍କାରେ ଲିଷ୍ଟିଂ ହୋଇଛି, ଅର୍ଥାତ୍ ୨୧.୪ ପ୍ରତିଶତ ପ୍ରିମିୟମରେ କାରବାର ଆରମ୍ଭ କରିଛି। ଏହି ମୂଲ୍ୟ ଅନୁସାରେ ଜିଓର ମାର୍କେଟ୍ କ୍ୟାପ୍ ବା ବଜାର ପୁଞ୍ଜି ୧୨.୫ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଏବଂ ଜିଓ ପ୍ଲାଟଫର୍ମସ୍‌ର ମିଳିତ ବଜାର ମୂଲ୍ୟ ୨୮.୭ ଲକ୍ଷ କୋଟି ଟଙ୍କା ହୋଇଛି। ଜିଓ ପ୍ଲାଟଫର୍ମସର ସେୟାରହୋଲ୍ଡରଙ୍କ ସଂଖ୍ୟା ମଧ୍ୟ ଦେଶରେ ସର୍ବାଧିକ। କମ୍ପାନିର ମୋଟ ସେୟାରହୋଲ୍ଡରଙ୍କ ସଂଖ୍ୟା ୭୯.୮ ଲକ୍ଷ ରହିଛି। ମୁମ୍ବାଇସ୍ଥିତ ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେ୍ (ଏନଏସଇ) ରେ ଜିଓର ଲିଷ୍ଟିଂ ଅବସରରେ ପାରମ୍ପରିକ ବେଲ୍-ରିଙ୍ଗିଂ ସମାରୋହ ଆୟୋଜନ କରାଯାଇଥିଲା। ଏହି ସମାରୋହରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଅଧ୍ୟକ୍ଷ ମୁକେଶ ଅମ୍ବାନୀ, ନୀତା ଅମ୍ବାନୀ, ଆକାଶ ଅମ୍ବାନୀ, ଈଶା ଅମ୍ବାନୀ ଏବଂ ଅନନ୍ତ ଅମ୍ବାନୀ ଯୋଗ ଦେଇଥିଲେ। ଲିଷ୍ଟିଂ ପୂର୍ବରୁ ଆକାଶ, ଈଶା ଏବଂ ଅନନ୍ତ ଅମ୍ବାନୀ କାର୍ଯ୍ୟକ୍ରମକୁ ସମ୍ବୋଧିତ କରିଥିଲେ। ଜିଓ ପ୍ଲାଟଫର୍ମସ୍‌ର ପରିଚାଳନା ନିର୍ଦ୍ଦେଶକ ଆକାଶ ଅମ୍ବାନୀ କହିଥିଲେ, 'ଆଜିର ଲିଷ୍ଟିଂ ଆମର ଲକ୍ଷ୍ୟସ୍ଥଳ ନୁହେଁ, ବରଂ ଏକ ନୂଆ ଆରମ୍ଭ। ଆମେ ମୁକ୍ତ ଭାବେ ଆଲୋଚନା କରିବୁ, ନିଜ ପ୍ରତିଶ୍ରୁତି ପାଳନ କରିବୁ ଏବଂ ନିଜ କାର୍ଯ୍ୟ ମାଧ୍ୟମରେ ଆପଣଙ୍କ ବିଶ୍ୱାସ ଜିତିବୁ।' ଏହି ଲିଷ୍ଟିଂର ଅନ୍ୟ ଏକ ବିଶେଷ ଦିଗ ହେଉଛି, ମାର୍କେଟ୍ କ୍ୟାପ୍ ଦୃଷ୍ଟିରୁ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଏବଂ ଜିଓ ପ୍ଲାଟଫର୍ମସ୍ ଦେଶର ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସର୍ବାଧିକ ମୂଲ୍ୟବାନ ତାଲିକାଭୁକ୍ତ କମ୍ପାନି ହୋଇପାରିଛି'। ଏହି ଦୁଇଟି କମ୍ପାନିର ମିଳିତ ବଜାର ମୂଲ୍ୟ ଟାଟା ସମୂହର ସମସ୍ତ ତାଲିକାଭୁକ୍ତ କମ୍ପାନିର ମୋଟ ମାର୍କେଟ୍ କ୍ୟାପ୍ ଠାରୁ ମଧ୍ୟ ୩.୧ ଲକ୍ଷ କୋଟି ଟଙ୍କା ଅଧିକ ରହିଛି। ଏହିପରି ଭାବେ ଜିଓର ପ୍ରବେଶ କେବଳ ଦେଶର ସର୍ବାଧିକ ମୂଲ୍ୟବାନ କମ୍ପାନିଗୁଡ଼ିକର ରାଙ୍କିଂ ନୁହେଁ, ବରଂ ବଡ଼ ବ୍ୟବସାୟିକ ସମୂହଗୁଡ଼ିକର ରାଙ୍କିଙ୍ଗକୁ ମଧ୍ୟ ବଦଳାଇ ଦେଇଛି। ଏହି ତୁଳନା ବ୍ୟବସାୟିକ ସମୂହଗୁଡ଼ିକର ତାଲିକାଭୁକ୍ତ କମ୍ପାନିଗୁଡ଼ିକର ମିଳିତ ବଜାର ପୁଞ୍ଜିକରଣ (ମାର୍କେଟ୍ କ୍ୟାପିଟାଲାଇଜେସନ୍) ଆଧାରରେ କରାଯାଇଛି। ରିଲାଏନ୍ସ ସମୂହର ମାର୍କେଟ୍ କ୍ୟାପ୍ ହିସାବ କରିବା ସମୟରେ ଜିଓ ଫାଇନାନ୍ସିଆଲ୍ ସର୍ଭିସେସ୍‌କୁ ସାମିଲ କରାଯାଇନାହିଁ।

# ମୋରପେନ୍ ଦ୍ୱିତୀୟ ତ୍ରୈମାସିକରେ ରେକର୍ଡ ରାଜସ୍ୱ ୭୫୫ କୋଟି ଟଙ୍କା

ଭୁବନେଶ୍ୱର, ୨୮।୧୦ (ନି.ପ୍ର) : ମୋରେପେନ୍ ଲାବୋରେଟୋରିଜ୍ ଲିମିଟେଡ୍ ଆଜି ସେପ୍ଟେମ୍ବର ୩୦, ୨୦୨୬ ରେ ଶେଷ ହୋଇଥିବା ତ୍ରୈମାସିକ ଏବଂ ଅର୍ଦ୍ଧ ବର୍ଷ ପାଇଁ ଏହାର ଆର୍ଥିକ ଫଳାଫଳ ଘୋଷଣା କରିଛି, ଯାହା କ୍ରମାଗତ ଦ୍ୱିତୀୟ ତ୍ରୟମାସରେ ରେକର୍ଡ ରାଜସ୍ୱ ଏବଂ ଆୟ ରିପୋର୍ଟ କରିଛି। ସେପ୍ଟେମ୍ବର ୩୦, ୨୦୨୬ ରେ ଶେଷ ହୋଇଥିବା ଦ୍ୱିତୀୟ ତ୍ରୟମାସରେ କମ୍ପାନୀର ବିକ୍ରୟ ରାଜସ୍ୱ ୮୧ ପ୍ରତିଶତ ବୃଦ୍ଧି ପାଇ ୭୫୫ କୋଟି ଟଙ୍କା, ଇବିଆଇଟିଡିଏ ୨୭୩ ପ୍ରତିଶତ ବୃଦ୍ଧି ପାଇ ୧୩୨ କୋଟି ଟଙ୍କା ଏବଂ ଟିକସ ପରେ ଲାଭ (ପିଏଟି) ୧୧୭ ପ୍ରତିଶତ ବୃଦ୍ଧି ପାଇ ୮୯ କୋଟି ଟଙ୍କାରେ ପହଂଚିଛି। ତ୍ରୟମାସରେ ଇବିଆଇଟିଡିଏ ମାର୍ଜିନ




୧୭.୪୫ ପ୍ରତିଶତକୁ ବୃଦ୍ଧି ପାଇଛି । ଏହି ପ୍ରଦର୍ଶନ ଉପରେ ମନ୍ତବ୍ୟ ଦେଇ ମୋରେପେନ୍ ଲାବୋରେଟୋରିଜ୍ ଲିମିଟେଡ୍ ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀ ସୁଶୀଲ ସୁରୀ କହିଛନ୍ତି: 'କ୍ୟୁ୨ ମୋରପେନର ପରିବର୍ତ୍ତନରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପକୁ ଚିହ୍ନିତ କରେ । ସିଡିଏମ୍‌ଓ ଅର୍ଥପୂର୍ଣ୍ଣ ବାଣିଜ୍ୟିକ ସ୍କେଲକୁ ଗତି କରିଛି, ଆମର ଏପିଆଇ ପୋର୍ଟଫୋଲିଓ ଅଧିକ ବିଶ୍ୱସ୍ତରୀୟ ଏବଂ ଉଚ୍ଚ-ମୂଲ୍ୟର ହେବାରେ ଲାଗିଛି ଏବଂ ଚିକିତ୍ସା ଉପକରଣ ଦୃଢ଼ ଭାବରେ ବୃଦ୍ଧି ପାଇବାରେ ଲାଗିଛି । ଏଚ୍୧ ଏଫ୍‌ୱାଇ୨୭ ଇବିଆଇଟିଡିଏ ୨୦୦ କୋଟି ଟଙ୍କା ଅତିକ୍ରମ କରିବା ଆମକୁ କ୍ଷମତା, ସାମର୍ଥ୍ୟ ଏବଂ ଭବିଷ୍ୟତ ଅଭିବୃଦ୍ଧିରେ ବିନିଯୋଗ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଶକ୍ତିଶାଳୀ ଆଧାର ପ୍ରଦାନ କରେ ।' ମୋରେପେନ୍ ଲାବୋରେଟୋରିଜ୍ ଲିମିଟେଡ୍ ର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ସୟ ସୁରୀ କହିଛନ୍ତି: ଗ୍ରାହକ କାର୍ଯ୍ୟକ୍ରମ ଅନୁଯାୟୀ ଆମେ ସିଡିଏମଓ ଅର୍ଡର କାର୍ଯ୍ୟକାରୀ କରୁଥିବାରୁ କ୍ଷମତା ସମ୍ପ୍ରସାରଣର ପ୍ରଥମ ପର୍ଯ୍ୟାୟ ନିର୍ଦ୍ଧାରିତ ସମୟ ପୂର୍ବରୁ ୬୧୪ କେଏଲରେ ଶେଷ ହୋଇଛି । ୮୦୦ କେଏଲ ଆଡକୁ ପରବର୍ତ୍ତୀ ପର୍ଯ୍ୟାୟ ପାଇଁ ସିଭିଲ କାର୍ଯ୍ୟ ଆରମ୍ଭ ହୋଇଛି, ଯାହା ଦ୍ୱିତୀୟ ଆର୍ଥିକ ବର୍ଷ ୨୮ ସୁଦ୍ଧା ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି ।









# ସମ୍ଭାବ୍ୟ ବାତ୍ୟା 'ଅର୍ଣ୍ଣବ' ମୁକାବିଲା ପାଇଁ ପଦ୍ମପୁର ବ୍ଲକରେ ପ୍ରସ୍ତୁତି ଓ ରିଲିଫ୍ ବ୍ୟବସ୍ଥା ସମୀକ୍ଷା କଲେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା

**ରାୟଗଡ, ୨୮।୧୦ (ନି.ପ୍ର):** ସମ୍ଭାବ୍ୟ ବାତ୍ୟା 'ଅର୍ଣ୍ଣବ' ଏବଂ ଏହାର ପ୍ରଭାବରେ ସୃଷ୍ଟି ହେବାକୁ ଥିବା ପ୍ରତିକୂଳ ପାଣିପାଗ ପରିସ୍ଥିତିକୁ ଦୃଷ୍ଟିରେ ରଖି ଓଡ଼ିଶାର ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ରାୟଗଡ ଜିଲ୍ଲାର ପଦ୍ମପୁର ବ୍ଲକ ଗସ୍ତ କରି ବାତ୍ୟା ମୁକାବିଲା ପ୍ରସ୍ତୁତି ଓ ରିଲିଫ୍ ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ଗସ୍ତ ଅବସରରେ ଉପ-ମୁଖ୍ୟମନ୍ତ୍ରୀ ଜୟପଙ୍ଗା ପ୍ରାଥମିକ ବିଦ୍ୟାଳୟରେ ସ୍ଥାପିତ ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳ ପରିଦର୍ଶନ କରିଥିଲେ। ଏଠାରେ ମୁଟୁକୁଣି ଗ୍ରାମରୁ ସ୍ଥାନାନ୍ତରିତ ହୋଇ ଆଶ୍ରୟ ନେଇଥିବା ଲୋକଙ୍କ ସହ ଆଲୋଚନା କରି ସେମାନଙ୍କ ସୁରକ୍ଷା, ସ୍ୱାସ୍ଥ୍ୟ ଓ ଉପଲବ୍ଧ ସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ଏହି ଅବସରରେ ୨୬ ଜଣ ଆଶ୍ରିତଙ୍କୁ ଶୁଖିଲା ରାସନ ପ୍ୟାକେଟ୍ ବଣ୍ଟନ କରିଥିଲେ। ଆଶ୍ରୟସ୍ଥଳରେ ପ୍ରସ୍ତୁତ ଖାଦ୍ୟର ମାନ ନିଜେ ଯାଞ୍ଚ କରିବା ସହ ଆଶ୍ରିତମାନଙ୍କୁ ପର୍ଯ୍ୟାପ୍ତ ଖାଦ୍ୟ, ପାନୀୟ ଜଳ ଓ ଅନ୍ୟାନ୍ୟ ମୌଳିକ ସୁବିଧା ଯୋଗାଇଦେବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ଆଶ୍ରୟସ୍ଥଳରେ ଥିବା ଶିଶୁମାନଙ୍କ ସହ



ଭାବ ବିନିମୟ କରି ସେମାନଙ୍କୁ ଅଙ୍ଗନବାଡ଼ି କେନ୍ଦ୍ରରେ ଶିଖିଥିବା ଗୀତ ଗାଇବାକୁ କହିଥିଲେ। ଉଭଚଢଙ୍କ ସହ ଆଲୋଚନା କରି ମୁଟୁକୁଣି ଗ୍ରାମର ଅଙ୍ଗନବାଡ଼ି କେନ୍ଦ୍ରର ଭିତ୍ତିଭୂମି, କେନ୍ଦ୍ରର ସ୍ଥିତି ଏବଂ ଅଙ୍ଗନବାଡ଼ି କର୍ମୀଙ୍କ ଉପଲବ୍ଧତା ସମ୍ପର୍କରେ ମଧ୍ୟ ପଚାରି ବୁଝିଥିଲେ। ପରବର୍ତ୍ତୀ ସମୟରେ ଉପ-ମୁଖ୍ୟମନ୍ତ୍ରୀ ହରଭଙ୍ଗୀ ଜଳସେଚନ ଡିଭିଜନ ଅନ୍ତର୍ଗତ ବଡ଼ନାଳ ଜଳଭଣ୍ଡାର ପରିଦର୍ଶନ କରି ବର୍ତ୍ତମାନର ଜଳସ୍ତର ଏବଂ ସମ୍ଭାବ୍ୟ ବାତ୍ୟାଜନିତ ବର୍ଷା ପରିସ୍ଥିତିର ସମୀକ୍ଷା କରିଥିଲେ। ଏଥିସହ ଜଳଭଣ୍ଡାର ନିକଟରେ ଏକ ନିରୀକ୍ଷଣ ବଙ୍ଗଳା ନିର୍ମାଣ ପାଇଁ ପ୍ରସ୍ତାବ ପ୍ରସ୍ତୁତ କରିବାକୁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଗସ୍ତ ସମୟରେ ରାୟଗଡ ଜିଲ୍ଲାପାଳ ଶ୍ରୀ ଆଶୁତୋଷ କୁଲକର୍ଣ୍ଣି ଏବଂ ଆରକ୍ଷୀ ଅଧୀକ୍ଷକ ଶ୍ରୀ ରାଜ ପ୍ରସାଦଙ୍କ ସମେତ ଜିଲ୍ଲା ଓ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ବାତ୍ୟା ପରିସ୍ଥିତିରେ ଜନସାଧାରଣଙ୍କ ଜୀବନ ଓ ସମ୍ପତ୍ତିର ସୁରକ୍ଷା, ଆଶ୍ରିତଙ୍କୁ ଆବଶ୍ୟକୀୟ ସହାୟତା ପ୍ରଦାନ ଏବଂ ଜରୁରୀକାଳୀନ ପ୍ରସ୍ତୁତିକୁ ସୁଦୃଢ଼ କରିବା ଉପରେ ଏହି ଗସ୍ତରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା।

# କୋଣାର୍କ ଶ୍ରୀରାମ ମନ୍ଦିରରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ଲୁଟ : ତଦନ୍ତ ଆରମ୍ଭ

**ଗୋପ, ୨୮/୧୦ (ନି.ପ୍ର):** କୋଣାର୍କ ଥାନା ଅଧିନସ୍ଥ କରମଙ୍ଗା ଗ୍ରାମ ସ୍ଥିତ ଶ୍ରୀରାମ ମନ୍ଦିରରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ଓ ସାମଗ୍ରୀ ମଙ୍ଗଳବାର ରାତିରେ ଚୋରି ହୋଇଥିବା ନେଇ ମନ୍ଦିର ପରିଚାଳନା କମିଟିର ସଂପାଦକ କୋଣାର୍କ ଥାନାରେ ଅଭିଯୋଗ ହୋଇଛି। ଖବରରୁ ପ୍ରକାଶ ଯେ କୋଣାର୍କ ଏନଏସି ଅଧିନସ୍ଥ କରମଙ୍ଗା ଗ୍ରାମ ସ୍ଥିତ ଶ୍ରୀରାମ ମନ୍ଦିର ପୂଜକ ସୁଦର୍ଶନ ଦାସ ସବୁଦିନ ପରି ମଙ୍ଗଳବାର ରାତ୍ରି ୮ଘ ୩୦ ମିନିଟ ସମୟରେ ଠାକୁରଙ୍କ ରୀତିନୀତି ସଂପନ୍ନ କରିବା ପରେ ମନ୍ଦିର ପହୁଡ ପକାଇ ମନ୍ଦିରରେ ତାଲା ପକାଇ ଘରକୁ ଯାଇଥିଲେ। ବୁଧବାର ଭୋର ୫ଘ ୪୦ ମିନିଟ ସମୟରେ ପୂଜକ ସୁଦର୍ଶନ ଦାସ ଠାକୁରଙ୍କ ରୀତିନୀତି ପାଇଁ ମନ୍ଦିରରେ ପହଞ୍ଚି ଦେଖିଲେ ଯେ ମନ୍ଦିରର ଦକ୍ଷିଣ ପାର୍ଶରେ ଥିବା ଗ୍ରୀଲ କଟା ଯାଇଥିବା ନେଇ ପରିଚାଳନା କମିଟି କର୍ମକର୍ତ୍ତା ମାନଙ୍କୁ ଅବଗତ କରାଇଥିଲେ। ଏହି ଘଟଣାକୁ ଗୁରୁତ୍ୱ କରି କୋଣାର୍କ ଶ୍ରୀରାମ ମନ୍ଦିର ସଂପାଦକ ସୂର୍ଯ୍ୟ ନାରାୟଣ ନାୟକଙ୍କ ସମେତ କର୍ମକର୍ତ୍ତା ମାନେ ମନ୍ଦିରରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ସମେତ ସାମଗ୍ରୀ ଦୃବର୍ତ୍ତମାନେ ଚୋରି କରି ଫେରାଇ ହୋଇଯାଇଥିବା ନେଇ ବୁଧବାର ପୂର୍ବାହ୍ନ ସମୟରେ କୋଣାର୍କ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ ଦୃବର୍ତ୍ତ ମାନେ ଶ୍ରୀରାମ ମନ୍ଦିର ଦକ୍ଷିଣ ପାର୍ଶ୍ୱରେ ଥିବା ଲୁହା ଗ୍ରୀଲ ଭାଙ୍ଗି ରାମ ଲକ୍ଷ୍ମଣ, ସୀତା ଓ ହନୁମାନ ପ୍ରମୁଖ ଚତୁର୍ଦ୍ଧାମୂର୍ତ୍ତିଙ୍କ ୩ ଗୋଟି ମୂଲ୍ୟବାନ ରୂପା ମୁକୁଟ ଯାହାର ଆନୁମାନିକ ମୂଲ୍ୟ ୫ଲକ୍ଷ ଟଙ୍କା, ଠାକୁରଙ୍କ ବାସନ କୁସନ, ମନ୍ଦିରର ଦାନ ବାକ୍ସ ତାଡି ସେଥିରେ ଥିବା ୨୦ ହଜାର ଟଙ୍କା ଚୋରି କରି ଦୃବର୍ତ୍ତମାନେ ମନ୍ଦିରରେ କଳାକନା ବୁଲାଇବା ନେଇ ମନ୍ଦିର ପରିଚାଳନା କମିଟି ପକ୍ଷରୁ କୋଣାର୍କ ଥାନାରେ ଦିଆଯାଇଥିବା ଏତଲାରେ ଉଲ୍ଲେଖ କରାଯାଇଛି। ଏହି ଘଟଣାକୁ ନେଇ କୋଣାର୍କ ଥାନା ପୋଲିସ ପକ୍ଷରୁ ପୁରୀ ସ୍ଥିତ ସାଇଣ୍ଟିଫିକ ଟିମକୁ ଅବଗତ କରାଯିବା ପରେ ଘଟଣା ସ୍ଥଳରେ ପହଞ୍ଚି ସାଇଣ୍ଟିଫିକ ଟିମ ତଦନ୍ତ ଆରମ୍ଭ କରିଛି। ପୁରୀର ସାଇଣ୍ଟିଫିକ୍ ଅଫିସର ଆଦିତ୍ୟ ରଂଜନ ନାୟକ ଓ ଏଏସଆଇ ରମେଶ ଚନ୍ଦ୍ର ବାରିକ ପ୍ରମୁଖ ମନ୍ଦିର ପରିସରରେ ଫଟୋ ଉତ୍ତୋଳନ କରି ବିଭିନ୍ନ ପ୍ରମାଣିକ ତଥ୍ୟ ସଂଗ୍ରହ କରିଥିବା ଜଣାପଡିଛି। କୋଣାର୍କ ପୋଲିସର ରାତ୍ରି କାଳୀନ ପେଟ୍ରୋଲିଂଗ ହେଉ ନ ଥିବାରୁ ଜିଲା ସୁରକ୍ଷା ବ୍ୟବସ୍ଥାର ଫାଇଦା ନେଇ ଦୃବର୍ତ୍ତମାନେ ଏଭଳି ଅଭାବନୀୟ ଘଟଣା ଘଟାଇଥିବା ନେଇ ମନ୍ଦିର ପରିଚାଳନା କମିଟି, ବୁଦ୍ଧିଜୀବୀ ଓ ବରିଷ୍ଠ ନାଗରିକ ମହଲରେ ଆଲୋଚନା ହେଉଛି। ଏହି ସମ୍ବେଦନଶୀଳ ଘଟଣାକୁ ଗୁରୁତ୍ୱ ଆରୋପ କରି କୋଣାର୍କ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ବଣ୍ଡାଘାଟିରେ ଉତ୍କଟ ପାନୀୟ ଜଳ ସଙ୍କଟ

## ଦୂଷିତ ନାଳ ପାଣି ପିଇବାକୁ ବାଧ୍ୟ ହେଉଛନ୍ତି ଆଦିମ ଜନଜାତି

**ମାଲକାନଗିରି, ୨୮/୧୦ (ନି.ପ୍ର) :** ମାଲକାନଗିରି ଜିଲ୍ଲା ଖୈରପୁଟ ବ୍ଲକ୍ ଅଣ୍ଡ୍ରାହାଲ୍ ପଞ୍ଚାୟତର ସିସାସାହି ଗ୍ରାମରେ ପାନୀୟ ଜଳର ଉତ୍କଟ ସମସ୍ୟା ଦେଖାଦେଇଛି। ଆଦିମ ବଣ୍ଡା ଜନଜାତିର ଲୋକମାନେ ବିଶୁଦ୍ଧ ପାନୀୟ ଜଳ ଟୋପାଏ ପାଇଁ ବର୍ଷ ବର୍ଷ ଧରି ସଂଘର୍ଷ କରୁଛନ୍ତି। ଗାଁରେ ପାନୀୟ ଜଳ ଯୋଗାଣର କୌଣସି ସ୍ଥାୟୀ ବ୍ୟବସ୍ଥା ନାହିଁ। ଯେଉଁ ଦୁଇଟି ନଳକୂପ ରହିଛି, ତାହା ଦୀର୍ଘ ଦିନ ହେବ ଅଚଳ ହୋଇ ପଡ଼ିରହିଛି। ଫଳରେ ଗ୍ରାମବାସୀ ବାଧ ହୋଇ ପ୍ରାୟ ୧ କିଲୋମିଟର ଦୂରରେ ଥିବା ପାହାଡ଼ି ନାଳ ଓ ଝରଣାର ଦୂଷିତ / ଗୋଳିଆ ପାଣି ଆଣି ବ୍ୟବହାର କରୁଛନ୍ତି। ବିଶେଷ କରି ବର୍ଷା ଦିନେ ଏହି ଗୋଳିଆ ପାଣି ବ୍ୟବହାର କରିବା ଦ୍ୱାରା ଗ୍ରାମବାସୀ କାଶ, ଥଣ୍ଡା, ଜ୍ୱର ଓ ବାନ୍ତି-ଝାଡ଼ା ଭଳି ନାନାଦି ଜଳବାହିତ ରୋଗରେ ଆକ୍ରାନ୍ତ ହେଉଥିବା ଅଭିଯୋଗ କରିଛନ୍ତି। ନଥିପତ୍ରରେ ଯୋଜନା, ବାସ୍ତବରେ ଶୂନ୍ୟ: ସରକାରୀ ତଥ୍ୟ ଅନୁସାରେ, ଅଣ୍ଡ୍ରାହାଲ୍ ପଞ୍ଚାୟତ ଅଧୀନରେ ୪୧ଟି ନଳକୂପ,



୧୫ଟି ସୋଲାର ଚଡଝ (Piped Water Supply) ପ୍ରକଳ୍ପ ଏବଂ ୯ଟି ଝରଣା ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଛି। ହେଲେ ବାସ୍ତବରେ ଅଧିକାଂଶ ପ୍ରକଳ୍ପ ଅଚଳ ହୋଇପଡ଼ିଥିବାରୁ ଏହାର ସୁଫଳ ଗ୍ରାମବାସୀଙ୍କୁ ମିଳିପାରୁନାହିଁ। ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ବାରମ୍ବାର ଗୁହାରି କରିଥିଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଇ ନାହିଁ। ଗୋଟିଏ ପଟେ ସରକାର ବଣ୍ଡା ଜନଜାତିଙ୍କ ବିକାଶ ପାଇଁ କୋଟି କୋଟି ଟଙ୍କାର ଯୋଜନା କରୁଥିବା ବେଳେ, ଅନ୍ୟପଟେ ସିସାସାହି ଗ୍ରାମବାସୀ ମୌଳିକ ପାନୀୟ ଜଳ ସୁବିଧାରୁ ବଞ୍ଚିତ ହେବା ସରକାରୀ ଯୋଜନାର ଅସଲ ଚେହେରାକୁ ପଦାରେ ପକାଇଛି। କେବେ ଏହି ଆଦିମ ଜନଜାତିଙ୍କ ପାନୀୟ ଜଳ ସମସ୍ୟାର ସ୍ଥାୟୀ ସମାଧାନ ହେଉଛି, ତାହା ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ବିଦେଶୀ ମଦ ଜବତ, ଜଣେ ଗିରଫ

**ବଳଙ୍ଗା, ୨୮।୧୦ (ନି.ପ୍ର):** ମଙ୍ଗଳବାର ରାତିରେ ବଳଙ୍ଗା ଥାନା ପୋଲିସ ପକ୍ଷରୁ ରେସିଙ୍ଗା ଛକରେ ଥିବା ଏକ ପାନ ଦୋକାନରେ ଚଢ଼ଉ କରାଯାଇ ବିଦେଶୀ ମଦ ଜବତ କରାଯିବା ସହ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେ ହେଲା ରେସିଙ୍ଗା ଗ୍ରାମର ସୁନିଲ କାନ୍ତ ଚମ୍ପତି । ସୂଚନା ମୁତାବକ ଗତକାଲି ରାତିରେ ରେସିଙ୍ଗା ଛକରେ ଥିବା ପାନ ଦୋକାନରେ ଅଭିଯୁକ୍ତ ଚୋରା ମଦ କାରବାର କରୁଥିବା ନେଇ ବଳଙ୍ଗା ଥାନା ଆଇ ଆଇ ସି ସସ୍ମିତା ସାହୁଙ୍କୁ ସୂଚନା ମିଳିଥିଲା। ସୂଚନା ଆଧାରରେ ଥାନା ଏସ ଆଇ ଶୁଭଲକ୍ଷ୍ମୀ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ପୋଲିସ ଟିମ ଘଟଣା ସ୍ଥଳରେ ପହଞ୍ଚି ଦୋକାନରେ ଚଢ଼ଉ କରି ସୁନିଲକୁ କାବୁ କରିବା ସହ ଦୋକାନରୁ ୩୧ବୋତଲ ବିଦେଶୀ ମଦକୁ ଜବତ କରିଥିଲେ। ଏନେଇ ଥାନାରେ ଏକ ଅବକାରୀ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

# ରାଷ୍ଟ୍ରୀୟ ଏକତା ଦିବସ ପାଳନ ପାଇଁ ଏକତା ନଗର ଅଭିମୁଖେ ପ୍ରତିନିଧି ଦଳର ଯାତ୍ରା

## ଉପମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସବୁଜ ପତାକା ପ୍ରଦର୍ଶନ କରି ଶୁଭାରମ୍ଭ

**ରାୟଗଡ, ୨୮।୧୦ (ନି.ପ୍ର) :** ଗୁଜରାଟର ଏକତା ନଗରଠାରେ ଅକ୍ଟୋବର ୩୦ ଓ ୩୧ ତାରିଖରେ ଆୟୋଜିତ ହେବାକୁ ଥିବା ରାଷ୍ଟ୍ରୀୟ ଏକତା ଦିବସ ପାଳନ ନିମନ୍ତେ ରାୟଗଡ଼ ରେଳ ଷ୍ଟେସନଠାରୁ ୧୬୦ ଜଣ ପ୍ରତିନିଧିଙ୍କ ଯାତ୍ରାକୁ ଆଜି ମାନ୍ୟବର ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଓ ପର୍ଯ୍ୟଟନ



ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ପ୍ରତିନିଧିମାନଙ୍କୁ ଉତ୍ତରୀୟ ଓ ପୁଷ୍ପ ପ୍ରଦାନ କରି ଶୁଭେଚ୍ଛା ଜଣାଇଥିଲେ। ରାୟଗଡ଼, କୋରାପୁଟ ଓ ମାଲକାନଗିରି ଜିଲ୍ଲାରୁ ପ୍ରତ୍ୟେକ ୫୦ ଜଣ ଲେଖାଏଁ ପ୍ରତିନିଧି ଏବଂ ମୋଟ ୧୦ ଜଣ ନୋଡାଲ୍? ଅଧିକାରୀ ଏହି ଜାତୀୟସ୍ତରୀୟ ଉତ୍ସବରେ ଯୋଗଦେବା ପାଇଁ ଯାତ୍ରା କରିଛନ୍ତି। ଏହିପରି ମୋଟ ୧୬୦ ଜଣ ପ୍ରତିନିଧି ରାୟଗଡ଼ ରେଳ ଷ୍ଟେସନରୁ ସ୍ୱତନ୍ତ୍ର ଟ୍ରେନ୍‌ରେ ଏକତା ନଗର ଅଭିମୁଖେ ଯାତ୍ରା କରିଛନ୍ତି। ଏହି ଅବସରରେ ଓଡ଼ିଶାରୁ ପ୍ରାୟ ୧,୦୦୦ ଜଣ ପ୍ରତିନିଧି ଏକତା ନଗର ଗସ୍ତ କରି ଉତ୍ସବରେ ଅଂଶଗ୍ରହଣ କରିବେ। ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ଆୟୋଜିତ ଏହି ଉତ୍ସବ ଜାତୀୟ ଏକତା, ଅଖଣ୍ଡତା ଓ ଭାଇଚାରାର ଭାବନାକୁ ସୁଦୃଢ଼ କରିବା ସହ ଶାନ୍ତି, ସୁରକ୍ଷା, ଜାତୀୟ ସଂହତି ଓ ସମାବେଶୀ ବିକାଶର ଗୁରୁତ୍ୱକୁ ପ୍ରତିପାଦିତ କରିବ ଏବଂ 'ନକ୍ସଲମୁକ୍ତ ଭାରତ' ଗଠନର ଲକ୍ଷ୍ୟକୁ ସୁଦୃଢ଼ କରିବ। ଏହି ଅବସରରେ ରାୟଗଡ଼ ଜିଲ୍ଲାପାଳ ଶ୍ରୀ ଆଶୁତୋଷ କୁଲକର୍ଣ୍ଣି, ଆରକ୍ଷୀ ଅଧୀକ୍ଷକ ଶ୍ରୀ ରାଜ ପ୍ରସାଦ, ଝଉଉ ଅଧକ୍ଷ ଶ୍ରୀ ବିଦ୍ୟାଧର ସବର, ଝଉଉ ଉପାଧକ୍ଷା ଶ୍ରୀମତୀ ମଞ୍ଜୁଳା ମିନିଆକାଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଓ ସମାଜସେବୀମାନେ ଉପସ୍ଥିତ ଥିଲେ। କୋରାପୁଟ ଓ ମାଲକାନଗିରି ଜିଲ୍ଲାରୁ ଆସିଥିବା ପ୍ରତିନିଧିମାନଙ୍କ ରହଣି ପାଇଁ ରାୟଗଡ଼ସ୍ଥିତ ଅଶୋକ କଲ୍ୟାଣ ମଣ୍ଡପରେ ଏବଂ ରାୟଗଡ଼ ଜିଲ୍ଲାର ପ୍ରତିନିଧିମାନଙ୍କ ପାଇଁ ବିଜୁ ପଟ୍ଟନାୟକ ଅଡିଟୋରିୟମ୍‌ରେ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇଥିଲା।

# ମୃତା ନାବାଳିକାଙ୍କ ପରିବାରକୁ ଭେଟିଲେ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧକ୍ଷା ଓ ରାଜ୍ୟ ମହିଳା କମିଶନର ଅଧକ୍ଷା

**ଜଳେଶ୍ୱର,୨୮/୧୦(ନି.ପ୍ର) :** ଜଳେଶ୍ୱର ଥାନା ଅନ୍ତର୍ଗତ ନାମ୍ପୋ ଫାଣ୍ଡି ଅଧୀନ ପଶ୍ଚିମବାର୍ଡ ପଞ୍ଚାୟତର ଦେବକୁମାର ଗ୍ରାମର ଜୈନକ ୧୪ ବର୍ଷ ନାବାଳିକାଙ୍କୁ ପ୍ରଥମେ ଅପହରଣ, ପରେ ଗଣଦୁଷ୍କର୍ମ ଓ ଶେଷରେ ହତ୍ୟା କରିବା ଘଟଣାରେ ପୀଡ଼ିତାର ପରିବାରକୁ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧକ୍ଷା ବବିତା ପାତ୍ର ଓ ସଭ୍ୟା ସୁଜାତା ନାୟକ ଆଜି ଅପରାହ୍ନରେ ତାର ବାସଭବନରେ ଭେଟି ସାନ୍ତ୍ୱନା ଦେଇଥିଲେ।ଏହି ଘଟଣାରେ ଏକ ମାମଲା ୧୪୭/୨୦୨୬ ଆୟୋଗ ନିକଟରେ ରୁଜୁ ହୋଇଥିବାରୁ ସେହି ଘଟଣା ସମ୍ପର୍କରେ ଅଧିକ ତଦନ୍ତ ପାଇଁ ଅଧକ୍ଷା ଶ୍ରୀମତୀ ପାତ୍ର ପୀଡ଼ିତାର ପିତା, ମାତା ଓ ବଡ ଭଉଣୀ ପାଖରୁ ସବିଶେଷ ତଥ୍ୟ ସଂଗ୍ରହ



କରିଥିଲେ।ପରିବାରର ସୁରକ୍ଷା ପାଇଁ ଖୁବ୍ ଶୀଘ୍ର ପୀଡ଼ିତାଙ୍କ ଘର ସମ୍ମୁଖରେ ପୋଲିସ ମୁତୟନ କରାଯିବା ସହିତ ୩ ମାସ ଭିତରେ ଚାର୍ଜ ସିଟ୍ ପ୍ରସ୍ତୁତ କରିବା ପାଇଁ ଉପସ୍ଥିତ ପୋଲିସ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପରେଶ ରାଉତ,ଜଳେଶ୍ୱର ଏସ. ଡି .ପି.ଓ ସୁରେଶ ତ୍ରିପାଠୀ ଓ ଡି.ଏସ.ପି ଚାନ୍ଦମଣି ସିଂ ଙ୍କୁ ନିର୍ଦ୍ଦେଶ ଦେଇଥିଲେ।ଏହି ଘଟଣା ସହିତ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ମଧ୍ୟ ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି ଶ୍ରୀମତୀ ପାତ୍ର ସୂଚନା ଦେଇଥିଲେ।ଏହି ଘଟଣାର ଯେପରି ପୁନରାବୃତ୍ତି ନ ହୁଏ,ସେଥିପ୍ରତି ରାଜ୍ୟ ସରକାର ସଚେତନ ଅଛନ୍ତି ବୋଲି ସେ ସୂଚନା ଦେଇଥିଲେ। ପୂର୍ବରୁ ଚର୍ଚ୍ଚିତ ଜଳେଶ୍ୱର ନାବାଳିକା ଦୁଷ୍କର୍ମ ଓ ବିଭତ୍ସ ହତ୍ୟା ଘଟଣାକୁ ନେଇ ରାଜ୍ୟ ମହିଳା କମିଶନର ଅଧକ୍ଷା ଶୋଭନା ମହାନ୍ତି ଉଦବେଗ ପ୍ରକାଶ କରିବା ସହିତ ଆଜି ପୀଡ଼ିତାଙ୍କ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି। ଏହି ଘଟଣାକୁ ସେ ଦୃଢ଼ ନିନ୍ଦା କରିବା ସହ ଫାଷ୍ଟଟ୍ରାକ୍ କୋର୍ଟରେ ବିଚାର ଏବଂ ଦୋଷୀକୁ କଠୋର ଦଣ୍ଡ ଦେବାକୁ ଦାବି କରିଛନ୍ତି। ମୁଖ୍ୟ ଅଭିଯୁକ୍ତ ଗିରଫ ହୋଇସାରିଛି ଏବଂ ପୀଡ଼ିତାଙ୍କ ପରିବାରକୁ ସରକାରୀ କ୍ଷତିପୂରଣ ଯୋଗାଇଦିଆଯିବ ବୋଲି ସେ ପ୍ରକାଶ କରିଛନ୍ତି ।ଆଗାମୀ ଦିନରେ ମହିଳାଙ୍କ ସୁରକ୍ଷା ପାଇଁ ପୋଲିସ ପେଟ୍ରୋଲିଂ ବୃଦ୍ଧି, ବିଭିନ୍ନ ଛକ ନିକଟରେ ସିସିଟିଭି ଲଗାଇବା ଏବଂ ସ୍କୁଲ ,କଲେଜ ଗୁଡ଼ିକରେ ସଚେତନତା କାର୍ଯ୍ୟକ୍ରମ କରାଯିବ ବୋଲି ସେ ସୂଚନା ଦେଇଛନ୍ତି ।କଡ଼ା ପୋଲିସ ସୁରକ୍ଷା ମଧ୍ୟରେ ଉଭୟ କମିଶନର ଅଧକ୍ଷା ପଶ୍ଚିମବାର୍ଡ ପଞ୍ଚାୟତର ଦେବକୁମାର ଗ୍ରାମର ନାବାଳିକାର ଘରକୁ ଆସିଥିଲେ।

# ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, କଟକ ବିଭାଗ ପକ୍ଷରୁ ଶତାବ୍ଦୀ ଶତକଣ୍ଠ ଗାୟନ କାର୍ଯ୍ୟକ୍ରମ 'ସ୍ୱର ସଙ୍ଗମ' ଆୟୋଜିତ

**କଟକ, ୨୮।୧୦ (ନି.ପ୍ର):** ସଂଘ ଶତାବ୍ଦୀ ବର୍ଷ ଅବସରରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, କଟକ ବିଭାଗ ତରଫରୁ ଶତାବ୍ଦୀ ଶତକଣ୍ଠ ଗାୟନ କାର୍ଯ୍ୟକ୍ରମ: "ସ୍ୱର ସଙ୍ଗମ" କଟକସ୍ଥିତ ସାରଳା ଭବନଠାରେ ଆୟୋଜନ କରାଯାଇଥିଲା । ଏଥିରେ କଟକ, ଜଗତସିଂହପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାର ଶହେ ଜଣ ସ୍ୱୟଂସେବକ ୧୦୦ରୁ ଅଧିକ ଦେଶଭକ୍ତି ଗୀତ ବ୍ୟକ୍ତିଗତ ଭାବେ ବିଭିନ୍ନ ତାଳରେ ବାଦ୍ୟଯନ୍ତ୍ର ସହ ଗାଇବା ସହ ଅନେକ ସାମୁହିକ ଗୀତ ମଧ୍ୟ ଗାଇଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୀତିକାର ଶ୍ରୀଯୁକ୍ତ ଦିଲ୍ଲିପ କୁମାର ଜେନା, ଅଧକ୍ଷ ରୂପେ ବିଭାଗ ସଂଘଚାଳକ ଡ. ଗୌତମ ମହାରଣା ଓ ମୁଖ୍ୟବକ୍ତା ଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ଓଡ଼ିଶା ପୂର୍ବ ପ୍ରାନ୍ତର ପ୍ରାନ୍ତ କାର୍ଯ୍ୟବାହ ଡ. ଅନିଲ କୁମାର ମିଶ୍ର ଯୋଗ ଦେଇଥିଲେ । ସହ ପ୍ରାନ୍ତ ପ୍ରଚାରକ ଶ୍ରୀମାନ ଅସିତ୍ କୁମାର ସାହୁ ଓ ସହ ପ୍ରାନ୍ତ ବୌଦ୍ଧିକ ପ୍ରଶିକ୍ଷଣ ପ୍ରମୁଖ ଶ୍ରୀଯୁକ୍ତ ବିଶ୍ୱମ୍ଭର ପାଣି ମଧ୍ୟ ଯୋଗଦେଇଥିଲେ । ମୁଖ୍ୟଅତିଥି ଶ୍ରୀଯୁକ୍ତ ଜେନା- "ସଙ୍ଗୀତ ଏକ ନୈସର୍ଗିକ ବିଭବ, ବେଦର ଅଂଶ



ବିଶେଷ, ପ୍ରକୃତିଠାରୁ ଆରମ୍ଭ କରି ଜୀବଜଗତର ସମସ୍ତ ପ୍ରାଣୀମାନଙ୍କ ଜୀବନଙ୍କୁ ସରସ ସୁନ୍ଦର ଓ ମଧୁମୟ କରି ଗଢି ତୋଳିବାର ଇଶ୍ୱରଙ୍କର ଏକ ଅନବଦ୍ୟ ସୃଷ୍ଟି " ବୋଲି ନିଜ ବକ୍ତବ୍ୟରେ କହିଥିଲେ । ସେହିଭଳି ଭାବେ ମୁଖ୍ୟବକ୍ତା ଡ. ମିଶ୍ର -"ସଙ୍ଗୀତ କେବଳ ମନୋରଞ୍ଜନ କରେ ନାହିଁ । ଏହା ସଂସ୍କାର, ଧ୍ୟାନ, ଶାରୀରିକ ଓ ମାନସିକ ଶକ୍ତି ପ୍ରଦାନରେ ସହଯୋଗ କରିଥାଏ । ସଙ୍ଗୀତର ଭାଷାକୁ ଦୁନିଆର ସମସ୍ତ ବ୍ୟକ୍ତି ବୁଝି ପାରନ୍ତି । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘରେ ଗୀତ ଗାଇବା କେବଳ ଏକ ପରମ୍ପରା ନୁହେଁ , ଏକ ପ୍ରଭାବଶାଳୀ ମନୋବିଜ୍ଞାନ ଏବଂ ସାଂସ୍କୃତିକ ପ୍ରକ୍ରିୟା । ସ୍ୱୟଂସେବକର ମନ – ମସ୍ତିଷ୍କକୁ ଅନୁଶାସନ , ରାଷ୍ଟ୍ରପ୍ରେମ, ତ୍ୟାଗ ଓ ଆତ୍ମ ସଂପୋଷଣ ଦିଗରେ ପ୍ରବୃତ୍ତ କରିଥାଏ । ଶାଖାରେ ବୋଲାଯାଉଥିବା ଗୀତ ସଙ୍ଗଠନକୁ ଶକ୍ତି ପ୍ରଦାନ କରିଥାଏ ଓ ସମାଜରେ ଏକତା ଭାବନାକୁ ଜାଗ୍ରତ କରିଥାଏ । ଗୀତ ମାଧ୍ୟମରେ ସ୍ୱୟଂସେବକର ମାତୃଭୂମି ପ୍ରତି ପ୍ରେମ ଏବଂ ସମର୍ପଣର ଭାବନା ବୃଦ୍ଧି ହୋଇଥାଏ । ଗୀତର ସ୍ୱର, ଲୟବଦ୍ଧତା ସ୍ୱୟଂସେବକର ଅବଚେତନ ମନକୁ ଗଭୀର ଭାବରେ ପ୍ରଭାବିତ କରି ମାନସିକ ଅନୁଶାସନକୁ ଅଧିକ ମଜଭୁତ କରିଥାଏ" ବୋଲି ନିଜର ବୌଦ୍ଧିକରେ କହିଥିଲେ । ବିଭାଗ କାର୍ଯ୍ୟବାହ ଶ୍ରୀମାନ ଶରତ ଚନ୍ଦ୍ର ସେନ୍ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପସ୍ଥାପନ କରିଥିଲେ । ବିଭାଗ ବୌଦ୍ଧିକ ପ୍ରଶିକ୍ଷଣ ପ୍ରମୁଖ ଶ୍ରୀଯୁକ୍ତ ବିଜୟ କୁମାର ନାୟକ ମଞ୍ଚ ପରିଚାଳନା କରିଥିଲେ । ଇତ୍ୟବସରରେ ଜାତୀୟବାଦୀ କବି ତଥା ଲେଖକ ଶ୍ରୀଯୁକ୍ତ ବିପିନ ବିହାରୀ ରାଉତଙ୍କୁ ତାଙ୍କର ପ୍ରତିଭା ପାଇଁ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ କଟକ ବିଭାଗର ସମସ୍ତ କାର୍ଯ୍ୟକର୍ତ୍ତାମାନେ ପ୍ରୟାସ କରିଥିଲେ ।

# କୋଟି କୋଟି ଟଙ୍କାର ପ୍ରକଳ୍ପ, ତଥାପି ଶୁଖିଲା ଟ୍ୟାପ୍ !

## RWSS ବିଭାଗର କାର୍ଯ୍ୟଦକ୍ଷତାକୁ ନେଇ ଉଠିଲା ପ୍ରଶ୍ନ, ଗ୍ରାମବାସୀଙ୍କ ତଦନ୍ତ ଦାବି

**ମାଲକାନଗିରି, ୨୮/୧୦ (ନି.ପ୍ର) :** ଗ୍ରାମାଞ୍ଚଳର ପ୍ରତ୍ୟେକ ଘରକୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇଦେବା ପାଇଁ ସରକାର କୋଟି କୋଟି ଟଙ୍କା ବ୍ୟୟରେ ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରୁଛନ୍ତି। ହେଲେ ପ୍ରକଳ୍ପ ନିର୍ମାଣ ସତ୍ତ୍ୱେ ଲୋକଙ୍କ ଘରକୁ ପାଣି ପହଞ୍ଚିପାରୁନାହିଁ। ଏହାର ଏକ ଉଦାହରଣ ମାଲକାନଗିରି ଜିଲ୍ଲା କାଳିମେଳା ବ୍ଲକ୍ ?ର ଏମଭି-୬୯ ଗ୍ରାମ। ଗ୍ରାମରେ ଘର ସମ୍ମୁଖରେ ଟ୍ୟାପ୍ ଲାଗିଛି, ପାଇପ୍ ବିଛାଯାଇଛି, ହେଲେ ପାଣି ଆସୁନାହିଁ। ଏହାକୁ ନେଇ ଜଡଝଝ ବିଭାଗର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନ ଉଠାଇବା ସହ ତୁରନ୍ତ ତଦନ୍ତ ଦାବି କରିଛନ୍ତି ଗ୍ରାମବାସୀ। ସରକାରଙ୍କ ପକ୍ଷରୁ ଗ୍ରାମାଞ୍ଚଳର ଲୋକଙ୍କ ଜଳକଷ୍ଟ ଦୂର କରିବା ଲାଗି ମେଗା ପାନୀୟ ଜଳ ପ୍ରକଳ୍ପ ଜରିଆରେ ଏକାଧିକ ପଞ୍ଚାୟତକୁ ଜଳ ଯୋଗାଣର ବ୍ୟବସ୍ଥା କରାଯାଇଛି। ହେଲେ ଏମଭି-୬୯ ଗ୍ରାମରେ ଏହି ଯୋଜନାର ସୁଫଳ ମିଳୁନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପ୍ରକଳ୍ପ ଆରମ୍ଭ ହେବା ଦିନଠାରୁ ଆଜି ପର୍ଯ୍ୟନ୍ତ ଗ୍ରାମକୁ ପାନୀୟ ଜଳ ଯୋଗାଣ ହୋଇନଥିବା ସେମାନେ କହିଛନ୍ତି। ଘର ସମ୍ମୁଖରେ ନିର୍ମିତ କଂକ୍ରିଟ୍ ଷ୍ଟାଣ୍ଡ ପୋଷ୍ଟ ଓ ଟ୍ୟାପ୍



ଏବେ ଅଚଳ ହୋଇ ପଡ଼ିରହିଛି। ପ୍ରକଳ୍ପ ନିର୍ମାଣରେ ବିପୁଳ ଅର୍ଥ ବ୍ୟୟ ହେଉଥିବା ସତ୍ତ୍ୱେ ଲୋକଙ୍କୁ ପାଣି ମିଳୁନଥିବା ଘଟଣା ଜଳଯୋଗାଣ ବ୍ୟବସ୍ଥାର କାର୍ଯ୍ୟକାରିତାକୁ ନେଇ ସନ୍ଦେହ ସୃଷ୍ଟି କରିଛି। ପ୍ରକଳ୍ପରେ କେତେ ଅର୍ଥ ବ୍ୟୟ ହୋଇଛି, ନିର୍ମାଣ କାର୍ଯ୍ୟର ମାନ ଯାଞ୍ଚ ହୋଇଛି କି ନାହିଁ ଏବଂ ଜଳଯୋଗାଣ ବନ୍ଦ ରହିବାର ପ୍ରକୃତ କାରଣ କ'ଣ, ତାହାର ତଦନ୍ତ କରିବାକୁ ଦାବି ହୋଇଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ପାନୀୟ ଜଳ ସମସ୍ୟା ସତ୍ତ୍ୱେ ସମ୍ପୃକ୍ତ ବିଭାଗ ପକ୍ଷରୁ ଏହାର ସମାଧାନ ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯାଉନାହିଁ। ତେବେ ଏହି ସମସ୍ୟା ସମ୍ପର୍କରେ ଜଡଝଝ ବିଭାଗର ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ସାଧାରଣ ଲୋକଙ୍କୁ ପାନୀୟ ଜଳ ଯୋଗାଇବା ସରକାରୀ ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ହୋଇଥିବା ବେଳେ ଏମଭି-୬୯ ଗ୍ରାମରେ ଏହାର ସୁଫଳ ନମିଳିବା ଚିନ୍ତାର ବିଷୟ। ତେଣୁ ଜିଲ୍ଲା ପ୍ରଶାସନ ଓ ଜଡଝଝ ବିଭାଗ ତୁରନ୍ତ ଘଟଣାର ତଦନ୍ତ କରି ଜଳଯୋଗାଣ ବ୍ୟବସ୍ଥା ସ୍ୱାଭାବିକ କରିବା ସହ ଦୋଷତ୍ରୁଟି ଥିଲେ ଦାୟୀ ବ୍ୟକ୍ତିଙ୍କ ବିରୋଧରେ ନିୟମାନୁଯାୟୀ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ପାରାଦୀପ ତୈଳ ବିଶୋଧନାଗାର ଶ୍ରମିକଙ୍କ ଧାରଣା ପ୍ରତ୍ୟାହୃତ

## ସର୍ଖେଲଙ୍କ ଚକ୍ରାନ୍ତ କୁ ଶ୍ରମିକ ନେତା ପ୍ରକାଶ କଲେ ଭଣ୍ଡୁର

**ପାରାଦ୍ୱୀପ, ୨୮।୧୦ (ନି.ପ୍ର):** ଦୀର୍ଘମାସ ଧରି ବକେୟା ରହିଥିବା ସେଟଲମେଣ୍ଟ ଓ ଶ୍ରମିକ ମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ଦାବିକୁ ନେଇ ପାରାଦୀପ ତୈଳ ବିଶୋଧନାଗାରର ମୁଖ୍ୟ ଫାଟକ ସମ୍ମୁଖରେ ସ୍ୱର୍ଗତ ଘନଶ୍ୟାମ ଜେନାଙ୍କ ଶ୍ରମିକ ସଂଘ ତରଫରୁ ଚାଲିଥିବା ଶ୍ରମିକଙ୍କ ଧାରଣା ପ୍ରତ୍ୟାହୃତ ହୋଇଛି। ଶ୍ରମିକ ମାନଙ୍କ ଦାବି ଉପରେ ଆଇଓସିଏଲ୍ କର୍ତ୍ତୃପକ୍ଷ ଶ୍ରମିକଙ୍କ ଦୈନିକ ମଜୁରୀ ୧୩୨ଟଙ୍କା ବୃଦ୍ଧି ହେବା ସହ ୧୮ମାସ ଏରିୟର ପ୍ରଦାନକୁ ଆଇଓସିଏଲ କତୃପକ୍ଷ ମାନି ନେଲା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି । ସ୍ୱର୍ଗତ ଘନଶ୍ୟାମ ଜେନା ଙ୍କ ଶ୍ରମିକ ସଂଘ ଗତ ୨୬ତାରିଖ ଦିନ ଡେପୁଟି ସିଏଲସି ଙ୍କ ଭୁବନେଶ୍ୱର କାର୍ଯ୍ୟାଳୟ ରେ ଆଇଓସିଏଲ କତୃପକ୍ଷ ଙ୍କ ସହ




ଆଲୋଚନା ରେ ଦୈନିକ ୧୭୦ ଟଙ୍କା ବୃଦ୍ଧି କରିବା ନେଇ ପ୍ରସ୍ତାବ ଦେଇଥିବା ବେଳେ ଆଇଓସିଏଲ କତୃପକ୍ଷ କିନ୍ତୁ ୯୦ ଟଙ୍କାରୁ ଉର୍ଦ୍ଧ ଟଙ୍କା ଦେବାକୁ ରାଜି ନହେବା କାରଣରୁ ଆଲୋଚନା ବିଫଳ ହୋଇଥିଲା। ଏଇ ଘଟଣାକୁ ନେଇ ସ୍ୱର୍ଗତ ଘନଶ୍ୟାମ ଜେନା ଙ୍କ ଶ୍ରମିକ ସଂଘ ର ଶହ ଶହ ଶ୍ରମିକ ସେହିଦିନ ଅପରାହ୍ନ ତିନିଟା ସମୟରୁ ଶ୍ରମିକ ମାନେ କାର୍ଯ୍ୟ ବନ୍ଦ କରି ଆଇଓସିଏଲର ମୁଖ୍ୟ ଫାଟକ ସମୁଖରେ ଆନ୍ଦୋଳନକୁ ଓହ୍ଲାଇଥିଲେ। ଘଟଣା ଭିତିରିଆ ବୁଝୁ ବୁଝୁ ଜଣାଯାଏ ମ୍ୟାନେଜମେଣ୍ଟ ବାପି ସରଖେଲଙ୍କ ସହିତ ଭିତିରିଆ ବୁଝାମଣା କରି ବାପି ସରଖେଲଙ୍କ ଶ୍ରମିକ ସଂଘ ସହ ଶହେ ଟଙ୍କାରେ ଚୁକ୍ତିନାମା କରିବା ପାଇଁ ବୁଝାମଣା କରିଥିଲେ। ବାପି ସରଖେଲ କାଳବିଳମ୍ବ ନକରି ତାଙ୍କ ଶ୍ରମିକ ସଂଗଠନର ୱାଟ୍ସଅପ ଗ୍ରୁପରେ ସମସ୍ତ ଶ୍ରମିକ ମାନଙ୍କୁ ଆଧାର କାର୍ଡ ଓ ଗେଟପାସ ର କପି ସଂଘ କାର୍ଯ୍ୟାଳୟ ରେ ପୈଠ କରିବାକୁ ନିର୍ଦ୍ଦେଶ ଦେବା ସହ ଆସନ୍ତା ଦଶଦିନ ମଧ୍ୟରେ ସେଟେଲମେଣ୍ଟ କରିବାକୁ ନିଜ ମନକୁ ମନ ଘୋଷଣା କରିଥିଲେ। ଯାହାକି ଆଇଓସିଏଲ ରେ କାର୍ଯ୍ୟ କରୁଥିବା ପୂର୍ବ ଉପକୂଳ ଶ୍ରମିକ ସଂଘ ର ସଭାପତି ପ୍ରକାଶ ତ୍ରିପାଠୀ ବାପି ସରଖେଲଙ୍କ ଏହି ଭିତିରିଆ ବୁଝାମଣା ଚାଲକୁ ଜାଣିଲା ପରେ ତୁରନ୍ତ ପ୍ରକାଶଙ୍କ ଶ୍ରମିକ ସଂଘ ତରଫରୁ ୨୭ ତାରିଖ ଦିନ ୧୨ ଟାରେ ତୁରନ୍ତ ଧର୍ମଘଟ ପାଇଁ ଡେପୁଟି ସିଏଲସି ଓ ରିଫାଇନାରୀ କର୍ତ୍ତୃପକ୍ଷ ଙ୍କୁ ଚିଠି ମାଧ୍ୟମରେ ଅବଗତ କରାଇଥିଲେ। ଚିଠି ପାଇଲା ପରେ ଆଇଓସିଏଲ କର୍ତ୍ତୃପକ୍ଷ ଓ ପ୍ରଶାସନ ର ନିଦ ହଜାଇ ଦେଇଥିଲା। ଘଟଣା ଉଗ୍ରରୂପ ଧାରଣ କରିବା ଜାଣି ତରବରିଆ ଭାବେ ଆନ୍ଦୋଳନ ରେ ବସିଥିବା ଶ୍ରମିକ ସଂଘ ର ନେତୃମଣ୍ଡଳୀ ଙ୍କୁ ଆଇଓସିଏଲ କର୍ତ୍ତୃପକ୍ଷ ଡକାଇ ସମାଧାନ ର ବାଟ ଫିଟାଇଥିଲେ। ବାପି ସରଖେଲ ଙ୍କ ଶ୍ରମିକ ମାରଣ ନୀତି ଓ ମନ୍ଦ ଉଦେଶ୍ୟ କୁ ପ୍ରକାଶ ସବୁବେଳେ ଦୃଢ ନିନ୍ଦା କରିବାସହ ବିରୋଧ ମଧ୍ୟ କରି ଆସନ୍ତି। ସେଇଭଳି ଆଜିମଧ୍ୟ ସରଖେଲ କରିଥିବା ହୀନ ଚକ୍ରାନ୍ତ କୁ ପ୍ରକାଶ ଙ୍କ ଷ୍ଟ୍ରାଇକ ନୋଟିସ ସରଖେଲଙ୍କ ଅକଳ ଗୁଡୁମ ହୋଇଯିବା ସହ ସବୁ ପଣ୍ଡ କରିଦେଇଥିଲା। ଯାହାକି ଆଇଓସିଏଲ ର ସମସ୍ତ ଶ୍ରମିକ ମାନଙ୍କ ମଧ୍ୟରେ ଚର୍ଚ୍ଚାର ବିଷୟ ପାଲଟିଥିଲା ବେଳେ ବାପି ସରଖେଲଙ୍କୁ ଘୃଣା ଚକ୍ଷୁରେ ଦେଖୁଥିବା ନେଇ ବୋଲି ହେଉଥିବା ଆଲୋଚନା କୁ ଏଡାଇ ଦିଆଯାଇ ନପାରେ।

dishamanthan.com RNI No. ORIORI/20



# ପାରାଦୀପ ଇଫକୋ ୟୁନିଟ୍ ପକ୍ଷରୁ ଦୁର୍ନୀତି ସତର୍କତା ସଚେତନତା ଅଭିଯାନ

## ଦୁର୍ନୀତି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବାକୁ ଆହ୍ୱାନ ଦେଲେ ପୋଲିସ ମହାନିରୀକ୍ଷକ ଡ଼ଃ. ସତ୍ୟଜିତ ନାୟକ

ପାରାଦୀପ,୨୮।୧୦(ନି.ପ୍ର.): ପାରାଦୀପ ଇଫକୋ ୟୁନିଟ ପକ୍ଷରୁ 'ସମୃଦ୍ଧି ପାଇଁ ସାଧୁତା' ବିଷୟବସ୍ତୁ ଉପରେ ଆଧାରିତ ଦୁର୍ନୀତି ସତର୍କତା ସଚେତନତା ଅଭିଯାନ ୨୦୨୬ ଆୟୋଜିତ ହୋଇଯାଇଛି । ସଚ୍‌ଚୋଟତାର ସପଥପାଠ, ସଚେତନତା ଅଭିଯାନ, ପ୍ରତିଯୋଗିତା ଏବଂ କର୍ମଚାରୀ ମାନଙ୍କ ସହ ସେମାନଙ୍କ ପରିବାର ସଦସ୍ୟ ସକ୍ରିୟ ଭାବେ ଅଂଶଗ୍ରହଣ ସହ ଏହି କାର୍ଯ୍ୟକ୍ରମ ପ୍ରତ୍ୟେକ ବ୍ୟକ୍ତିଙ୍କୁ ନୈତିକ ଆଚରଣ ବଜାୟ ରଖିବା ଏବଂ ଦୁର୍ନୀତି ବିରୁଦ୍ଧରେ ସତର୍କ ରହିବାକୁ ଉତ୍ସାହିତ କରିଥିଲା। ପ୍ରତ୍ୟେକ ସ୍ତରରେ ସୁଶାସନ, ଦାୟିତ୍ୱ ସମ୍ପନ୍ନ ଅଭ୍ୟାସ ଏବଂ ସତର୍କତାକୁ ପ୍ରୋତ୍ସାହିତ କରିବା ପାଇଁ ଇଫକୋର ଏକ ଦୁର୍ନୀତିମୁକ୍ତ ସଂଗଠନ ପ୍ରତି ପ୍ରତିବଦ୍ଧତା ସ୍ପଷ୍ଟ ଭାବରେ ପ୍ରତିଫଳିତ ହୋଇଥିଲା । ସଚ୍‌ଚୋଟତାକୁ ଏକ ସହଭାଗୀ ସାଂଗଠନିକ ମୂଲ୍ୟ ଦେଇ, ଇଫକୋ ପାରାଦୀପ ୟୁନିଟ୍ ପୁନଃନିର୍ଦ୍ଦେଶ କରିଛି ଯେ ସଚ୍‌ଚୋଟତା କେବଳ ଏକ ନୀତି ନୁହେଁ ବରଂ ବିଶ୍ୱାସ, ସମୃଦ୍ଧି ଏବଂ ଦୀର୍ଘକାଳୀନ ସାଂଗଠନିକ ଉତ୍କର୍ଷତାର ପଥ। ଅକ୍ଟୋବରରେ ୨୭ ରେ ଇଫକୋର ପରିଚାଳନା ନିର୍ଦ୍ଦେଶକ କେ.ଜେ.ପଟେଲଙ୍କ ଦ୍ୱାରା ସଚ୍‌ଚୋଟତା ପ୍ରତିଜ୍ଞା ପ୍ରଦାନ ସହିତ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହି ପ୍ରତିଶ୍ରୁତି ପରେ,ଇଫକୋ ଅଧ୍ୟକ୍ଷ ଦିଲୀପ ସଂଘାନୀ, ପରିଚାଳନା ନିର୍ଦ୍ଦେଶକ କେ.ଜେ.ପଟେଲ, ଏବଂ ମୁଖ୍ୟ ସତର୍କତା ଅଧିକାରୀ ବିକାଶ ଗୋୟଲ, ଇଫକୋ, କର୍ମଚାରୀ ଏବଂ ଅଂଶଗ୍ରହଣକାରୀଙ୍କୁ ସମ୍ବୋଧିତ କରି ସତର୍କତା ସଚେତନତା ସପ୍ତାହ ଅବସରରେ ସେମାନଙ୍କର ମୂଲ୍ୟବାନ ବାର୍ତ୍ତା ପ୍ରଦାନ କରିଥିଲେ । ସମ୍ମାନିତ ବ୍ୟକ୍ତିମାନେ ବୃତ୍ତିଗତ ଏବଂ ସାର୍ବଜନୀନ ଜୀବନରେ ଦାୟିତ୍ୱ, ସୁଶାସନ ଏବଂ ଦୁର୍ନୀତି ନିବାରଣର ଆବଶ୍ୟକତାକୁ ପୁନରାବୃତ୍ତି କରିଥିଲେ, ଦୁର୍ନୀତି ରୋକିବା ଏବଂ ସୁଶାସନକୁ ପ୍ରୋତ୍ସାହିତ କରିବା




ପାଇଁ ସାମୂହିକ ପ୍ରତିବଦ୍ଧତାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ।

ଇଫକୋ ପାରାଦୀପ ୟୁନିଟରେ ୨୨ ରୁ ୨୮ ଅକ୍ଟୋବର ପର୍ଯ୍ୟନ୍ତ ସଚେତନତା ଅଭିଯାନର ଅଂଶ ସ୍ୱରୂପ, କର୍ମଚାରୀ, ସେମାନଙ୍କ ପରିବାର ଏବଂ ଅନ୍ତେବାସୀଙ୍କୁ ସତର୍କତା ଏବଂ ନୈତିକ ଅଭ୍ୟାସ ବିଷୟରେ ସଚେତନ କରିବା ପାଇଁ ଏକ ଭ୍ରାମ୍ୟମାଣ ସଚେତନତା ରଥ ପ୍ଲାଣ୍ଟ ଏବଂ ଟାଉନସିପ୍ ପରିକ୍ରମା କରିଥିଲା। କର୍ମଚାରୀ ଏବଂ ସେମାନଙ୍କ ଆଶ୍ରିତମାନଙ୍କ ପାଇଁ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା, ଯେଉଁଥିରେ କର୍ମଚାରୀ ଏବଂ ମହିଳାମାନଙ୍କ ପାଇଁ କୁଇଜ୍ ପ୍ରତିଯୋଗିତା, ବକ୍ତୃତା ଏବଂ ପ୍ରବନ୍ଧ ପ୍ରତିଯୋଗିତା, ଡିଏଭି ସ୍କୁଲରେ ପୋଷ୍ଟର ପ୍ରତିଯୋଗିତା ଏବଂ ଇଂରାଜୀ, ହିନ୍ଦୀ ଏବଂ ଓଡ଼ିଆରେ ଏକ ବହୁଭାଷୀ ସ୍ଲୋଗାନ ପ୍ରତିଯୋଗିତା ଅନ୍ତର୍ଭୁକ୍ତ ଥିଲା । ଏହି କାର୍ଯ୍ୟକଳାପ ଗୁଡ଼ିକରେ ଉତ୍ସାହୀ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା ଏବଂ ନୈତିକ ମୂଲ୍ୟବୋଧ ପ୍ରତି ସଚେତନତାକୁ ପ୍ରୋତ୍ସାହିତ କରିବାରେ ସାହାଯ୍ୟ କରିଥିଲା।

୨୮ ଅକ୍ଟୋବରରେ ପାରାଦୀପର ଇଫକୋ ସଂସ୍କୃତି ଭବନରେ ଅନୁଷ୍ଠିତ ସମାପନୀ ସମାରୋହରେ ମୁଖ୍ୟ ଅତିଥି ଭାବରେ ପୋଲିସ ମହାନିରୀକ୍ଷକ ଡକ୍ଟର ସତ୍ୟଜିତ ନାୟକ ଏବଂ ସମ୍ମାନିତ ଅତିଥି ଭାବରେ ଜଗତସିଂପୁରର ପୋଲିସ ଅଧିକ୍ଷକ ଅଙ୍କିତ କୁମାର ବର୍ମା ଯୋଗ ଦେଇ ଦୁର୍ନୀତି ବିରୁଦ୍ଧରେ ଶ୍ୱର ଉତ୍ତୋଳନ କରିବାକୁ ରୋକଠୋକ କହିବାସହ ସମାଜିକ ଜୀବନରେ ବିଶ୍ୱସନୀୟତା, ନ୍ୟାୟ ଏବଂ ନୈତିକ ଦାୟିତ୍ୱର ସଂସ୍କୃତିକୁ ପୋଷଣ କରିବାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲା। ଏହି କାର୍ଯ୍ୟକ୍ରମକୁ ପାରାଦୀପ ୟୁନିଟ୍ ମୁଖ୍ୟ ଅନିରୁଦ୍ଧ ବିକ୍ରମ ସିଂହଙ୍କ ମାର୍ଗଦର୍ଶନ ଏବଂ ପୂର୍ଣ୍ଣ ସମର୍ଥନ ଯୋଗୁଁ ସଫଳ ହୋଇଥିଲା । ବରିଷ୍ଠ ଅଧିକାରୀମାନେ ମଧ ଏହି ଅବସରରେ ଉପସ୍ଥିତ ରହି କର୍ମଚାରୀମାନଙ୍କ ମଧରେ ସତର୍କତା, ସ୍ୱଚ୍ଛତା ଏବଂ ସାଧୁତାକୁ ପ୍ରୋତ୍ସାହିତ କରିବା ପାଇଁ ସେମାନଙ୍କର ପ୍ରତିବଦ୍ଧତା ପ୍ରଦର୍ଶନ କରିଥିଲେ। ସତର୍କତା ଅଧିକାରୀ ରାକେଶ ପାଣ୍ଡେ, ସଚେତନତା କାର୍ଯ୍ୟକଳାପର ସମନ୍ୱୟ କରିଥିଲେ ଏବଂ ସମାପନୀ ସମାରୋହରେ କାର୍ଯ୍ୟକ୍ରମର ସାରାଂଶ ଉପସ୍ଥାପନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ବିଜେତାମାନଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଇଫକୋ ପାରାଦୀପ ୟୁନିଟ୍‌ର ଜନସମ୍ପର୍କ ଅଧିକାରୀ ପ୍ରସନ୍ନ କୁମାର ବେଉରାଙ୍କୁ ସମ୍ମାନିତ କରାଯାଇଥିଲା । ଏନ.ପି.ସିଂହ, ଜେଜିଏମ୍ (ଟେକ୍ନିକାଲ୍)ଙ୍କ ଧନ୍ୟବାଦ ସହିତ କାର୍ଯ୍ୟକ୍ରମ ଶେଷ ହୋଇଥିଲା।'ଏହି ପଦକ୍ଷେପ ଇଫକୋ ପାରାଦୀପ ୟୁନିଟର ସାଂଗଠନିକ ସଂସ୍କୃତିର ଅବିଚ୍ଛେଦ୍ୟ ଉପାଦାନ ଭାବରେ ସତର୍କତା, ସ୍ୱଚ୍ଛତା ଏବଂ ଅଖଣ୍ଡତାକୁ ପ୍ରୋତ୍ସାହିତ କରିବା ପ୍ରତି ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦିଷ୍ଟ କରିଥିଲା।

## ଓଡ଼ିଶାରେ ବାତ୍ୟା ସ୍ଥିତି ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର: ସୃଷ୍ଟି ହୋଇଥିବା ବାତ୍ୟା"ଅର୍ଣ୍ଣବ"ର ଓଡ଼ିଶାରେ ପ୍ରଭାବ ସଂପର୍କିତ ସ୍ଥିତି, ଏହାକୁ ମୁକାବିଲା କରିବା ପାଇଁ ପ୍ରସ୍ତୁତି ଏବଂ ବିପର୍ଯ୍ୟୟ ପରବର୍ତ୍ତୀ ମରାମତି ଓ ପୁନରୁଦ୍ଧାର କାର୍ଯ୍ୟ ସମ୍ପର୍କରେ ସ୍ୱତନ୍ତ୍ର ରିଲିଫ୍ କମିଶନର ( ଏସଆରସି),ଓଡ଼ିଶାଙ୍କ କାର୍ଯ୍ୟାଳୟରେ ରାଜ୍ୟ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଆଜି ସମୀକ୍ଷା କରିଛନ୍ତି । ଏ ସଂପର୍କରେ ଏସଆରସିଶ୍ରୀ ରାଜେଶ ପ୍ରଭାକର ପାଟିଲ, ମୁଖ୍ୟ ଶାସନ ସଚିବଙ୍କୁ ସବିଶେଷ ଅବଗତ କରାଇଥିଲେ। ଏହି ବୈଠକରେ ବାତ୍ୟା ପୂର୍ବ ପ୍ରସ୍ତୁତି ଏବଂ ଜରୁରୀକାଳୀନ ପଦକ୍ଷେପଗୁଡ଼ିକ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା । ବାତ୍ୟାର ପ୍ରଭାବରେ ଲଗାଣ ବର୍ଷା ଯୋଗୁଁ ସମ୍ଭାବ୍ୟ ବିପର୍ଯ୍ୟୟକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁସମସ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ ସଂପର୍କରେ ଏସଆରସି ଙ୍କ ପକ୍ଷରୁ ସୂଚନା ଦିଆଯାଇଥିଲା ।

'ଶୂନ୍ୟ ଜୀବନହାନି' (ତରକ୍ବକ୍ଟ ଉବପ୍ଟଙ୍କବକ୍ଷପ୍ଟଛ) କୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀଙ୍କ ପ୍ରତ୍ୟକ୍ଷ ସମୀକ୍ଷା ଆଧାରରେ ବିପର୍ଯ୍ୟୟ ପ୍ରଶମନ କାର୍ଯ୍ୟ କରାଯାଉଛି।

ସମସ୍ତ ଜିଲ୍ଲା ନିୟନ୍ତ୍ରଣ କକ୍ଷ ୨୪ ଘଣ୍ଟା କାର୍ଯ୍ୟକ୍ଷମ ରହିଥିବା ବେଳେ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି। ପ୍ରଭାବିତ ଅଞ୍ଚଳରେ ସମସ୍ତ ବିଦ୍ୟାଳୟ ଓ ଆଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକୁ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ୮ଟି ପ୍ରଭାବିତ ଜିଲ୍ଲାରେ ୩୨୪ଟି ସକ୍ରିୟ ଆଶ୍ରୟସ୍ଥଳରେ ୩୧,୨୫୫ ଜଣ ଲୋକଙ୍କୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରାଯାଇଛି। ରାଜ୍ୟରେ ମୋଟ ୨,୦୬୭ଟି (୧୪୧ ସ୍ଥାୟୀ + ୧,୯୨୬ ଅସ୍ଥାୟୀ) ଆଶ୍ରୟସ୍ଥଳ ସମ୍ପୂର୍ଣ୍ଣ ପ୍ରସ୍ତୁତ ରଖାଯାଇଛି। ଚିହ୍ନଟ ହୋଇଥିବା ୪,୧୩୯ ଜଣ ଗର୍ଭବତୀ ମହିଳାଙ୍କ ମଧ୍ୟରୁ ୨,୨୪୫ ଜଣଙ୍କୁ ନିକଟସ୍ଥ ହସ୍ପିଟାଲ ଓ ସ୍ୱାସ୍ଥ୍ୟକେନ୍ଦ୍ରକୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରାଯାଇଛି। ସମୁଦ୍ରରୁ ୧୧,୯୫୫ ଓ ଚିଲିକାରୁ ୭,୧୮୮ ଏହିଭଳି ମୋଟ ୧୯,୧୪୩ଟି ମାଛଧରା ଡଙ୍ଗାକୁ ସୁରକ୍ଷିତ ଭାବେ କୂଳକୁ ଅଣାଯାଇଛି। . ଗତ ୨୪ ଘଣ୍ଟା ମଧ୍ୟରେ ଆଜି ସକାଳ ୮.୩୦ ସୁଦ୍ଧା ରାଜ୍ୟରେ ହାରାହାରି ୨୩.୯ ମିମି ବର୍ଷା ରେକର୍ଡ କରାଯାଇଥିବା ବେଳେ ୧୪ଟି ବ୍ଲକ୍ ଏବଂ ୩ଟି ସହରାଞ୍ଚଳରେ ୧୦୦ ମିମିରୁ ଅଧିକ ବର୍ଷା ହୋଇଛି। ସର୍ବାଧିକ ବର୍ଷା ହୋଇଥିବା ବ୍ଲକ୍: କୋରାପୁଟର ପଟାଙ୍ଗି (୧୮୮.୦ ମିମି), ଗଜପତିର ମୋହନା (୧୮୨.୪ ମିମି), ଗଞ୍ଜାମ ବ୍ଲକ୍ (୧୬୧.୪ ମିମି), ଛତ୍ରପୁର (୧୫୪.୬ ମିମି) ଏବଂ ସିମିଳିଗୁଡ଼ା (୧୪୩.୧ ମିମି)। ଜିଲ୍ଲାଗୁଡ଼ିକରେ ହାରାହାରି ବର୍ଷା ମଧ୍ୟରେ ଗଜପତି (୧୨୧.୨ ମିମି), ଗଞ୍ଜାମ (୮୩.୧ ମିମି), କୋରାପୁଟ (୬୧.୦ ମିମି) ଏବଂ ପୁରୀ (୫୪.୨ ମିମି) ରହିଛି । ସାରା ରାଜ୍ୟରେ ମୋଟ ୬୨ଟି ଓଡ୍ରାଫ, ୯ଟି ଏନଡିଆରଏଫ ଏବଂ ୨୪୪ଟି ଅଗ୍ନିଶମ ସେବା ଟିମ୍ ମୁତୟନ ହୋଇଛନ୍ତି। ଏଥିସହିତ ୧,୫୧୦ଟି ପାୱାର ଚେନ୍-ସ', ୨୨୫ଟି ଟୋଇଂ ଟେଣ୍ଡର, ୧୧୦ଟି ଡଙ୍ଗା, ୧୩୫ ଟି ଜଳ ନିଷ୍କାସନ ପମ୍ପ ଓ ୨୨୫ଟି ଟାୱାର ଲାଇଟ୍ ମୁତୟନ ଅଛି। ବାତ୍ୟା ପ୍ରଭାବିତ ୮ଟି ଜିଲ୍ଲା ପାଇଁ ସରକାର ୧୯ କୋଟି ଟଙ୍କାର ରିଲିଫ୍ ସହାୟତା ମଞ୍ଜୁର କରିଛନ୍ତି। ଗଞ୍ଜାମ ଜିଲ୍ଲାକୁ ୫ କୋଟି ଏବଂ ଗଜପତି, ମାଲକାନଗିରି, କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, କଳାହାଣ୍ଡି ଓ କନ୍ଧମାଳକୁ ୨ କୋଟି ଟଙ୍କା ଲେଖାଏଁ ପ୍ରଦାନ କରାଯାଇଛି।

## ପୂର୍ବ ତଟ ରେଳପଥ ପକ୍ଷରୁ ସତର୍କତା କର୍ମଶାଳା ଓ ସେମିନାର

ଭୁବନେଶ୍ୱର,୨୮।୧୦(ନି.ପ୍ର.)::ସତର୍କତା ସଚେତନତା ସପ୍ତାହ-୨୦୨୬ ପାଳନ ଅବସରରେ ପୂର୍ବ ତଟ ରେଳପଥର ସତର୍କତା ଶାଖା ପକ୍ଷରୁ ଭୁବନେଶ୍ୱରସ୍ଥିତ ରେଳ ସଦନଠାରେ ଥିବା ପୂର୍ବ ତଟ ରେଳପଥ ମୁଖ୍ୟାଳୟରେ କର୍ମଶାଳା ଓ ସେମିନାର ଆୟୋଜନ କରାଯାଇଥିଲା। ସରକାରୀ ସେବାରେ ସାଧୁତା, ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଓ ନୈତିକ ଆଚରଣକୁ ପ୍ରୋତ୍ସାହିତ କରିବା ଏହି କାର୍ଯ୍ୟକ୍ରମଗୁଡ଼ିକର ମୁଖ୍ୟ ଉଦ୍ଦେଶ୍ୟ ଥିଲା।

କର୍ମଶାଳାରେ ପୂର୍ବ ତଟ ରେଳପଥର ପ୍ରମୁଖ ମୁଖ୍ୟ ଯନ୍ତ୍ରୀ ଶ୍ରୀ ରାଜେଶ କୁମାର ଶେଖାୱତ ଅଧିକାରୀ ଓ କର୍ମଚାରୀମାନଙ୍କୁ ସମ୍ବୋଧିତ କରିଥିଲେ। ସରକାରୀ କର୍ତ୍ତବ୍ୟ ସମ୍ପାଦନ ସମୟରେ ସାଧୁତା, ସଚ୍‌ଚୋଟତା ଓ ଉତ୍ତରଦାୟିତ୍ୱର ଉଚ୍ଚ ମାନଦଣ୍ଡ ବଜାୟ ରଖିବା ଉପରେ ସେ



ଗୁରୁତ୍ୱାରୋପ କରିଥିଲେ। ଏହାର ପୂର୍ବଦିନ, ଅର୍ଥାତ୍ ୨୭ ଅକ୍ଟୋବର ୨୦୨୬ରେ, ଏକ ସେମିନାର ଆୟୋଜନ କରାଯାଇଥିଲା। ଏଥିରେ ଅବସରପ୍ରାପ୍ତ ଆଇପିଏସ୍ ଅଧିକାରୀ ଶ୍ରୀ ପ୍ରାଣବିନ୍ଦୁ ଆଚାର୍ଯ୍ୟ ଉଦ୍‌ବୋଧନ ଦେଇଥିଲେ। ଉପସ୍ଥିତ ଅଧିକାରୀ ଓ କର୍ମଚାରୀମାନଙ୍କୁ ସମ୍ବୋଧିତ କରି ଶ୍ରୀ ଆଚାର୍ଯ୍ୟ ସରକାରୀ ସେବାରେ ସାଧୁତା, ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଓ ନୈତିକ ଆଚରଣର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏକ ସ୍ୱଚ୍ଛ ଓ ଦୁର୍ନୀତିମୁକ୍ତ କାର୍ଯ୍ୟସଂସ୍କୃତି ଗଠନ ଦିଗରେ ଯୋଗଦାନ ଦେବା ସହ ସାଧୁତାର ଉଚ୍ଚ ମାନଦଣ୍ଡ ବଜାୟ ରଖିବାକୁ ସେ ରେଳ ଅଧିକାରୀ ଓ କର୍ମଚାରୀମାନଙ୍କୁ ଆହ୍ୱାନ ଦେଇଥିଲେ। ୨୦୨୬ ଅକ୍ଟୋବର ୨୬ରୁ ନଭେମ୍ବର ୧ ପର୍ଯ୍ୟନ୍ତ ସତର୍କତା ସଚେତନତା ସପ୍ତାହ ପାଳନ କରାଯାଉଛି। ଚଳିତ ବର୍ଷର ବିଷୟବସ୍ତୁ "ସମୃଦ୍ଧି ପାଇଁ ସତ୍ୟନିଷ୍ଠା" ରହିଛି। ଏହି ବିଷୟବସ୍ତୁ ଜନସାଧାରଣଙ୍କ ଆସ୍ଥା ସୁଦୃଢ଼ କରିବା, ସୁଶାସନକୁ ପ୍ରୋତ୍ସାହିତ କରିବା ଏବଂ ଦୁର୍ନୀତି ନିବାରଣ କ୍ଷେତ୍ରରେ ସାଧୁତା ଓ ନୈତିକ ଆଚରଣର ଗୁରୁତ୍ୱକୁ ପ୍ରତିଫଳିତ କରେ।ଏହି ଦୁଇଟି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା ରେଳ କର୍ମଚାରୀମାନଙ୍କ ମଧ୍ୟରେ ସତର୍କତା ସମ୍ପର୍କିତ ସଚେତନତା ବୃଦ୍ଧି କରିବା ସହ କର୍ତ୍ତବ୍ୟ ସମ୍ପାଦନ ସମୟରେ ନିରପେକ୍ଷତା, ପକ୍ଷପାତହୀନତା ଓ ଦାୟିତ୍ୱବୋଧ ବଜାୟ ରଖିବାକୁ ଉତ୍ସାହିତ କରିବା। ଏହି କାର୍ଯ୍ୟକ୍ରମଗୁଡ଼ିକରେ ବିଭିନ୍ନ ବିଭାଗର ପ୍ରମୁଖ ବିଭାଗମୁଖ୍ୟ, ସତର୍କତା ବିଭାଗର ଅଧିକାରୀ ଓ କର୍ମଚାରୀଙ୍କ ସମେତ ଅନ୍ୟ ବରିଷ୍ଠ ରେଳ ଅଧିକାରୀ ଓ କର୍ମଚାରୀମାନେ ଯୋଗଦେଇଥିଲେ।ଏଭଳି ପଦକ୍ଷେପ ମାଧ୍ୟମରେ ପୂର୍ବ ତଟ ରେଳପଥ ରେଳ ପ୍ରଶାସନରେ ସାଧୁତା, ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱର ସର୍ବୋଚ୍ଚ ମାନଦଣ୍ଡ ବଜାୟ ରଖିବା ସହ ଏକ ନୈତିକ ଓ ଦୁର୍ନୀତିମୁକ୍ତ କାର୍ଯ୍ୟ ପରିବେଶ ଗଠନ ପ୍ରତି ନିଜର ପ୍ରତିବଦ୍ଧତାକୁ ପୁନର୍ବାର ଦୋହରାଉଛି ।

# ରାୟଗଡ଼ରେ ସମ୍ଭାବ୍ୟ ବାତ୍ୟା 'ଅର୍ଣ୍ଣବ' ମୁକାବିଲା ପ୍ରସ୍ତୁତିର ସମୀକ୍ଷା କଲେ ଉପମୁଖ୍ୟମନ୍ତ୍ରୀ

ରାୟଗଡ଼,୨୮।୧୦(ନି.ପ୍ର.): ଆଜି ରାୟଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ମାନ୍ୟବର ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଓ ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ାଙ୍କ ଉପସ୍ଥିତିରେ ସମ୍ଭାବ୍ୟ ବାତ୍ୟା 'ଅର୍ଣ୍ଣବ'ର ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନର ପ୍ରସ୍ତୁତି ସମ୍ପର୍କରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବାତ୍ୟା ମୁକାବିଲା, ଜନସାଧାରଣଙ୍କ ସୁରକ୍ଷା, ଉଦ୍ଧାର ଓ ଥଇଥାନ, ରିଲିଫ୍ ବଣ୍ଟନ, ପାନୀୟ ଜଳ ଯୋଗାଣ ଏବଂ ଜରୁରୀକାଳୀନ ସେବାର ପ୍ରସ୍ତୁତି ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯାଇଥିଲା। 'ଶୂନ୍ୟ ଜୀବନହାନି' ଲକ୍ଷ୍ୟ ହାସଲ ପାଇଁ ସମସ୍ତ ବିଭାଗକୁ ସଜାଗ ରହିବା ସହ ଆବଶ୍ୟକୀୟ ପ୍ରସ୍ତୁତି ଓ ସମନ୍ୱୟ ରକ୍ଷା କରିବାକୁ ଉପମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ।

ଏହି ସମୀକ୍ଷା ବୈଠକରେ ବରିଷ୍ଠ ପ୍ରଶାସନିକ ଅଧିକାରୀ ସୁଦର୍ଶନ ଚକ୍ରବର୍ତ୍ତୀ, ରାୟଗଡ଼ ଜିଲ୍ଲାପାଳ ଶ୍ରୀ ଆଶୁତୋଷ କୁଲକର୍ଣ୍ଣି, ଆରକ୍ଷୀ ଅଧୀକ୍ଷକ ଶ୍ରୀ ରାଜ ପ୍ରସାଦଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଏବଂ ସମସ୍ତ ବ୍ଲକର ଅଧିକାରୀମାନେ ଆଭାସୀ ମାଧ୍ୟମରେ ଯୋଗଦେଇଥିଲେ।ବାତ୍ୟାର ମୁକାବିଲା ପାଇଁ ଜିଲ୍ଲା ଓ ବ୍ଲକ୍ ସ୍ତର ସମେତ ତହସିଲ୍ ଓ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ସ୍ତରରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ କାର୍ଯ୍ୟ କରୁଛି। ଜିଲ୍ଲା ଜରୁରୀକାଳୀନ ଅପରେସନ୍ କେନ୍ଦ୍ର (ଡିଇଓସି)ର ଯୋଗାଯୋଗ ନମ୍ବର ହେଉଛି ୦୬୮୫୬-୨୨୪୦୬୨ / ୨୨୪୦୮୨।

ଓଡ୍ରାଫ ପକ୍ଷରୁ ରାୟଗଡ଼ ଜିଲ୍ଲା ପାଇଁ ୩ଟି ଓଡ୍ରାଫ ଟିମ୍ ଓ ୧ଟି ଏନଡିଆରଏଫ ଟିମ୍ ମୁତୟନ କରାଯାଇଛି। ଗୁଣପୁର ଓ ବିଷମକଟକ ଅଞ୍ଚଳରେ ODRAF ଟିମ୍ ମୁତୟନ ରହିଛନ୍ତି। ଏଥିସହ ୧୧ଟି ଅଗ୍ନିଶମ ବାହିନୀ ଟିମ୍ ଆବଶ୍ୟକୀୟ କର୍ମଚାରୀ ଓ ଯନ୍ତ୍ରପାତି ସହ ପ୍ରସ୍ତୁତ ରହିଛନ୍ତି। ଗୁଣପୁର, ଗୁଡ଼ାରୀ ଓ କାଶୀପୁର ଅଞ୍ଚଳରେ ୩ଟି




ଓଡ୍ରାଫ ମୋଟରଚାଳିତ ଉଦ୍ଧାରକାରୀ ଡଙ୍ଗା ମୁତୟନ କରାଯାଇଛି।

ସହରାଞ୍ଚଳରେ ଡ୍ରେନ୍ ଓ ଜଳ ନିଷ୍କାସନ ପଥ ସଫା କରିବା ପାଇଁ ଆବଶ୍ୟକୀୟ ନିର୍ଦ୍ଦେଶ ଦିଆଯାଇଛି। ଜଳବନ୍ଦୀ ସମସ୍ୟା ଏଡ଼ାଇବା ପାଇଁ ସମ୍ପୃକ୍ତ ବିଭାଗଗୁଡ଼ିକୁ ତତ୍ପର ରହିବାକୁ କୁହାଯାଇଛି।

ଜିଲ୍ଲାର ୩ଟି ସ୍ଥାୟୀ ବହୁମୁଖୀ ଆଶ୍ରୟସ୍ଥଳକୁ ବିଦ୍ୟୁତ୍ ବ୍ୟାକ୍‌ଅପ୍, ପାନୀୟ ଜଳ ଓ ପରିମଳ ଭଳି ଆବଶ୍ୟକୀୟ ସୁବିଧା ସହ ପ୍ରସ୍ତୁତ ରଖାଯାଇଛି। ଏଥିସହ ୧୩୧ଟି ଅସ୍ଥାୟୀ ଆଶ୍ରୟସ୍ଥଳ ଚିହ୍ନଟ କରାଯାଇ ପ୍ରସ୍ତୁତ ରଖାଯାଇଛି। ପ୍ରତ୍ୟେକ ସ୍ଥାୟୀ ଆଶ୍ରୟସ୍ଥଳ ପାଇଁ ଜଣେ ଲେଖାଏଁ ନୋଡାଲ୍ ଅଧିକାରୀ ନିଯୁକ୍ତ ହୋଇଛନ୍ତି। ଜିଲ୍ଲାର ୧୪୮ଟି ବିପଦପ୍ରବଣ ଗ୍ରାମ ଏବଂ ୧୭ଟି ଭୂସ୍ଖଳନପ୍ରବଣ ସ୍ଥାନ ଚିହ୍ନଟ କରାଯାଇଛି।

ଜନସାଧାରଣଙ୍କୁ ଆବଶ୍ୟକ ସମୟରେ ରିଲିଫ୍ ଯୋଗାଇଦେବା ପାଇଁ ଜିଲ୍ଲାରେ ପର୍ଯ୍ୟାପ୍ତ ପରିମାଣର ଶୁଖିଲା ଖାଦ୍ୟ ଓ ଅତ୍ୟାବଶ୍ୟକ ସାମଗ୍ରୀ ମହଜୁଦ ରଖାଯାଇଛି। ଏଥିରେ ୧୨୪.୯୦ କ୍ୱିଣ୍ଟାଲ୍ ଚୁଡ଼ା, ୧୨୭.୨୭ କ୍ୱିଣ୍ଟାଲ୍ ଗୁଡ଼, ୭,୮୯୪ ପ୍ୟାକେଟ୍ ମହମବତୀ, ୩,୧୨୬ଟି ଦିଆସିଲି, ୨୨,୪୫୨ ପ୍ୟାକେଟ୍ ବିସ୍କୁଟ୍, ୧୨,୫୧୭.୦୯ କ୍ୱିଣ୍ଟାଲ୍ ଚାଉଳ ଓ ୮,୦୭୯ ଲିଟର କିରୋସିନ୍ ରହିଛି। ଏଥିସହ ମୁଖ୍ୟ ଗୋଦାମରେ ୩୧୧ଟି ପଲିଥିନ୍ ପ୍ୟାକେଟ୍ ମହଜୁଦ ରଖାଯାଇଛି।

ପ୍ରସବ ତାରିଖ ଆସନ୍ତା ୧୫ ଦିନ ମଧ୍ୟରେ ଥିବା ୨୩୪ ଜଣ ଗର୍ଭବତୀ ମହିଳାଙ୍କୁ ମା' ଗୃହ ଓ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ବାତ୍ୟା ସମୟରେ ମାଆ ଓ ଶିଶୁଙ୍କ ସୁରକ୍ଷା ସୁନିଶ୍ଚିତ କରିବା ସହ ପ୍ରସବ ସମ୍ବନ୍ଧୀୟ ଜରୁରୀକାଳୀନ ସେବା ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଛି। ଆଜି ଜିଲ୍ଲାରେ ୬୪ଟି ପ୍ରସବ ହୋଇଥିବାବେଳେ ୬୪ଟି ଜୀବିତ ଶିଶୁ ଜନ୍ମ ହୋଇଛନ୍ତି ଏବଂ ମୃତ ଶିଶୁ ଜନ୍ମର କୌଣସି ଘଟଣା ରିପୋର୍ଟ ହୋଇନାହିଁ।

ଜରୁରୀକାଳୀନ ଉଦ୍ଧାର ଓ ରାସ୍ତା ସଫା କାର୍ଯ୍ୟ ପାଇଁ ୪୫ଟି ଜେସିବି ଏବଂ ୨ଟି ହାଇଡ୍ରୋ କ୍ରେନ୍ ପ୍ରସ୍ତୁତ ରଖାଯାଇଛି। ସମସ୍ତ ଅଧିକାରୀଙ୍କୁ ମୁଖ୍ୟାଳୟ ନଛାଡ଼ିବା, ଆବଶ୍ୟକୀୟ ମାନବସମ୍ବଳ ଓ ଯନ୍ତ୍ରପାତି ପ୍ରସ୍ତୁତ ରଖିବା ଏବଂ ନିଜ ନିଜ ଦାୟିତ୍ୱ ସଠିକ୍ ଭାବେ ନିର୍ବାହ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ପିକନିକ୍ ସ୍ଥଳ, ପର୍ଯ୍ୟଟନ ସ୍ଥାନ ଓ ଗାଧୁଆ ଘାଟ ଆଦିରେ ପୁଲିସ୍ କର୍ମଚାରୀ ମୁତୟନ କରିବା ପାଇଁ ବ୍ୟବସ୍ଥା କରାଯାଇଛି। ବାତ୍ୟାର ସମ୍ଭାବ୍ୟ ପ୍ରଭାବକୁ ଦୃଷ୍ଟିରେ ରଖି ରାୟଗଡ଼ ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶାବଳୀ ମାନିବା, ଅନାବଶ୍ୟକ ଭାବେ ବାହାରକୁ ନଯିବା ଏବଂ ଭାରତୀୟ ପାଣିପାଗ ବିଭାଗ (IMD), SRC ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଜାରି ଅଧିକୃତ ସୂଚନା ଓ ପରାମର୍ଶ ଉପରେ ଭରସା କରିବାକୁ ଅନୁରୋଧ କରାଯାଇଛି।ବିଶେଷକରି ପ୍ରସବ ସମୟ ପାଖେଇ ଆସିଥିବା ଗର୍ଭବତୀ ମାଆମାନେ ଡାକ୍ତର, ପ୍ରଶାସନିକ ଅଧିକାରୀ, ଅଙ୍ଗନୱାଡ଼ି କର୍ମୀ ଓ ଆଶା କର୍ମୀଙ୍କ ପରାମର୍ଶ ଅନୁଯାୟୀ ନିରାପଦ ମା' ଗୃହ କିମ୍ବା ଡାକ୍ତରଖାନାକୁ ସ୍ଥାନାନ୍ତର ହେବାକୁ ଅନୁରୋଧ କରାଯାଇଛି।ଜିଲ୍ଲା ପ୍ରଶାସନ ପକ୍ଷରୁ ବାତ୍ୟାର ଗତିବିଧି ଉପରେ ନିରନ୍ତର ନଜର ରଖାଯାଇଛି। ଜନସାଧାରଣଙ୍କ ସୁରକ୍ଷା, ଜରୁରୀକାଳୀନ ସେବା ଯୋଗାଣ ଓ ବିପଦ ସମୟରେ ତ୍ୱରିତ ପଦକ୍ଷେପ ଗ୍ରହଣ ପାଇଁ ସମସ୍ତ ବିଭାଗ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରୁଛନ୍ତି।

## ଗୀତିକାର ବିକ୍ରମ ରଣଭୋଇଁସା ଙ୍କ ଦ୍ୱାରା 'ହେ ମା ମହା ଲକ୍ଷ୍ମୀ ' ଭଜନ ମୁକ୍ତିଲାଭ

ଆଠମଲ୍ଲିକ (ନିପ୍ର ): ଆଠମଲ୍ଲିକ ବ୍ଲକ ମାଧପୁର ପଞ୍ଚାୟତ ମାଧପୁର ଛକ ରେ ଅନୁଷ୍ଠିତ ହେଉଥିବା ଚୌରାଶୀ ମା ମହା ଲକ୍ଷ୍ମୀ ଙ୍କ ପୂଜା ଅବସରରେ ଗୀତିକାର ବିକ୍ରମ ରଣଭୋଇଁସା ଙ୍କ ଦ୍ୱାରା ଲିଖିତ ନୂତନ ଭଜନ 'ହେ ମା ମହାଲକ୍ଷ୍ମୀ ମୁକ୍ତିଲାଭ କରିଥିଲା । ଏହି ଅବସରରେ ଅନୁଷ୍ଠିତ ମୁକ୍ତିଲାଭ ସଭା ରେ ପୂଜା କମିଟି ସଭାପତି ରାମଚନ୍ଦ୍ର ମହାକୁଡ଼, ସମ୍ପାଦକ ଅଜିତ କୁମାର ଆଚାର୍ଯ୍ୟ, କୋଷାଧକ୍ଷ ଅନନ୍ତ ଚରଣ ମେହେର,




ଉପଦେଷ୍ଟା ଶ୍ରୀକାନ୍ତ ମାହାର, ଆଦିତ୍ୟ ପଣ୍ଡା, ସିପୁନ କୁମାର ପ୍ରଧାନ, ଦୁଃଶାସନ ପ୍ରଧାନ ପ୍ରମୁଖ ମଞ୍ଚାସିନ ଥିବା ବେଳେ ସୁଜିତ କୁମାର କାର୍ଯ୍ୟକ୍ରମ କୁ ସଂଯୋଜନା କରିଥିଲେ କ୍ଷ ଭଜନ ର ଗୀତ ଓ କଣ୍ଠଦାନ ବିକ୍ରମ ରଣଭୋଇଁସା କରିଥିବା ବେଳେ ସଂଗୀତ ର ରୂପ ଦେଇଥିଲେ ବ୍ରହ୍ମା କୁମ୍ଭାର । ଏହି କାର୍ଯ୍ୟକ୍ରମ ରେ ରଣଭୋଇଁସା ଙ୍କ କଣ୍ଠ ରୁ ଏହି ଭଜନ ଶୁଣି ଶ୍ରୋତା ମାନେ ଖୁସିବ୍ୟକ୍ତ କରିଥିଲେ ।

# ମାନସିକ ଭିନ୍ନକ୍ଷମ ଯୁବତୀ ଉଦ୍ଧାର

ପାରାଦୀପ,୨୮।୧୦(ନି.ପ୍ର.): ଆଜିର ସମାଜରେ ପ୍ରତିଦିନ ଅନେକ ମହିଳା, ନାବାଳିକା, କେତେ ପ୍ରକାର ନିର୍ଯ୍ୟାତନାର ଶିକାର ହେବା ନୀତି ଦିନିଆ ଘଟଣାରେ ପରିଣତ ହେଇଗଲାଣି କହିଲେ ଅତ୍ୟୁକ୍ତି ହେବନି । ଏମାନଙ୍କୁ ସୁରକ୍ଷା ପ୍ରଦାନ ଦିଗରେ ହେଉ ଅବା ଥଇଥାନ କରିବାରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି ବ୍ୟାସ ଫାଉଣ୍ଡେସନ ର ଅଧକ୍ଷା ସ୍ନେହମୟୀ ଆଚାର୍ଯ୍ୟ । ତାଙ୍କର ସମାଜ ପ୍ରତି ଥିବା ଅବଦାନକୁ ବିଭିନ୍ନ ମହଲରୁ ଶ୍ରୀମତୀ ଆଚାର୍ଯ୍ୟ ଙ୍କୁ ଶୁଭେଚ୍ଛା ମିଳିବାରେ ଲାଗିଛି । ଅନେକ ଉଦାହରଣ ଥିଲେ ସୁଦ୍ଧା ଶ୍ରୀମତୀ ସ୍ନେହମୟୀ ଆଚାର୍ଯ୍ୟ,ବ୍ୟାସ ବିଷ୍ଣୁ ସ୍ନେହାଳୟ ର ସଭାପତି ଡା,ପଣ୍ଡିତ ସିଦ୍ଧେଶ୍ୱର ପଣ୍ଡା, ସଭ୍ୟ ମନୋଜ ପ୍ରଧାନ ପ୍ରମୁଖ ଏକ ସାମାଜିକ କାର୍ଯ୍ୟ ସାରି ଫେରିଲା ବେଳକୁ ଗୋପିନାଥ ଜୀଉ ରେଳ ଷ୍ଟେସନ, ବନିକୁନ୍ଦ ନିକଟରେ ଏକ ପ୍ରାପ୍ତ ବୟସ୍କା ମାନସିକ ଭିନ୍ନକ୍ଷମ ଯୁବତୀ ନିରାଶ୍ରୟ ଭାବେ ବୁଲା ବୁଲି କରୁଥିବା ଦେଖିବାକୁ ପାଇଥିଲେ । ବିଳମ୍ବିତ ରାତ୍ରି ହୋଇ ଥିବାରୁ ଯୁବତୀ ସହ କିଛି ଅଘଟଣ ଘଟିବାର ସମ୍ଭାବନାକୁ ଦୃଷ୍ଟିରେ ରଖି ତୁରନ୍ତ ଶ୍ରୀମତୀ ସ୍ନେହମୟୀ ଆଚାର୍ଯ୍ୟ ମହୋଦୟକ୍ଷ କୁଜଙ୍ଗ ପୁଲିସ କୁ ଯୋଗାଯୋଗ କରିଥିଲେ । ଥାନା ରେ ପୂଜା କାର୍ଯ୍ୟ ଚାଲୁ ଥିଲେ ସୁଦ୍ଧା ଥାନାର ଭାରପ୍ରାପ୍ତ ଅଧିକାରୀ ଶିବାଶିଷ ଦାସ ଯୁବତୀ ଙ୍କୁ ଉଦ୍ଧାର କରିଥିଲେ କ୍ଷ ମାତ୍ର ମହିଳା ପୁଲିସ ନ ଥିବାରୁ ତଥା ବିଳମ୍ବିତ ରାତି ହୋଇ ଥିବାରୁ ଯୁବତୀକୁ ୱାନ୍ ଷ୍ଟପ୍ କେନ୍ଦ୍ର କୁ ନେବା ସମ୍ଭବ ନ ହେବାରୁ ଶ୍ରୀମତୀ ଆଚାର୍ଯ୍ୟଙ୍କ ତତ୍ତ୍ୱାବୋଧାନରେ ଉକ୍ତ ଯୁବତୀଙ୍କୁ ଆଇନଜୀବି ମଞ୍ଜୁଲତା ରାଉତ ଙ୍କୁ ଯୋଗାଯୋଗ



କରି ରଜନୀ ଦେବୀ ଜରାଶ୍ରମ କୁଜଙ୍ଗ ଠାରେ ଥଇଥାନ କରାଇଥିଲେ ପରେ ସଖି କେନ୍ଦ୍ର ଜଗତସିଂହପୁର କୁ ସ୍ଥାନାନ୍ତରିତ କରାଯିବ ବୋଲି ଶ୍ରୀମତୀ ଆଚାର୍ଯ୍ୟ ପ୍ରକାଶ କରିଛନ୍ତି କ୍ଷ କୁଜଙ୍ଗ ପୁଲିସ ର ସହାୟତା ତଥା ରଜନୀ ଦେବୀ ଜରାଶ୍ରମର କର୍ମକର୍ତ୍ତା ଏବଂ ସଖି କେନ୍ଦ୍ର ର ତତ୍ତ୍ୱାବଧାରକ ପୂର୍ଣ୍ଣ ଚନ୍ଦ୍ର ମଲ୍ଲ ,ମେନକା ସିଂହ,ସୁସ୍ମିତା ଦାସ ଏବଂ ସମସ୍ତ କର୍ମକର୍ତ୍ତା ଙ୍କୁ ବ୍ୟାସ ସଂଗଠନ ପକ୍ଷରୁ କୃତଜ୍ଞତା ଜଣାଇଛନ୍ତି ଶ୍ରୀମତୀ ଆଚାର୍ଯ୍ୟ ।

## ଓୟୁଏଟି ତରଫରୁ ପାକଶାଳା ବଗିଚା ସମ୍ବନ୍ଧୀୟ ତାଲିମ ଶିବିର

ଜଗତସିଂହପୁର,୨୮।୧୦(ନି.ପ୍ର.): ସର୍ବଭାରତୀୟ ସମନ୍ୱିତ ପନିପରିବା ଫସଲ ଗବେଷଣା ପ୍ରକଳ୍ପ ଓ କୃଷି ବିଜ୍ଞାନ କେନ୍ଦ୍ର, ଜଗତସିଂହପୁରର ମିଳିତ ପ୍ରୟାସରେ ସଂପ୍ରତି ଜଗତସିଂହପୁର ଜିଲ୍ଲା ଅନ୍ତର୍ଗତ ଏରସମା ବ୍ଲକର ଅଚ୍ୟୁତଦାସପୁର ଗ୍ରାମରେ ଅନୁସୂଚିତ ଜାତି ଉପଯୋଜନା ଆନୁକୂଲ୍ୟରେ ଏକ କୃଷକ ପାକଶାଳା ତାଲିମ ଶିବିର ଓ କୃଷି ସାମଗ୍ରୀ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅଚ୍ୟୁତଦାସପୁର ଗ୍ରାମ ଓ ଆଖପାଖ ଗ୍ରାମର ୬୦ ରୁ ଅଧିକ ଅନୁସୂଚିତ ଜାତିର କୃଷକ ଓ କୃଷି ମହିଳା ସକ୍ରିୟ ଭାବରେ ଅଂଶ ଗ୍ରହଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ ଡ଼ଃ. ଜୀବନଜିତ୍ ସେନ୍ ପରିଚାଳନା କରିଥିଲେ।ଏହି



ଅବସରରେ ଅଖିଳ ଭାରତୀୟ ପନିପରିବା ଫସଲ ଗବେଷଣା ପ୍ରକଳ୍ପ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରର ମୁଖ୍ୟ ବୈଜ୍ଞାନିକ ଡ଼ଃ ଅନିତା ମହାନ୍ତି ଯୋଗଦେଇ କିପରି ବୈଜ୍ଞାନିକ ପ୍ରଣାଳୀରେ ପାକଶାଳା ବଗିଚାର ପରିଚାଳନା ହୋଇପାରିବ ଚାଷୀ ମାନଙ୍କୁ ବୁଝାଇଥିଲେ । ଏହି ପ୍ରକଳ୍ପର ଅନ୍ୟତମ ବୈଜ୍ଞାନିକ ଡ଼ଃ ସୃଜନୀ ବେହେରା, ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପନିପରିବାରେ ରୋଗ ପୋକ ପରିଚାଳନା ଉପରେ ଗୁରୁତ୍ୱ ଦେଇଥିଲେ କ୍ଷ ଉକ୍ତ କାର୍ଯ୍ୟକ୍ରମ ରେ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ଼ଃ ଦେବାଶିଷ ପଣ୍ଡା ଏବଂ ଡ଼ଃ ପ୍ରଦୀପ୍ତ ମାଝୀ ଶୀତ ଦିନିଆ ପନିପରିବା ର ରୋଗ ପୋକ ପରିଚାଳନା ଏବଂ ମୃତ୍ତିକା ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱ ଦେଇଥିଲେ। ଏଥିରେ ଏରସମା ବ୍ଲକ ର ସହକାରୀ କୃଷି ଅଧିକାରୀ ଲିପ୍ସାରାଣୀ ବେହେରା ଯୋଗଦେଇ ପାକଶାଳା ବଗିଚା ବିଷୟରେ ଆଲୋଚନା କରିଥିଲେ । ପ୍ରକଳ୍ପ ତରଫରୁ ଓୟୁଏଟି ର ଉନ୍ନତ ମାନର ମଞ୍ଜି, ପୋଟ୍ରେ,ସ୍ପ୍ରେୟର,ଜାଲ ଇତ୍ୟାଦି ପ୍ରଦାନ କରାଯାଇଥିଲା ଓ ଏହା ସହିତ କୃଷି ବିଜ୍ଞାନ କେନ୍ଦ୍ରର ତରଫରୁ ଖେତ ବଞ୍ଚାଅ ଅଭିଯାନ ସମ୍ବନ୍ଧୀୟ ପରାମର୍ଶ ଦିଆଯାଇଥିଲା ଓ ଏହି କାର୍ଯ୍ୟକ୍ରମ ଦ୍ୱାରା ଗ୍ରାମବାସୀ ଅନୁସୂଚିତ ଜାତି କୃଷକ ମାନଙ୍କର ଆର୍ଥିକ ସ୍ଥିତି ସୁଦୃଢ଼ ହେବ ବୋଲି ଆଶା ପ୍ରକାଶ କରିଥିଲେ। ପରିଶେଷରେ ଉକ୍ତ ଗ୍ରାମର କୈଳାସ ଜୟସିଂ ଧନ୍ୟବାଦ ଅର୍ପଣ କରିଥିଲେ।

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104 , Email : odishamanthan@gmail.com

● Editor : Sarat Raut

ସଂପାଦକ: ଶରତ ରାଉତ